ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୮ |
| **କାହାଣୀ ବିଭାଗ** | | **୧୭** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୧ | ଅଶୋକ ବିଶ୍ୱାଳ | ୧୮ |
| କରୁଣା | ଅମୃତ ନାରାୟଣ ଶତପଥୀ | ୩୦ |
| ବାପାଙ୍କ ଶେଷ ଇଚ୍ଛା | ନିତ୍ୟରଞ୍ଜନ ନନ୍ଦ | ୩୪ |
| ଆଲିଙ୍ଗନ | ସୁନନ୍ଦା ମହାନ୍ତି | ୪୦ |
| କିଛି କଥା ଏ ବର୍ଷାଭିଜା ସନ୍ଧ୍ୟାର | ରୁଦ୍ର ନାରାୟଣ ଦାଶ | ୪୨ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୪୪ |
| **କବିତା ବିଭାଗ** | | **୫୧** |
| ଆକାଶ (ବ୍ୟୋମ) | ଶିବ ନାରାୟଣ ଦାଶ | ୫୨ |
| କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କ କବିତା | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୫୫ |
| ମୋ'ରି ବୋଉ | ଅନସୂୟା ପଣ୍ଡା | ୬୦ |
| ସୀତା ବନାମ ବୁଦ୍ଧ | ରାଧାମୋହନ ପୂଜାହାରୀ | ୬୩ |
| ଛୋଟ ମୋର ଗାଁଟି | ଅମୃତ ନାରାୟଣ ଶତପଥୀ | ୬୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଆଖିର କଥା | ଦଣ୍ଡାସି ପ୍ରଧାନ | ୬୬ |
| ଏଇତ ଜୀବନ | ସୁମିତ୍ରା ପୃଷ୍ଟି | ୭୨ |
| ଗୁହାରି | ଅଞ୍ଜଳି ଦାସ | ୭୩ |
| ଆହ୍ୱାନ | ସନ୍ତୋଷ ପଟ୍ଟନାୟକ | ୭୪ |
| ଅଧୈର୍ଯ୍ୟ | ପୁଷ୍ପାଞ୍ଜଳୀ ପଣ୍ଡା | ୭୬ |
| ବିଶ୍ୱ ଭ୍ରାତୃତ୍ୱ | ଗୁପ୍ତେଶ୍ୱର ଚାନ୍ଦ | ୭୮ |
| ଶତାବ୍ଦୀର ସୂର୍ଯ୍ୟ | ସୁବ୍ରତ କୁମାର ପ୍ରଧାନ | ୭୯ |
| ଓଡ଼ିଆ ମୋ ମାତୃଭାଷା | ବାସନ୍ତୀ ଲତା ଜେନା | ୮୧ |
| ସମୟ | ସେବକ ବସନ୍ତ କୁମାର ମହାପାତ୍ର | ୮୨ |
| ଫେରି ଆସ | ଆଦରମଣୀ ପ୍ରଧାନ | ୮୪ |
| ଦାଦନ ପୁଅର ଚିଠି | ବାଲାଜୀ ସେଠୀ | ୮୫ |
| ଗୋଲାପ | ରାହୁଲ ଚନ୍ଦ୍ର ଘଡ଼େଇ | ୮୭ |
| ଲୁହ | ସ୍ମିତା ପଣ୍ଡା | ୯୦ |
| ଗ୍ରୀଷ୍ମ ଗୋଧୂଳି | ବୀରକିଶୋର ନାୟକ | ୯୨ |
| ଅଦୃଶ୍ୟ ଯନ୍ତ୍ରଣା | ପଙ୍କଜ କୁମାର ମଙ୍ଗଳ | ୯୪ |
| ଅବୁଝା ମନ | ଦେବାର୍ଚ୍ଚନ ମେହେର | ୯୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ସିଏ କିଏ କି ? | ନିରଞ୍ଜନ ସାହୁ | ୯୭ |
| ପ୍ରଭୁ ଶୁଣିବେ ମୋ ଆରତ | ଶିଶିର କୁମାର ପଣ୍ଡା | ୯୮ |
| ଗ୍ରହ ଗର୍ଭେ | ସ୍ମୃତିରଞ୍ଜନ ବାରିକ | ୯୯ |
| ପଖାଳ | ବିଜୁ ମହେନ୍ଦ୍ର | ୧୦୨ |
| ସ୍ମୃତି | ବୁଲୁ ରଥ | ୧୦୪ |
| ଛଦ୍ମ ଭେଳିକି | ତାରା ପ୍ରସାଦ ଜେନା | ୧୦୫ |
| ଜୀବନ | ସୁନନ୍ଦା ମହାନ୍ତି | ୧୦୬ |
| ପତି ପତ୍ନୀ | ସୁରେଶ ଚନ୍ଦ୍ର ପାଢ଼ୀ | ୧୦୭ |
| କଣ୍ଟିଲୋ ନୀଳମାଧବ | ରାମଚନ୍ଦ୍ର ପ୍ରଧାନ | ୧୦୯ |
| ଆହେ ବତୀଘର ମୋର | ନୀଳମଣି ଚାନ୍ଦ | ୧୧୦ |
| ସମୟ ସ୍ମୃତିର ବାଲି | ଆଶୁତୋଷ ମେହେର | ୧୧୧ |
| ବିଧବା | କିରଣ କୁମାର ମହାନ୍ତି | ୧୧୨ |
| ଦୃଢ଼କର ମନୋବଳ | ନରେନ୍ଦ୍ର ପ୍ରସାଦ ବେହେରା | ୧୧୪ |
| ଚଇତି | ସତ୍ୟ ନାରାୟଣ ମିଶ୍ର | ୧୧୬ |
| ହେ ପ୍ରିୟତମା | ଭବାନୀ ଶଙ୍କର ଦାଶ | ୧୧୮ |
| ହେ ମହାମାନବ | ବେଣୁଧର ସୁରୁଜାଳ | ୧୧୯ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଭଲ ପାଉଥିବି କାଳ କାଳକୁ | ରାଜେନ୍ଦ୍ର କୁମାର ବିଷୋୟୀ | ୧୨୧ |
| କରିବା ସାଧୁସଙ୍ଗତ | ଅମରନାଥ ବାରିକ | ୧୨୨ |
| **ସଂବଲପୁରୀ ବିଭାଗ** | | **୧୨୩** |
| ଦାଦନ୍ | ହେମନ୍ତ ପଧାନ | ୧୨୪ |
| **ପ୍ରବନ୍ଧ ବିଭାଗ** | | **୧୨୬** |
| ମୋ ଆଖିରେ ଲୁହ | ବିଜୟ କୁମାର ସାହୁ | ୧୨୭ |
| ଭଲ ମଣିଷ ଖୋଜା ଚାଲିଛି | ଡଃ ମନୋରଞ୍ଜନ ବିଷୋୟୀ | ୧୪୪ |
| ସ୍ୱଭାବକବି ଗଙ୍ଗାଧର ମେହେର | ଅକ୍ଷୟ କୁମାର ରାଉତ | ୧୪୭ |
| ପୁରୁଷ କମିଶନ କେବେ ? | ନିଗମ ବେହେରା | ୧୫୨ |
| ଇଂରାଜୀ ଲୋକପ୍ରିୟ କାହିଁକି ? | ଅସିତ ମହାନ୍ତି | ୧୫୮ |
| ଅଭୂଲା ସ୍ମୃତିର ଉନ୍ମୁକ୍ତ ଚେତନା | ପଙ୍କଜ କୁମାର ପାଣିଗ୍ରାହୀ | ୧୬୪ |
| ଓଡ଼ିଶାର ସଂସ୍କୃତି ଗଳ୍ପ | ତ୍ରିନାଥ ନନ୍ଦୀ | ୧୬୮ |
| ଲଣ୍ଠନ | ଅନନ୍ତ କୁମାର | ୧୭୪ |
| ବିଶେଷ ସୂଚନା | | ୧୭୬ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୨୨ ସଂସ୍କରଣ ସହ ମୁଁ ଆପଣଙ୍କ ସେବାରେ ଉପସ୍ଥିତ । ବିଗତ ଦୁଇ ସଂସ୍କରଣ ବହୁତ ବିଳମ୍ବରେ ପ୍ରକାଶିତ ହେବା ପଛରେ କର୍ମବ୍ୟସ୍ତତା ଏବଂ ଅନେକ କାରଣ ରହିଛି । ସେ ଯାହେଉ ଆଗକୁ ଆମେ ଚେଷ୍ଟା କରିବା ଯେମିତି ସଠିକ୍ ସମୟରେ ପତ୍ରିକା ପ୍ରକାଶିତ ହୋଇପାରିବ । ଖରାଦିନ ପ୍ରବଳ ହେଉଛି, ରାଜ୍ୟର ଅଭ୍ୟନ୍ତରୀଣ ଅଞ୍ଚଳରେ ଦିନ ବେଳର ତାପମାତ୍ରା ବହୁତ ଅଧିକ ରହୁଥିବାର ଖବର ଆମେ ଶୁଣିବାକୁ ପାଉଛୁ, ତେଣୁ ସାବଧାନ ରହିବେ । ଅତି ଆବଶ୍ୟକ ନ ହେଲେ ଖରାରେ ବାହାରକୁ ବାହାରନ୍ତୁ ନାହିଁ । ସବୁବେଳେ ଛତା କିମ୍ବା ଟୋପି ବ୍ୟବହାର କରନ୍ତୁ । ସାଙ୍ଗରେ ପାଣି ବୋତଲ ନେଇ ଯିବାକୁ ଭୁଲିବେ ନାହିଁ । ଅଦ୍ୟବଧି କରୋନା ସଂକ୍ରମଣ ସ୍ତର ସମ୍ପୂର୍ଣ୍ଣ ଭାବରେ ଶୂନ ହୋଇନାହିଁ, ତେଣୁ ସେହି ଜନିତ ସଂକ୍ରମଣଠାରୁ ମଧ୍ୟ ନିଜକୁ ସୁରକ୍ଷିତ ରଖିବା ବ୍ୟବସ୍ଥା କରନ୍ତୁ ।

ଗଞ୍ଜାମ ଜିଲ୍ଲାର ପ୍ରତିଷ୍ଠିତ ଆରାଧ୍ୟା ମା ତାରାତାରିଣୀ ପୀଠ ଏବେ ନୂତନ ଆଲୋକରେ ଝଲସୁଛି । ବିଗତ ଦିନରେ ମାଆଙ୍କ ମନ୍ଦିରରେ ନବକଳେବର ହୋଇଥିବା ବେଳେ ଏବେ ମନ୍ଦିର ଚତୁର୍ପାର୍ଶ୍ୱରେ ଅନେକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ୟବସ୍ଥାମାନ ଗଢ଼ି ଉଠିଛି ଏବଂ ସେହି ସବୁ ନିର୍ମାଣର ପ୍ରତିଷ୍ଠା ଉତ୍ସବ ଏବେ ମହା ଧୁମଧାମରେ ପାଳିତ ହେଉଛି । ବିଗତ ଦୁଇ ବର୍ଷରେ କରୋନା ହେତୁ ଅନେକ ଲୋକ ନିଜର ଜୀବିକା ହରାଇଛନ୍ତି, ଆଶା କରାଯାଉଛି, ମନ୍ଦିରର ଏହି ନବକଳେବର ଏବଂ ସମୁଦାୟ ପୀଠର ନୂତନ ସ୍ୱରୂପ ଦେଖିବାପାଇଁ ଧିରେ ଧିରେ ପର୍ଯ୍ୟଟନରେ ବୃଦ୍ଧି ହେବ । ଏହା ଆମ ଜିଲ୍ଲା ତଥା ରାଜ୍ୟପାଇଁ ବିଶେଷ ଭାବରେ ଲାଭଜନକ ହେବ ନିଶ୍ଚୟ ।

ବିଗତ ତିନି ମାସରୁ ଅଧିକ ସମୟଧରି ଋଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଛି । ସ୍ଥିତି ପୂର୍ବବତ ବଳବତ୍ତର ରହିଥିବା ବେଳେ ଏହାଦ୍ୱାରା ବିଶ୍ୱ ବାତାବରଣରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି । ଏଥିପାଇଁ ବିଶ୍ୱର ତାପମାତ୍ରା ବୃଦ୍ଧିପାଇବା ନେଇ ଚିନ୍ତା କରିବା ସମୟ ଆସିଯାଇଛି । ଦିନଟିଏ ପାଇଁ ଭାରତରେ ଦୀପାବଳୀ ପର୍ବ ପାଳନ କରିବା ବେଳେ ଅନେକ ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରାଯାଏ, ତେଣୁ ଏହି ଯୁଦ୍ଧ ପାଇଁ ନିଶ୍ଚୟ ଭାବରେ ଆମକୁ ଚିନ୍ତା କରିବାକୁ ହେବ ।

ଭାରତୀୟ ଗଣମାଧ୍ୟମ ଯେକୌଣସି ସମ୍ବାଦକୁ ଏତେ ରୋମାଞ୍ଚକର କରି ଉପସ୍ଥାପନ କରିଦିଏ ଯେ, ନ ପଢିବା ବା ଦେଖିବା ଲୋକ ମଧ୍ୟ ଥରେ ଖବର କଣ ଜାଣିବା ପାଇଁ ଦେଖିବାକୁ ବାଧ୍ୟ ହୋଇଯାଏ । ବିଗତ ଦିନରେ ଦେଶର ଅନେକ ଘଟଣାକୁ ଯେଉଁଭଳି ଭାବରେ ପ୍ରସ୍ତୁତ କରାଯାଇଥିଲା ତାହା ଦେଖିବା ପରେ ଆପଣ ବି ମନେ ମନେ ଏହି ସବୁ ଗଣମାଧ୍ୟମକୁ ଗାଳି ଦେବାକୁ ପଛାଇ ନଥିବେ । ଘଟଣା ଯାହା ବି ହେଉ ନା କାହିଁକି, ଏମାନେ ଏମିତି ଭାବରେ ଉପସ୍ଥାପନ କରିବେ, ଯେମିତି କିଛି ଗୋଟାଏ ବଡ଼ ଘଟଣା ଘଟିଯାଇଛି ।

କିନ୍ତୁ ଏହି ଗଣମାଧ୍ୟମରୁ ହିଁ ବେଳେ ବେଳେ ଆମକୁ ଅନେକ ଆମୋଦଜନକ ଖବର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଶୁଣିବାକୁ ମିଳେ । ବିଗତ ସପ୍ତାହରେ ଘଟିଥିବା ତିନୋଟି ଘଟଣା ଯାହାର ଭିଡ଼ିଓ ଖୁବ୍ ଭାଇରାଲ ହୋଇଥିଲା, ତାହା ଓଡ଼ିଶାର ସାମ୍ପ୍ରତିକ ସମୟରେ ସମସ୍ୟାକୁ ଆଲୋକପାତ କରୁଥିଲା । ପ୍ରଥମତଃ ପୁରୀ ବଡ଼ଦାଣ୍ଡରେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଣେ ଯୁବତୀ ଗୋଟିଏ ଚଳଚ୍ଚିତ୍ର ଗୀତରେ ନୃତ୍ୟକରି ଭିଡ଼ିଓ ରେକର୍ଡିଂ କରିବା ଦୃଶ୍ୟ ସୋସିଆଲ୍ ନେଟୱର୍କରେ ଭାଇରାଲ୍ ହେଲା । ଅନେକେ ଏହାକୁ ବର୍ତ୍ତମାନର ପୀଢ଼ିର ନୈତିକ ସ୍ଖଳନ ଓ ଅଶ୍ଳୀଳ ବୋଲି କୁହାଇବାକୁ ପଛାଇଲେ ନାହିଁ । ଯୁବତୀ ଜଣଙ୍କୁ ସୋସିଆଲ୍ ମିଡ଼ିଆରେ ଭର୍ତ୍ସନା କରିବାକୁ ଲୋକମାନେ ଏଭଳି ପ୍ରତିଯୋଗିତା ମୂଳକ ଉତ୍ସାହ ଦେଖାଇଲେ, ଯେ କ୍ଷଣଟେ ପାଇଁ ଲାଗିଲା, ଏଇ ଲୋକମାନେ ଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ କେତେ ଚିନ୍ତାଶୀଳ । ପୁଣୀ ପରେ ମନେ ପଡ଼ିଲା ଆରେ ହେ, ମନ୍ଦିର ଚାରିପାଖରେ ଥିବା ଅଗଣିତ ମଠକୁ ଓଡ଼ିଶା ସରକାର ଧ୍ୱସ୍ତ କରିଦେବାପରେ ସେଠାରେ ସେମାନେ ଭକ୍ତମାନଙ୍କ ପାଇଁ ଶୌଚାଳୟ ନିର୍ମାଣ କରାଉଛନ୍ତି ବୋଲି କହିବା ବେଳକୁ ଏହି ଲୋକମାନେ କେହି ତୁଣ୍ଡ ଖୋଲିନଥିଲେ ତ ? ମନ୍ଦିର ଚାରିପାଖରେ ଖୋଳାଖୋଳି କରି ଶତାବ୍ଦୀ ଶତାବ୍ଦୀ ପୁରୁଣା ମନ୍ଦିର ପ୍ରତି ବିପଦ ଆଣୁଥିବା ବ୍ୟବସ୍ଥାକୁ କେହି ଊଁ କି ଚୁଁ କରିଲେନି, ଅଥଚ ନିଜର ଭାବକୁ ଜଣେ ଯୁବତୀ ଗୀତ ମାଧ୍ୟମରେ ଭିଡ଼ିଓ କରିବାକୁ ଏମାନଙ୍କୁ ଅଶ୍ଳୀଳ ମନେ ହେଲା ? ରଥଯାତ୍ରା ବେଳେ ରଥ ଉପରୁ ଯେଉଁ ଡାକ ସବୁ ଦିଆଯାଏ, ତାହା ଅଶ୍ଳୀଳ ଲାଗେ ନାହିଁ ? ବଡ଼ଦାଣ୍ଡରେ ଅଗଣିତ ଭକ୍ତ ନାଚ କରନ୍ତି, ସେଥିରେ ଭକ୍ତି ଦେଖାଯାଏ, ଅଥଚ ଯୁବତୀଟିଏ ଗୀତ ମାଧ୍ୟମରେ ଭକ୍ତି ଜଣାଇବା ଏମାନଙ୍କୁ ଅଶ୍ଳୀଳ ଲାଗିଗଲା ! ! !

ଅନେକ ବୁଦ୍ଧିଜୀବି ଏହି ଘଟଣାକୁ ନିନ୍ଦା କରିବା ସହ କିଛି କିନ୍ତୁ ଏଥିରେ ଯୁବତୀଙ୍କୁ ସମାଲୋଚନା କରିବାକୁ ମନା କରିଦେଇଛନ୍ତି । ଏହା ବ୍ୟକ୍ତିର ବ୍ୟକ୍ତିଗତ ବ୍ୟାପାର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଗବାନଙ୍କୁ ଆପ୍ୟାୟିତ କରିବାପାଇଁ କିଏ କେଉଁ ଭଳି ଭାବରେ ନିଜ ଭକ୍ତିର ପ୍ରଦର୍ଶନ କରିବ, ତାହାକୁ ନେଇ ଅନ୍ୟମାନେ ଆକ୍ଷେପ କରିବା ଅନୁଚିତ ବୋଲି ଆମର ବ୍ୟକ୍ତିଗତ ମତ । ଅବଶ୍ୟ ଆମେ ନିଜକୁ ଜଗନ୍ନାଥଙ୍କ ମହାନ ଭକ୍ତ ବୋଲି କୁହାଉ ନାହୁଁ । ତେଣୁ ହୁଏତ ଆମଠାରୁ ଅଧିକ ଭକ୍ତି କରୁଥିବା ବୁଦ୍ଧିଜୀବି ମାନେ ଏହାକୁ ନେଇ ଅନ୍ୟମତ ରଖି ପାରନ୍ତି ।

ଏକ ଘଟଣାରେ ବିବାହ ପରେ ଚଉଠି ରାତିରେ ହିଁ ବର କନ୍ୟା ମଧ୍ୟରେ ଅପଡ଼ ହେବାପରେ ପରଦିନ ସକାଳୁ ସକାଳୁ ବରକୁ ଅଚିହ୍ନା ଲୋକମାନେ ମନ୍ଦିର ନିକଟରେ ମାଡ଼ମାରିବା ଏବଂ ପରେ ପରେ ବିବାହିତା କନ୍ୟା ଘରୁ ସୁନା ଆଉ ଟଙ୍କା ନେଇ ଫେରାର ହୋଇଯିବା ଭଳି ଖବରକୁ ଅତ୍ୟନ୍ତ ରୋଚକ ଭାବରେ ଓଡ଼ିଆ ଗଣମାଧ୍ୟମ ଉପସ୍ଥାପନ କରିଥିଲେ । ବିବାହ ପରେ ସମ୍ପୃକ୍ତା ମହିଳା ରାତିରେ ଉଲଗ୍ନ ହୋଇ କାହା ସହ ଭିଡ଼ିଓ ଚାଟିଂ କରୁଥିଲେ ବୋଲି ଗୋଟିଏ ଗଣମାଧ୍ୟମ ଦାବୀ କରୁଥିବା ବେଳେ, ଉଭୟ ପକ୍ଷରୁ ବାରମ୍ବାର କଥା କଟାକଟି ଏହି ସବୁ ଗଣମାଧ୍ୟମକୁ ଦର୍ଶକ ଯୋଗାଇବାକୁ ଯଥେଷ୍ଟ ଖୋରାକ ଦେଇଥିଲା । ବର ପକ୍ଷ ଝିଅକୁ ନିନ୍ଦା କରୁଥିବା ବେଳେ କନ୍ୟାପକ୍ଷ ବରକୁ ହିଁ ନିନ୍ଦା କରୁଥିବା ଶୁଣାଯାଉଛି । ଅବଶ୍ୟ ବୁଝା ପଡୁନି, ବିବାହ ପରବର୍ତ୍ତି ଦିନ ସକାଳୁ ଉଭୟ ବରକନ୍ୟା ମନ୍ଦିର ଯାଇଥିଲେ, ଯେଉଁଠି ଅଜଣା ବ୍ୟକ୍ତିମାନେ ବରକୁ ମାଡ଼ ମାରିଥିଲେ । ସେମାନେ କିଏ ଥିଲେ, ତାହା ତଦନ୍ତର ବିଷୟ । ବରପକ୍ଷରୁ କୁହାଯାଇଛି ଯେ ସେମାନେ କନ୍ୟାର ପରିଚିତ ବ୍ୟକ୍ତି ଥିଲେ । ଘରୁ ଫେରାର ହୋଇଥିବା କନ୍ୟା ଗଣମାଧ୍ୟମ ନିକଟରେ ଫେରାଦ ହୋଇ କହିଛନ୍ତି ଯେ ତାଙ୍କୁ ବିବାହ କରିଥିବା ବର ଜଣକ ଓଲା ଅର୍ଥାତ ଅଳ୍ପବୁଦ୍ଧିଆ । ସେ ନିଜ ମାଆଙ୍କ କଥାରେ ଉଠବସ ହେଉଛନ୍ତି ଇତ୍ୟାଦି । ବିବାହ ପରେ ମାତ୍ର ଗୋଟିଏ ରାତିରେ ଏତେ ଗୁଡ଼ିଏ ସୂଚନା କନ୍ୟାଜଣକ କେମିତି ଜାଣିପାରିଲେ ତାହା ମଧ୍ୟ ତଦନ୍ତ କରାଯିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉଚିତ । ଏହିଭଳି ଘଟଣା ମାତ୍ର ଗୋଟିଏ ନୁହେଁ, ଏଭଳି ଅନେକ ଘଟଣା ବର୍ତ୍ତମାନ ଓଡ଼ିଶାର ଗଣମାଧ୍ୟମରେ ପ୍ରକାଶିତ ହେଉଛି ।

ଗତକାଲି ପ୍ରକାଶିତ ଏକ ଖବର ଅନୁସାରେ, ବିବାହ ବେଦୀରେ ହଠାତ କନ୍ୟା ଜଣକ ଉଠିଯାଇ, ନିଜ ହାତରେ ଶଙ୍ଖା ଖୋଲିଦେଇ ମୁଁ ଆଗରୁ ବିବାହିତା ଆଉ ମୋର ସ୍ୱାମୀ ଅଛନ୍ତି ବୋଲି ଘୋଷଣା କରିବା ପରେ, ବର ଅଚେତ ହେବା ଘଟଣା ମଧ୍ୟ ଭାଇରାଲ ହେବାରେ ଲାଗିଛି । ବିବାହ ବେଦୀରେ ଏମିତି ଘଟଣା ଦେଖିବା ପରେ ଯେ କେହିବି ହଠାତ ନିରୁତ୍ସାହିତ ହୋଇ ପାରେ । ଅବଶ୍ୟ କନ୍ୟା ପକ୍ଷ ତରଫରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଯାଇ ବେଦୀ ପାଖରେ ହିଁ କନ୍ୟାକୁ ଉତ୍ତମ ମଧ୍ୟମ ଦେବାର ଦୃଶ୍ୟ ମଧ୍ୟ ଭାଇରାଲ ହୋଇଛି ।

ଯାହା ବି ହେଉ, ଏମିତି ସବୁ ଖବର ଦେଖିବା ପରେ ଯେଉଁ ପରିବାର ମାନେ ନିଜ ସନ୍ତାନମାନଙ୍କ ପାଇଁ କନ୍ୟା ଖୋଜିବେ ସେତେବେଳେ ସେମାନଙ୍କ ମନରେ ଭୟ ନିଶ୍ଚୟ ଭାବରେ ରହିବ । ଆଉ ଯଦି ଆପଣ ନିରେଖି କରି ଦେଖିବେ, ପ୍ରାୟ ସମସ୍ତ ଗଣମାଧ୍ୟମରେ ଏହି ଭଳି ଖବର ଗୁଡ଼ିକ ମୁଖ୍ୟଭାବରେ ପ୍ରକାଶିତ ହେଉଛି । ଏହି ସବୁ ସଂସ୍ଥାକୁ ସେନ୍‌ସର କରିବାର ଆବଶ୍ୟକତା ରହିଛି ।

ବିଗତ ମାସରେ ରାମନବମୀ ସମୟରେ ଆୟୋଜିତ ପବିତ୍ର ଶୋଭାଯାତ୍ରା ଉପରକୁ ପଥରମାଡ଼ କରିଥିବା ବ୍ୟକ୍ତିମାନଙ୍କ ଘରକୁ ବୁଲଡୋଜର ଲଗାଇ ଭାଙ୍ଗିଦେବା ଘଟଣା ସମଗ୍ର ଦେଶରେ ବ୍ୟାପିବା ପରେ ଏହା ଦିଲ୍ଲୀର କିଛି ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳିଥିଲା । ଯଦିଓ ଏହା ବିପକ୍ଷରେ ମଧ୍ୟ ଅନେକ ଲୋକ ଅଦାଲତର ଦ୍ୱାରସ୍ଥ ହୋଇଥିଲେ, କିନ୍ତୁ ଆର୍ଥିକ ପ୍ରତିବନ୍ଧକ ନ ଲଗାଇଲେ ଲୋକମାନଙ୍କ ବେଆଇନ ବ୍ୟବହାରକୁ ନିୟନ୍ତ୍ରିତ କରିବା ସମ୍ଭବ ନୁହେଁ ବୋଲି ମନେ ହୁଏ । ଏହି ଏକ ପ୍ରକ୍ରିୟାକୁ ଆପଣାଇ ବିଶାଳ ଉତ୍ତର ପ୍ରଦେଶରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନସମାଜକୁ ନିୟନ୍ତ୍ରିତ କରି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଗତ ଦିନରେ ଆଉ ଏକ ଖବର ଆମ ଜନମାନସକୁ ଆନ୍ଦୋଳିତ କରିଛି । ସୂଚନାଯୋଗ୍ୟ ଯେ ପବିତ୍ର ନଗର କାଶୀରେ ମହାଦେବଙ୍କ ଆବିର୍ଭାବକୁ ନେଇ ସୂଚନା ଗଣମାଧ୍ୟମ ଦେବାପରେ ଏହି ଖବରକୁ ନେଇ ହିନ୍ଦୁ ପକ୍ଷର ଦାବୀଦାର ମାନେ ଆନନ୍ଦିତ ହେଉଥିବା ବେଳେ କିନ୍ତୁ ପ୍ରତିପକ୍ଷର ସମ୍ପ୍ରଦାୟ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପୀ ମସଜିଦ୍ (ମନ୍ଦିର) ଅତୀତର ଜ୍ଞାନବାପୀ ମନ୍ଦିରକୁ ଭଙ୍ଗାଯାଇ ନିର୍ମାଣ କରାଯାଇଛି ଏବଂ ସେଠାରେ ଏବେ ବି ମନ୍ଦିରର ଭଗ୍ନାବଶେଷ ରହିଛି ବୋଲି ଦାବୀ କରି କିଛି ମହିଳା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣୀ କରି ଅଦାଲତ ମସଜିଦ ପରିସରର ସର୍ବେକ୍ଷଣପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ମୁସଲିମ୍ ପକ୍ଷର ଲୋକଙ୍କ ଦ୍ୱାରା ଏହାକୁ ପ୍ରବଳ ବିରୋଧ କରାଯାଇଥିଲା । ଯେଉଁଥିପାଇଁ ସର୍ବେକ୍ଷଣ କାର୍ଯ୍ୟ ସମ୍ଭବ ହୋଇ ପାରିନଥିଲା । କିନ୍ତୁ ପରେ ଅଦାଲତର ବିଶେଷ ନିର୍ଦ୍ଦେଶ ପାଇବା ପରେ ଉତ୍ତରପ୍ରଦେଶ ସରକାର ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ, ଆଇନ ଓ କାନୁନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପରେ ଦୁଇଦିନ ପାଇଁ ମସଜିଦକୁ ସର୍ବେକ୍ଷଣ ପାଇଁ ବ୍ୟବସ୍ଥା କରିଥିଲେ । ଏହି ସମୟରେ ମସଜିଦ ଭିତରେ ହିନ୍ଦୁ ମନ୍ଦିରର ଭଗ୍ନାବଶେଷ ଦେଖାଯାଉଛି ବୋଲି ପ୍ରଥମ ଦିନ କୁହାଯାଉଥିଲା କିନ୍ତୁ ପରଦିନ ହଠାତ ସେହି ମସଜିଦ ମଧ୍ୟରେ ଥିବା ଏକ ଅଞ୍ଚଳରେ ବିଶାଳ ଶିବଲିଙ୍ଗ ମିଳିଥିବା ଖବର ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର କରିଥିଲା । ଯଦିଓ ମସଜିଦ ବାହାରେ ଥିବା ନନ୍ଦୀ ମୂର୍ତ୍ତୀ ବିଗତ ତିନିଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେହି ଅଞ୍ଚଳକୁ ଚାହିଁ ରହିଥିଲା ଏବଂ ଅନେକ ବୁଦ୍ଧିଜୀବି ଏହି ମତ ଦେଇଥିଲେ ଯେ ନନ୍ଦୀ ସବୁବେଳେ ମହାଦେବଙ୍କୁ ହିଁ ଅନାଇ ରହନ୍ତି । ତେଣୁ ମସଜିଦ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭିତରେ ମହାଦେବ ରହିବାର ଏହା ଏକ ଦୃଢ଼ ପ୍ରମାଣ ବୋଲି କୁହାଯାଉଥିଲା ।

ଶିବଲିଙ୍ଗ ପ୍ରକଟ ହେବାପରେ ଅଦାଲତ ସମ୍ପୃକ୍ତ ଅଞ୍ଚଳକୁ ସୁରକ୍ଷିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ମୁସଲିମ ପକ୍ଷ ଏହାକୁ ଏକ କୃତ୍ରିମ ଝରଣା ବା ଫାଉଣ୍ଟେନ୍ ବୋଲି କହି ସମସ୍ତ ତଥ୍ୟକୁ ମିଥ୍ୟା ବୋଲି କହୁଛନ୍ତି । କିଛି ରାଜନୈତିକ ଦଳ ଏହି ସମୟରେ ଫାଇଦା ଉଠାଇବା ପାଇଁ ମସଜିଦକୁ ଆଦୌ ଦିଆଯିବ ନାହିଁ ବୋଲି କହି ଲୋକଙ୍କୁ ଉସୁକାଇବାର ମଉକା ବି ଛାଡୁନାହାନ୍ତି । ଉଲ୍ଲେଖଯୋଗ୍ୟ ଯେ ଯେଉଁଠି ଶିବଲିଙ୍ଗ ମିଳିଥିଲା ସେଇ ସ୍ଥାନରେ ନମାଜି ମାନେ ନମାଜ ପଢ଼ିବା ପୂର୍ବରୁ ହାତପାଦ ଧୋଇବା ସହ କୁଳିକରି ପାଣି ପକାଉଥିଲେ । ଅର୍ଥାତ ତିନିଶହରୁ ଉର୍ଦ୍ଧ୍ୱ ବର୍ଷ ସେହି ପରମ୍ପରା ଜାରୀ ରହିଥିଲେ ସୁଦ୍ଧା କେହି ଏହାର ପ୍ରମାଣ ପାଇନଥିଲେ । ଇସଲାମ ଧର୍ମରେ ମୂର୍ତ୍ତିପୂଜାକୁ ବର୍ଜ୍ୟ ବୋଲି କୁହାଯାଇଛି, ତେଣୁ ସେମାନେ ଏହି ପ୍ରଥାକୁ ନିଷ୍ଠାର ସହ ପାଳନ କରି ଆସୁଥିବା କଥା ଅନେକ ଦାବୀ କରନ୍ତି ।

ବର୍ତ୍ତମାନ ଦେଶର୍ ଅନେକ ସ୍ଥାପତ୍ୟ, ମସଜିଦ ଏବଂ ମୋଗଲ ସ୍ମାରକୀକୁ ଭଙ୍ଗାଯାଇ କିମ୍ବା ସର୍ବେକ୍ଷଣ କରାଯାଇ ସେହି ସବୁ ସ୍ଥାନରେ ହିନ୍ଦୁ ମନ୍ଦିର ଥିବା କଥା ଦାବୀ ଉଠିଲାଣି । ଏଥିପାଇଁ ଲୋକମାନେ ଅଦାଲତର ଦ୍ୱାରସ୍ଥ ହେଲେଣି । ଶତାଧିକ ବର୍ଷରୁ ହିନ୍ଦୁ ଦେବାଦେବୀଙ୍କୁ ଅପମାନିତ କରାଯାଉଥିବା କଥା କୁହାଯାଉଥିବା ବେଳେ କିନ୍ତୁ କିଛି ବୁଦ୍ଧିଜୀବି ଏହା ସରକାରଙ୍କ ଯୋଜନାର ଅନ୍ତର୍ଭୁକ୍ତ ବୋଲି କୁହନ୍ତି । ଦେଶକୁ ହିନ୍ଦୁ ମୁସଲିମ ବିଭେଦରେ ବାଣ୍ଟିବାର ପ୍ରଚେଷ୍ଟା ହେଉଛି ବୋଲି କିଛି ଦାବୀ କରୁଛନ୍ତି । ଏହାର ସତ୍ୟାସତ୍ୟ ଅଦାଲତ ହିଁ କହି ପାରିବେ । କାରନ ଅନତି କାଳରୁ ମୋଗଲମାନେ ଭାରତରେ ଆକ୍ରମଣ କରି ହିନ୍ଦୁ ମନ୍ଦିରମାନଙ୍କୁ ଧ୍ୱଂସ କରିଛନ୍ତି ଏବଂ ସାମ୍ପ୍ରତିକ ସମୟରେ ମଧ୍ୟ ପ୍ରତ୍ୟେକ ହିନ୍ଦୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ସବ ସମୟରେ ପଥର ଫୋପାଡ଼ିବା ଆଉ ଅଶାନ୍ତି ସୃଷ୍ଟି କରିବା ଭଳି କାର୍ଯ୍ୟକୁ ନିଷ୍ଠାର ସହ କରୁଥିବା ବେଳେ କୌଣସି କାଳରେ ବି ହିନ୍ଦୁମାନେ ଏହିଭଳି କାର୍ଯ୍ୟ କରିବାର କୌଣସି ଉଦାହରଣ କେହି ଦେଇ ପାରିନାହାନ୍ତି । ଦେଶର ସଂଖ୍ୟା ଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟକୁ ସବୁବେଳେ ସିକ୍ୟୁଲାରିଜମର ଆଇସକ୍ରିମ୍ ଧରେଇ ଦେଇ କେବଳ ସଂଖ୍ୟାଲଘୁଙ୍କୁ ହିଁ ସବୁ ପ୍ରକାର ସ୍ୱାଧୀନତା ଦିଆଯାଇଛି ବୋଲି କିଛି ବୁଦ୍ଧିଜୀବି ମତ ଦେଇଛନ୍ତି ।

ବର୍ଷ ୧୯୪୭ରେ ଭାରତ ସ୍ୱାଧୀନ ହେଉଥିବା ବେଳେ ଦେଶକୁ ଧର୍ମ ଆଧାରରେ ଦୁଇଭାଗରେ ବିଭକ୍ତ କରାଯାଇଥିଲା, ଗୋଟିଏ ଦେଶ ମୁସଲିମ ଦେଶ ଭାବରେ ନିଜର ପ୍ରସାର କରୁଥିବା ବେଳେ ଭାରତକୁ କାହିଁକି ହିନ୍ଦୁ ରାଷ୍ଟ୍ର ବୋଲି ଘୋଷଣା କରାଗଲା ନାହିଁ, ଏହା ଏକ ବିରାଟ ପ୍ରଶ୍ନ । ସନାତନ ହିନ୍ଦୁ ସମ୍ପ୍ରଦାୟ ସର୍ବଦା ଅହିଂସା, ଭାତୃତ୍ୱଭାବ, ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ଉପରେ ଆଧାରିତ । ତଥାପି ଏହାକୁ ବଦନାମ କରିବାର ଏକ ପ୍ରଚେଷ୍ଟା ବିଶ୍ୱସ୍ତରରେ ହେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସେ ଯାହେଉ, ଯାହା ବି ହେଉଛି ସବୁ ଭଲ ହେଉଛି ଏବଂ ଆଗକୁ ମଧ୍ୟ ଭଲ ହିଁ ହେବ ବୋଲି ଆଶା କରି ମୁଁ ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣଙ୍କ ପାଇଁ ଉତ୍ସର୍ଗ କରୁଛି । ସବୁ ମାସପରି ଚଳିତ ମାସର ସଂସ୍କରଣ ମଧ୍ୟ ଆପଣଙ୍କୁ ଭଲ ଲାଗିବ ବୋଲି ଆଶା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୧



ଅଶୋକ ବିଶ୍ୱାଳ

"ବାଘ ତାହାହେଲେ ଏତେ ଦୂରରୁ କ'ଣ ପାଇଁ ପହଁରିଆସିଲା ?"- ପାଓଲି ପଚାରିଲେ ।

"ବାଘ ଖାଇବା ଖୋଜିବାପାଇଁ ତ ଦିନକୁ ଅନେକ ଦୂର ଚାଲି ଯାଏ । ତେଣୁ ଏମିତି ଖାଇବା ଖୋଜିବାକୁ ଏ ଦ୍ୱୀପକୁ ଆସିଯାଇଥିବ । ତା'ପରେ ପର୍ଯ୍ୟାପ୍ତ ଖାଇବା ଦେଖି ଏ ଦ୍ୱୀପରେ ରହିଯାଇଛି ।"-ସେ ଲୋକଟି କହିଲେ ।

ଏମିତି ଅନେକ କଥାବାର୍ତ୍ତା ହେଲା । କିନ୍ତୁ ଲୋକମାନଙ୍କ କଥାରୁ କିଛି ନିଷ୍କର୍ଷ ବାହାରି ପାରିଲା ନାହିଁ । ବାଘ ଏତେ ଦୂରରୁ ପହଁରି ଆସିଥିବା ସମ୍ଭାବନା ବହୁତ କମ ଲାଗୁଥିଲା । କେହି ବାଘକୁ କେଉଁଆଡୁ ପହଁରି ଆସିଥିବାର ଦେଖିନାହାନ୍ତି । ତେଣୁ କିଛି ଠିକ କୁହାଯାଇ ପାରିବନି ।

"ବାଘ ନିଶ୍ଚିତ ଭାବରେ ଏତେ ଲମ୍ବା ନଦୀକୁ ଅତିକ୍ରମ କରିଛି । କିନ୍ତୁ ବହୁଦୂର ଦ୍ୱୀପରୁ ଆସିବା ସମ୍ଭାବନାଟା ପ୍ରାୟ ନାହିଁ । ବାଘ ପାଖରେ ଥିବା ଝିଲ୍ଲା କମ୍ପାର୍ଟମେଣ୍ଟର ଦ୍ୱୀପରୁ ନିଶ୍ଚିତ ଭାବେ ଆସିଛି । କିନ୍ତୁ କେଉଁଠୁ ଆସିଛି ଆସିଛି ଜାଣିବାଟା ଏତେ ସହଜ ନୁହେଁ । ବର୍ତ୍ତମାନ ପାଇଁ ଏ ଲୋକମାନଙ୍କ ଠାରୁ ଏତିକି ତଥ୍ୟ ନିଆଯାଉ ।"– ସାଧନବାବୁ କହିଲେ । ସେ କଥାଟା ଭଲଭାବେ ଜଲଦି ତଉଲି ନିଅନ୍ତି । ନିଜର ଅଭିଜ୍ଞତାଯୋଗୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କେତେ କଥା କେତେ ଗ୍ରହଣୀୟ ତା' ଜାଣି ନିଅନ୍ତି । ତାଙ୍କ କଥା ଅନୁସାରେ ପ୍ରଥମେ ପାଖରେ ଥିବା ଝିଲ୍ଲା କମ୍ପାର୍ଟମେଣ୍ଟର ଜାଲି ପରୀକ୍ଷା କରି ନିଆଯାଉ । ବାହାରର କାଦୁଅରେ ବାଘର ପାଦଚିହ୍ନ ପଡିଥିବ । ସେ ରେଞ୍ଜରବାବୁଙ୍କୁ ଖବର ଦେଲେ । ପ୍ରଥମେ ଜାଲି ପରୀକ୍ଷା କରିବେ । ଗାଁରେ ଲୋକମାନେ ବାଘ କେଉଁଠି ଅଛି ଭଲକରି ଜାଣି ନାହାନ୍ତି । ବାଘ ଗାଁରେ କାହା ଘରେ ମଧ୍ୟ ନାହିଁ । ତେଣୁ ଟ୍ରାଙ୍କୁଲାଇଜେସନର ଦରକାର ପଡିବ ନାହିଁ । ବାଘକୁ ଜଙ୍ଗଲରେ ଖାଞ୍ଚାରେ ଧରାଯିବ । ଆଉ ଏକ ବୋଟରେ ସବୁ ପରୀକ୍ଷା ନିରୀକ୍ଷାପାଇଁ ଲୋକ ପଠାନ୍ତୁ ।

ଅଧଘଣ୍ଟାପରେ ଆଉ ଲୋକମାନେ ଆସିଗଲେ । ସେମାନଙ୍କ ସହ ସପନବାବୁ ଆସିଥିଲେ । ମଜୁମଦାରବାବୁଙ୍କ ଆସିବାପାଇଁ ଆଉ ଅଧଘଣ୍ଟା ଲାଗିବ । ରେଞ୍ଜରବାବୁଙ୍କ ସହ ସେ ଆସିବେ । ଏ ଭିତରେ ଏ ଦଳ ଝିଲ୍ଲା କମ୍ପାର୍ଟମେଣ୍ଟର ଜାଲି ସବୁ ପରୀକ୍ଷା କରିନେବେ । ମଝିରେ ଅନ୍ୟମାନେ ଆସିବେ । ଏସ ଟି ଆର୍ ଲୋକମାନେ କମ୍ପାର୍ଟମେଣ୍ଟର ନଦୀଧାରରେ ଲାଗିଥିବା ଜାଲକୁ ଭଲଭାବରେ ପରଖୁଥିଲେ । ପାଓଲି ଆଉ ତାଙ୍କ ସହ ଯୋଗଦେଲେ । ନାଇଲନର ଉଚ୍ଚ ଜାଲକୁ ଲମ୍ବା ବାଉଁଶର ଖୁଣ୍ଟି ଦ୍ୱାରା ସିଧା ଭାବରେ ବାନ୍ଧି ଦିଆଯାଇଛି । ଭଲଭାବରେ ଜାଲକୁ ବାଉଁଶରେ ବାନ୍ଧିଦେବା ବା ବାଡ଼ରେ ବାନ୍ଧିଦେବା ଦ୍ୱାରା ଜାଲ ପ୍ରାୟ ସିଧା ପାଚେରୀ ଭଳି ଛିଡ଼ା ହୋଇରହିଥିଲା । ପାଖରେ ସେପଟେ ଘନ ଜଙ୍ଗଲ । କୁଦିବା ପାଇଁ ବାଘକୁ କିଛି ସ୍ଥାନରୁ ଦୌଡ଼ିବା ଦରକାର । ସେମିତି କିଛି ଖାଲି ସ୍ଥାନ ଦେଖା ଯାଉନଥିଲା । ସବୁଆଡେ ଗଛ ଭରି ରହିଛି । ନରମ କାଦୁଅ । କୁଦିବାର ସମ୍ଭାବନାଟା ପ୍ରାୟ ଭୁଲ୍ ବୋଲି କୁହାଯାଇପାରେ । ତେଣୁ କୁଦି ବାଘ ଜାଲି ଡେଇଁ ପାରିବନି । ଠିଆ ଜମ୍ପରେ ଏତେ ଉଚ୍ଚ ଡେଇଁବା ସମ୍ଭବ ନୁହେଁ ।

ସପନବାବୁ ଅନ୍ୟ ଏସ ଟି ଆର୍ ଲୋକମାନଙ୍କ ସହ ଜାଲକୁ ତନ୍ନତନ୍ନ କରି ନିରୀକ୍ଷଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ । ପାଓଲି ସବୁ ଯାଗାକୁ ଅନାଇ କଣ ଘଟିଛି ବୋଲି କଳନା କରୁଥିଲେ । ଅନେକ ସ୍ଥାନରେ ଛୋଟ ଛୋଟ ନାଳ ବଡ଼ ନଦୀକୁ ବୋହିଆସିଥିଲା । ସେ ନାଳମାନଙ୍କର ଉପର ଦେଇ ଜାଲି ଚାଲିଯାଇଥିଲା । ନାଳ ପାଣିକୁ ପ୍ରାୟ ଛୁଇଁଥିଲା । ନାଳରେ ଅଳ୍ପ ପାଣି ରହିଲେ ମଧ୍ୟ ବାଘ ଆସିବା କଷ୍ଟ । କିନ୍ତୁ ଅସମ୍ଭବ ନୁହେଁ । ଉପର ମାଟିରେ ସେମିତି ଆସିବାଟା ସମ୍ଭବ ନୁହେଁ । କୂଳର ଗୋଟିଏ ଯାଗାରେ ଛୋଟ ଚାଳିଆ ମନ୍ଦିରଟିଏ କରାଯାଇ ବନବିବିଙ୍କୁ ରଖାଯାଇଥିଲା । ଅବଶ୍ୟ ତାହା ଜାଲର ବାହାରେ, ନଦୀ ଆଡକୁ । ଏଠିକାର କେଉଟମାନେ ମାଛ ଧରିଗଲାବେଳେ ମା' ବନବିବିଙ୍କୁ ସ୍ମରଣ କରନ୍ତି । ଏମାନେ କୂଳରେ ଚାଲି ଚାଲି ବହୁତ ଖୋଜିଲେ, ସେମିତି କିଛି ନଥିଲା । କୂଳରେ ଚାଲି ଫେନସିଙ୍ଗ ନିରୀକ୍ଷଣ କରାଯାଏ । ଜଙ୍ଗଲ ଧାରରେ ଜାଲ କଟା ହୋଇନି ।

ଏ ପର୍ଯ୍ୟନ୍ତ ସବୁ ନାଳଗୁଡା ଭଲ ଭାବରେ ପରୀକ୍ଷା କରାଯାଇ ନଥିଲା । ହୁଏତ କିଏ ନାଳଦେଇ ଏପଟ ଜଙ୍ଗଲକୁ ପଶିବାକୁ ଚେଷ୍ଟା କରିଥାଇପାରେ । କିନ୍ତୁ କେଉଁଠୁ ? ସେଇଟା ଖୋଜିବାକୁ ପଡିବ । ଏମିତି ଖୋଜୁ ଖୋଜୁ ଗୋଟିଏ ନାଳ ଉପରେ ଥିବା ଜାଲିକୁ କଟା ହୋଇଥିବା ପାଇଲେ । ଜଣାଯାଉଥିଲା କିଏ ଯେମିତି ବଡ଼ ଛୁରୀରେ କାଟିଦେଇଛି । ଏଇଟା ବାଘ କାମୁଡ଼ାର ଚିହ୍ନ ନୁହେଁ । କାରଣ ଏଠି ସାମାନ୍ୟ ପାଣି । ଆଉ ବାଘ ଯଦି କାମୁଡ଼ିବାକୁ ଚେଷ୍ଟା କରିବ ପୂରା ତ କାଟି ପାରିବନାହିଁ । କେତୋଟି ଗଣ୍ଠିମୁଣ୍ଡ କାଟିପାରିବ । ଏଠି ଉପରର ଗଣ୍ଠି ପର୍ଯ୍ୟନ୍ତ ସିଧାରେ କଟାଯାଇଥିଲା । ପ୍ରାୟ ୬ଫୁଟ ଉଚ୍ଚର ଗଣ୍ଠି ପର୍ଯ୍ୟନ୍ତ । ଏଇଟା ମନୁଷ୍ୟକୃତ କାମ । ଜାଲିଟିକୁ ଖୋଲି ସହଜରେ ଡଙ୍ଗା ଠେଲି ଭିତରକୁ ପୁରାଇ ଦେବେ । ଏ କେଉଟଗୁଡ଼ା ମାଛ ଧରିବା ପାଇଁ ଭିତରକୁ ଆସିଛନ୍ତି । କିନ୍ତୁ କହୁନାହାନ୍ତି ।

"ଲୋକମାନଙ୍କର ଭୁଲ୍ । ଆମେ ଅଯଥା ବାଘକୁ ଦୋଷ ଦେଉଛେ ।"-ପାଓଲି କହିଲେ । ସାଧନବାବୁ ମୁଣ୍ଡ ହଲାଇଲେ ଆଉ ତାଙ୍କ ସହିତ ଅନ୍ୟମାନେ ମୁଣ୍ଡ ହଲାଇଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସପନବାବୁ ସେ କଟା ଜାଲିକୁ ଅନାଇ ରହିଥିଲେ ।

"ଏ ଲୋକଗୁଡ଼ା ନାଳ ଉପରର ଜାଲିକୁ କାଟିଦେଇଛନ୍ତି । ଫଳରେ ସେହିପଟେ ଦେଇ ବାଘ ଯେତେବେଳେ ନାଳ ଅତିକ୍ରମ କରିବାକୁ ଚେଷ୍ଟା କରିଛି ସେତେବେଳେ ଖୋଲା ଯାଗା ଦେଖିଛି । ତେଣୁ ସେହିବାଟେ ଦେଇ ନଇଆଡ଼କୁ ଆସିଯାଇଛି । ତାପରେ ପାଣି ଅତିକ୍ରମ କରି ସେପଟର ଦ୍ୱୀପ ଅର୍ଥାତ କୁମୀରମାରି ଗାଁକୁ ପହଞ୍ଚିଯାଇଛି ।"–ସପନବାବୁ କହିଲେ ।

"ବାଘ ଲାଗି ଯାହା କିଛି ଘଟଣା ସେପଟ ଦ୍ୱୀପରେ ଘଟୁଛି ତା'ର କାରଣ ହେଉଛି ଏପଟରେ ହୋଇଥିବା ଜାଲକଟା । ବାଘକୁ କେତେ ଲୋକ ଅଯଥାରେ ଗାଳି ଦେଉଛନ୍ତି ।"-ପାଓଲି କହିଲେ । ତାପରେ ସେ ନିଜ ଚାରିପାଖରେ ଥିବା ଲୋକମାନଙ୍କୁ ଅନାଇଲେ । ସମସ୍ତଙ୍କ ମୁହଁରେ ଟିକିଏ ହତାଶ ଭାବ । ଅଯଥାରେ ଏବେ କଷ୍ଟ । କିନ୍ତୁ କିଛି କରିବାକୁ ପଡିବ । ପାଉଲି ସେମାନଙ୍କୁ ଉତ୍ସାହ ଦେବାକୁ କିଛି କହିବାକୁ ଚାହୁଁଥିଲେ । ବାଘ ନିର୍ଦ୍ଦୋଷବୋଲି ସେମାନେ ମଧ୍ୟ ହୃଦୟଙ୍ଗମ କରନ୍ତୁ ।

"ଦୋଷ ଦେବା ତ ଲୋକଙ୍କର ଗୁଣ । ସେମାନେ ନିଜର ଭୁଲ୍ ଲୁଚାଉଛନ୍ତି । ସୁନ୍ଦରବନରେ ଏମିତି ଚୋରି ଛପିକରି ମାଛ ଥିବା ଅଞ୍ଚଳକୁ ଲୋକମାନେ ଅସିଯାଆନ୍ତି । ତାରି ଭିତରେ କେହିକେହି ବେଳେବେଳେ ବାଘର ଶିକାର ହୋଇଯାଆନ୍ତି । କିଛି ଘଟଣା ଲୋକଲୋଚନକୁ ଆସେ, ଅନେକ ଆସେନାହିଁ । ଗଭୀର ରାତିରେ କାହା ଆଖିରୁ ଲୁହ ଝରିଯାଏ । କିନ୍ତୁ ଏ ଘଟଣାମାନ ସବୁବେଳେ ବାହାରେ ପ୍ରଘଟ ହୋଇପାରେ ନାହିଁ । ସେମିତି କିଛି ଚୋରା ଶିକାରୀ ମାଛ ଧରିବା ପାଇଁ ଜାଲ ଭିତିରକୁ ଆସିଯାଇଛନ୍ତି ।"-ପାଓଲି କହିଲେ । ତାଙ୍କର କଥାରେ ଓଜନ ଥିଲା । ସେ ଅନେକଦୂର ପର୍ଯ୍ୟନ୍ତ ଭାବିକି କହୁଥିଲେ । ଏ ସାଧାରଣ କର୍ମଚାରୀମାନେ ଏତେ ଭାବନ୍ତିନି । ଯାହା କିଛି ଆଗରେ ଦେଖାଗଲା ସେଇ ବିଷୟରେ କୁହନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

"ତେଣୁ ବାଘକୁ ଦୋଷ ଦେଇ ଲାଭ କ'ଣ ? ସବୁ ପଛରେ ତ ମଣିଷର ଦୋଷ ଅଛି ।"- ପାଓଲି କହିଲେ । ତାଙ୍କ ସ୍ୱର ଗଭୀର ହୋଇଯାଇଥିଲା । ସୁନ୍ଦରବନର ପାଣି ନାଚୁଥିଲା । ଅନ୍ୟମାନେ ସେମାନଙ୍କ କଥା ଶୁଣୁଥିଲେ । କିନ୍ତୁ କେହି କିଛି କହୁ ନଥିଲେ । ଜାଲିକଟା କଥା ରେଞ୍ଜରବାବୁଙ୍କୁ ଜଣାଇ ଦିଆଗଲା । ସେ ଆଉ ଘଣ୍ଟାକରେ ପହଞ୍ଚିବେ । ତାଙ୍କର ଆଦେଶ ଅନୁସାରେ ଜାଲି ସାଙ୍ଗେ ସାଙ୍ଗେ ମରାମତି କରାଯିବ । ସେମାନେ ଜାଲି ମରାମତି ଆରମ୍ଭ କରିବେ । ସପନବାବୁ ଆଉ ପାଓଲି ନିଜ ଭିତରେ କଥାବାର୍ତ୍ତା ହେଉଥିଲେ ।

"ଲୋକମାନେ ଏମିତି ବାଘକୁ ବିନା କାରଣରେ ଦୋଷ ଦେଇଦିଅନ୍ତି ।"- ସପନବାବୁ କହିଲେ ।

"ଲୋକମାନଙ୍କ ଅଭ୍ୟାସ ଦେଖନ୍ତୁ ସପନବାବୁ, ସବୁ କଥା ସେମାନଙ୍କ ଭୁଲରୁ ଆରମ୍ଭ ହୁଏ । ସେମାନେ କ'ଣ ପାଇଁକି ଏ ନାଳକୁ ଆସିନ୍ତି ? ମାଛଧରିବା ପାଇଁ ତ । କିନ୍ତୁ ମାଛ ଧରିବା ପାଇଁକି ଆସିବା ଦ୍ୱାରା ସେମାନେ ନିଜ ଜୀବନକୁ ବିପଦରେ ପକାଇଛନ୍ତି । ଲୋଭ ତ ।"- ପାଓଲି କହିଲେ । ତାଙ୍କ ମୁହଁଟା କୁଞ୍ଚିତ ହୋଇଯାଉଥିଲା ।

ପାଓଲି ଜାଲକଟା ଯାଗାକୁ ଅନାଇଲେ । ନାଳରେ ପାଣି କମିଯାଇଛି । ଏସ୍ ଟି ଆର୍ ଲୋକମାନେ ସେଇଠି କାମ କରିବାରେ ବ୍ୟସ୍ତ ଅଛନ୍ତି । ପାଓଲି ନାଳ ଭିତରକୁ ଟିକେ ଓହ୍ଲେଇଲେ । ପାଣିଧାରଟା ମୋଟେ ୮-୧୦ ଫୁଟ ଚଉଡାର ଦେଖାଯାଉଥିଲା । କିନ୍ତୁ ତାଙ୍କ ଗୋଡ କାଦୁଅରେ ବୁଡିଗଲା ।

"ଆରେ ପାଣି ତ ଅଣ୍ଟାଏ ହେଲାଣି ।"-ପାଓଲି କହିଉଠିଲେ ।

"ଏ କେଉଟଗୁଡା ବଡ଼ ଚାଲାକ । କେଉଁ ନାଳରେ କେତେ ପାଣି ଏମାନେ ଭଲକରି ଜାଣିଛନ୍ତି । ଏମିତିଆ ନାଳକୁ ସେମାନେ ଖୋଜି ନେଇଛନ୍ତି, ଯେଉଁଥିରେ ସହଜରେ ଡଙ୍ଗା ଭିତରକୁ ଚାଲିଯିବ । ସରୁ ଦେଶୀ ଡଙ୍ଗାଗୁଡ଼ା ଏମିତିଆ ନାଳରେ ସହଜରେ ଚାଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଇପାରେ । ଛୋଟ ଛୋଟ ନାଳ ଉପରେ ଜାଲିକୁ ଟିକେ କାଟିଦେଲେ କେହି ଜାଣିପାରିବେ ନାହିଁ । ଭିତରକୁ ଯାଇ ମାଛ ଶିକାର କର, ପୁଣି ଫେରିଆସ । ସହଜ କଥା । ଆଉ ଫେରି ଆସିବାବେଳେ ଯଦି ଜାଲ ବାନ୍ଧିଦେଇଥାନ୍ତେ ତାହେଲେ କିଛି ଅସୁବିଧା ହୋଇନଥାନ୍ତା । କିନ୍ତୁ ଭୁଲରେ ବାନ୍ଧିନାହାନ୍ତି ।”– ସପନବାବୁ କହିଲେ ।

ପାଓଲି ମୁଣ୍ଡ ହଲାଇଲେ । ଏ ଲୋକମାନଙ୍କର ଅସାବଧାନତା ଯୋଗୁଁ କେତେ ଅଘଟଣା ଘଟୁଛି । ଏମାନେ ଲୁଚେଇ ଛପେଇ ଚୋରି କରୁଛନ୍ତି । ତା’ପରେ ଅନେକ ସମୟରେ ଏମିତି ଚୋରି କାମ କରିବା ଦ୍ୱାରା ବାଘର ଜାଲି କାଟିଦେଉଛନ୍ତି । ଫଳରେ ବାଘ ବାହାରକୁ ବାହାରିଆସୁଛି । ଏବେ ପାଓଲି ଆରପଟକୁ ଚାଲିଗଲେ । ବଡ଼ କାଦୁଆ ଜମି । ଗୋଡ ଖସିଯାଉଥାଏ । କିନ୍ତୁ ଟଳମଟଳ ହୋଇ ପାଓଲି ଟିକେ ଚାଲିଲେ । ସେଇଠି ଲୋକମାନେ କାମ କରିବାରେ ବ୍ୟସ୍ତ ଥାଆନ୍ତି ।

ଏସବୁ ଦ୍ୱୀପଗୁଡ଼ାକ ତ ଏମିତି । ପାଓଲି ଭାବୁଥିଲେ ।

ମଝିରେ ଗୋଟିଏ ଚଉଡ଼ା ନଇ ବୋହି ଯାଉଥାଏ, ବେଳେବେଳେ ପତଳା ନଇ ସେ ବଡ଼ ନଇରେ ମିଶିଯାଏ । ଏମିତିଆ ଦ୍ୱୀପଗୁଡ଼ାରେ ଗଛ ଭରିଯାଇଥାଏ । ମଝିରେ ମଝିରେ ନଇରୁ ଗୋଟିଏ ଦିଇଟା ନାଳ ଦ୍ୱୀପ ଭିତରକୁ ବୋହି ଆସୁଥିବ । ସେ ଦ୍ୱୀପ ଭିତରେ ଅନେକଟା ଖାଲୁଆ ଯାଗା ଥିବ । ଜୁଆର ସମୟରେ ନାଳ ଦେଇ ପାଣି ଖାଲୁଆ ଯାଗାକୁ ବହି ଆସୁଥିବ । ତା’ ଫଳରେ ଏ ଖାଲୁଆ ଯାଗାଗୁଡ଼ିକ ପାଣିରେ ଭରିଯାଏ । ଆଉ ଏମିତିଆ ଛୋଟ ଛୋଟ ଖାଲୁଆ ଯାଗାରେ ମାଛ ଚିଙ୍ଗୁଡ଼ି, କଙ୍କଡ଼ା ଇତ୍ୟାଦି ଭଲ ମିଳନ୍ତି । ତେଣୁ ଏ କେଉଟମାନେ ମଝିରେ ମଝିରେ ବିପଦକୁ ଖାତିର ନକରି ଅନେକ ଭିତରକୁ ଆସିଯାଆନ୍ତି । ବାହାରୁ ତ କିଛି ଜଣାପଡିବନି । କେହି ଜାଣିପାରିବେନି କିନ୍ତୁ ଭିତରେ ସହଜରେ ମାଛ ମାରିହେବ । ସେହି କାଦୁଆ ଯାଗା ଗୁଡ଼ିକରେ ଅନେକ ଗଛ ଥାଏ । ଆଉ କିଛି ଯାଗା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ରହିଥାଏ । ମଝିରେ ମଝିରେ ପ୍ରାୟ ଛୋଟ ପୋଖରୀ ଭଳିଆ ପାଣି ରହିଯାଇଥାଏ । ତେଣୁ ଏ କେଉଟମାନେ ଏମିତିଆ ଅଞ୍ଚଳକୁ ଆସି ଆରାମରେ କିଛି ସମୟ କଟାଇ ଭଲ ମାଛ ଧରିପାରନ୍ତି ।

କୂଳର ପାଖରେ ଜଙ୍ଗଲଟା ସାଧାରଣତଃ ବେଶୀ ଘଞ୍ଚ ଲାଗେ । ଗଛ ଗୁଡ଼ିକ ଏଠି ବଡ଼ ହୋଇ ବଢ଼ିଥାନ୍ତି । ଏହି ବଡ଼ଗଛ ଗୁଡ଼ିକରେ ନାଇଲନର ଜାଲ ବାନ୍ଧିଦିଆଯାଏ । କୂଳରୁ ପ୍ରାୟ କେତେ ଫୁଟ ଛାଡ଼ି ଏହି ଲାଇଲନ୍ ଜାଲର ପାଚେରୀ ତିଆରି କରାଯାଏ । ସୁନ୍ଦରବନର କୂଳଟା କେତେବେଳେ ଖାଇଯାଏ ତ କେତେବେଳେ ଆଗକୁ ବଢ଼ିଯାଏ । କିଛି କୂଳିଆ ଜମି ସ୍ଥିର ନଥାଏ । ପାଣିର ଭଉଁରୀ ଗତି ପାଇଁ କିଛି କୂଳର କ୍ଷୟ ହୁଏତ କିଛିକୂଳ ନୂଆ ତିଆରି ହୋଇଯାଏ । ତେଣୁ ଏ ଜାଲ ସବୁ କୂଳରୁ ପ୍ରାୟ କିଛି ଭିତରକୁ ଦିଆଯାଇଥାଏ ।

ପାଓଲି ସପନବାବୁ ଆଉ ସାଧନବାବୁ ସେହି ଜାଲ କଟିବା ସ୍ଥାନକୁ ଭଲଭାବରେ ନିରୀକ୍ଷଣ କରୁଥିଲେ । ଏମିତି ନିରୀକ୍ଷଣ କରିବା ଦ୍ୱାରା କେମିତି ଜାଲକୁ କଟାଯାଉଛି ଆଉ ଲୋକମାନେ କେଉଁ ଅଞ୍ଚଳକୁ ଯାଉଛନ୍ତି ତାହା ଜାଣିହୋଇପାରେ । ସେହି ହିସାବରେ ଏମିତିଆ ଘଟାଣାର ଯେମିତି ପୁନରାବୃତ୍ତି ନହେବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବ ।

କୂଳରେ କେତେଟା ବଡ଼ଗଛ ଅଛି ଆଉ ସେ ଗଛମାନଙ୍କର ଶ୍ୱାସମୂଳ ସବୁ ଖାଲି ଯାଗାରେ ଭରିଯାଇଥିଲା । ସେହି କୂଳରୁ ଗୋଟିଏ ପତଳା ନାଳ ଦ୍ୱୀପ ଭିତରକୁ ଚାଲିଯାଇଛି । ନାଳ ଧାରରେ କାଦୁଅ, ସେହି କାଦୁଅରେ ଅନେକ ପାଦଚିହ୍ନ ଦେଖା ଯାଉଥିଲା । ଜଣାପଡୁଥିଲା ପ୍ରାୟ ୩-୪ଜଣ ଲୋକ କିଛି ବାଟ କାଦୁଆ ଜମିରେ ଚାଲିଯାଇଛନ୍ତି । କିଛି ଦୂର ଚାଲିଲାପରେ ସେମାନେ ଜାଲ ପାଖରେ ପହଞ୍ଚିଛନ୍ତି ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଲକୁ କାଟିବାକୁ ଆରମ୍ଭ କରିଛନ୍ତି । ପାଣି ଧାରଟା ବେଶୀ ଓସାରିଆ ନଥିଲା । ଜାଲ ମରାମତି କରୁଥିବା ଲୋକମାନେ ଗୋଟିଏ ଛୋଟ ଡଙ୍ଗାରେ କିଛି ଜାଲ ନେଇଆସିଲେ । ଆଉ କାତ ମାରି ସେହି ପତଳା ଧାର ଭିତରେ ଜାଲ କଟିଥିବା ସ୍ଥାନକୁ ଡଙ୍ଗା ନେଲେ । ସେଇଠି ଧାରଟା ଆହୁରି ଅଣଓସାରିଆ । ପ୍ରାୟ ୫-୬ଫୁଟ ଚଉଡ଼ା । ସେମାନେ ଜାଲକୁ ଗୋଟିଏ ଗଛରେ ବାନ୍ଧିଦେଲେ । ତା’ପରେ ଆଉ ୨ଟି ଖୁଣ୍ଟ ପାଣି ଉପରେ ପୋତିଦେଲେ । ଖୁଣ୍ଟ ପୋତିଦେଲାପରେ ସେଥିରେ ଜାଲକୁ ଭଲଭାବରେ ବାନ୍ଧି ଦେଉଥିଲେ । ପାଣିରୁ ଚାଖେଣ୍ଡେ ତଳକୁ ଜାଲବୁଡି ରହୁଥିଲା । ବାଘ ପହଁରି ନଦୀ ଆଡକୁ ଆସିପାରିବନି ।

ଏ ଭିତରେ ସପନବାବୁ ଆଉ ପାଓଲି ଲୋକଙ୍କ ପାଦଚିହ୍ନ ଆଉ ବାଘର ପାଦଚିହ୍ନ ଖୋଜିବାରେ ଲାଗିଗଲେ । ଏ ନାଳ କଟାଥିବା ସ୍ଥାନର କିଛି ଭିତର ପର୍ଯ୍ୟନ୍ତ ଲୋକଙ୍କର ପାଦଚିହ୍ନ ଥିଲା । ତା’ପରେ ଲୋକମାନେ ଡଙ୍ଗାରେ ବସି ଚାଲିଯାଇଛନ୍ତି । ତେଣୁ ଏଥିରୁ ପରିଷ୍କାର ଜଣାପଡୁଥିଲା ଯେ କେଉଟମାନେ ଭିତରକୁ ସହଜରେ ଆସିଛନ୍ତି । ଆଉ ଏକଦମ୍ ଅଣ ଓସାରିଆ ସ୍ଥାନରେ କିଛି ଦୂର ଡଙ୍ଗାକୁ ଠେଲିଛନ୍ତି । ପାଲିସ୍ ଚିକ୍କଣ କାଦୁଅ, ତେଣୁ ଡଙ୍ଗାକୁ ଉପରକୁ ଟାଣିନେବାଟା କଷ୍ଟ ହୋଇନି । ସହଜରେ ଅଣଓସାରିଆ ଯାଗାଟିକୁ ଠେଲି ପାରି ହୋଇଯାଇଛନ୍ତି । ତେଣୁ କାଦୁଅରେ ସେମାନଙ୍କର ପାଦଚିହ୍ନ ସ୍ୱଷ୍ଟ ଦେଖାଯାଉଛି । ବଡ଼ ଜୁଆର ଆସିନି । ତେଣୁ ପାଦଚିହ୍ନ ଗୁଡା ଏପର୍ଯ୍ୟନ୍ତ ଲୁଚିଯାଇନି ।

“ପାଓଲି ଦେଖୁଛ ?”-ସପନବାବୁ ଏକଦମ୍ ଚିତ୍କାର କଲାଭଳି କହିଲେ । ସମସ୍ତେ ଚମକିପଡି ଟିକେ ଅଟକି ଗଲେ । ସପନବାବୁ ତାଙ୍କର ପ୍ରଥମ ଆଙ୍ଗୁଠିକୁ ତଳକୁ ଦେଖାଉଥିଲେ । ତଳେ ବାଘର ଖୋଜ । ପାଓଲି ମଧ୍ୟ ଚମକି ପଡିଲେ । ବାଘର ଖୋଜ ଜଙ୍ଗଲ ଭିତରୁ ଏ ଲୋକମାନଙ୍କର ପାଦ ଖୋଜ ପର୍ଯ୍ୟନ୍ତ ପହଞ୍ଚିଛି । ପାଓଲି ଭଲଭାବରେ ତଳକୁ ଅନାଇଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାଘ ପାଦଚିହ୍ନ ଲୋକମାନଙ୍କ ପାଦଚିହ୍ନ ସହ କିଛିବାଟ ଆଗେଇଯାଇଛି । ପାଓଲିଙ୍କ ଛାତି ପଡୁଥିଲା ଉଠୁଥିଲା । ବାଘଟା ତାହାହେଲେ ଲୋକମାନଙ୍କୁ ପିଛା କରୁଥିଲା । ଏ ଲୋକମାନେ ବଡ଼ ଭାଗ୍ୟବାନ୍ ଯେ ଆଗକୁ ଟିକେ ପାଣିଥିଲା । ଆଉ ସେଇଠି ସେମାନେ ଡଙ୍ଗାରେ ବସି ଭିତରକୁ ଚାଲିଯାଇଥିବେ । ପାଣିରେ ବାଘକୁ ହଠାତ୍ ଆକ୍ରମଣ କରିବା ସୁବିଧାଜନକ ହୋଇନଥିବ । ତେଣୁ ବାଘ ସେଇଠି ଅଟକିଯାଇଛି । ଲୋକମାନେ ତା'କୁ ପାଣି ଭିତରେ ସହଜରେ ଦେଖିଦେବେ, ସତର୍କ ହୋଇଯିବେ । ସେଥିପାଇଁ ଆକ୍ରମଣ କରିନାହିଁ ।

"ଏ ଲୋକଗୁଡ଼ାକ ବଡ଼ ଭାଗ୍ୟବାନ୍ ସପନବାବୁ ।"- ପାଓଲି କହିଲେ ।

ସପନବାବୁମୁଣ୍ଡ ଟୁଙ୍ଗାରିଲେ । ଲୋକଙ୍କ ପାଦଚିହ୍ନ ଉପରେ ବାଘର ପାଦଚିହ୍ନ ପଡିବା ପରିଷ୍କାର ଦେଖାଯାଉଛି । ବାଘଟା ତାହେଲେ ଏ ଲୋକଙ୍କୁ ଅନେକ ସମୟ ଧରି ପିଛା କରିଛି । ସୁଯୋଗ ପାଇଥିଲେ ଜଣକୁ ଟାଣି ନେଇଥାନ୍ତା । ଭାଗ୍ୟକୁ ସୁଯୋଗଟା ପାଇନି ଆଉ ଲୋକମାନେ ବଞ୍ଚିଯାଇଛନ୍ତି । କାଦୁଅରେ ତା' ଥାବା ଚିହ୍ନଗୁଡ଼ା ଭଲଭାବରେ ଜଣାପଡୁଥିଲା । କାଦୁଅ ଭିତରକୁ ପଶିଯାଇଛି । ଥାବାଟା କମ୍ ଚାପି ହୋଇଯାଇଛି । ଏ କାଦୁଆ ମାଟିଗୁଡ଼ା ଏମିତଆ ଚିହ୍ନ ସବୁ ଅନେକ ସମୟ ଧରି ଧରିରଖନ୍ତି । ଯେ ପର୍ଯ୍ୟନ୍ତ ବଡ଼ ଜୁଆର ନ ହୋଇଛି ସେ ପର୍ଯ୍ୟନ୍ତ ଏ ଚିହ୍ନଗୁଡ଼ିକ ପରିଷ୍କାର ଥାଏ । ଆଗକୁ ଆଉ ଖୋଜି ଲାଭ ନାହିଁ । ଲୋକଗୁଡ଼ାକ ତ ଭିତରକୁ ଆସିଛନ୍ତି ନିଶ୍ଚିତ । ସେମାନଙ୍କୁ ବାଘ ଶିକାର କରି ଖାଇଛି କି ନାହିଁ ତାହା ଜାଣିବା ସମ୍ଭବ ନୁହଁ । ଯଦିବା ଖାଇଥିବ ତାହେଲେ ଯେପର୍ଯ୍ୟନ୍ତ ବାହାରକୁ ଖବର ନ ଆସିଛି ସେ ପର୍ଯ୍ୟନ୍ତ କେହି ଜାଣିପାରିବେ ନାହିଁ । ଏପର୍ଯ୍ୟନ୍ତ ସେ ଡଙ୍ଗାବାଲା ଆଉ ଭିତରେ ନଥିବେ, କେବେଠୁ ଘରକୁ ଫେରିଯାଇଥିବେ । କାରଣ ବାମପଟେ ମଧ୍ୟ ଆଉ କିଛି ପାଦଚିହ୍ନ ଦେଖାଯାଉଥିଲା । ସେପଟେ ବାଘର ବାଘ ଚିହ୍ନ ନଥିଲା । ତେଣୁ ବୋଧହୁଏ ଲୋକଗୁଡ଼ାକ ଫେରିଯାଇଛନ୍ତି ଆଉ କିଛି ଘଟିନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଓଲି ଆଉ ତାଙ୍କ ଦଳ ଏବେ ଜାଣିପାରିଲେ ଯେ ବାଘଠୁ କିଛି ଲୋକ ମାତ୍ର କେଇ ମୁହୂର୍ତ୍ତ ଆଗୁଆ ହେବାଦ୍ୱାରା ଭାଗ୍ୟ ବଳରୁ ରକ୍ଷା ପାଇଯାଇଛନ୍ତି । ବାଘର ପାଦଚିହ୍ନଟା ଏପଟ ସେପଟ ପଡ଼ିଥିଲା । ତା' ପରେ କିଛି ଘାସ ଥିବା ଜମି ମଝିରେ ମଝିରେ ବାଘର ପାଦଚିହ୍ନ ଦେଖାଯାଉଥିଲା । ତା'ପରେ ଜଙ୍ଗଲରେ ଲୁଚିଯାଇଥିଲା । ବଡ଼ ଭାଗ୍ୟବାନ ଲୋକଗୁଡିଏ । ବାଘରାଜ୍ୟରୁ ଜୀବନ ଧରି ଫେରିଯାଇଛନ୍ତି ।

ପାଓଲି ଭାବୁଥିଲେ ଏହି ଗାଁକୁ ଆସିଯାଉଥିବା ବାଘମାନଙ୍କ କଥା । ଅନେକ ସମୟରେ ସୁନ୍ଦରବନର ବାଘ ଗାଁକୁ ଆସିଯାଏ । ଏସବୁ ଗାଁକୁ ଲକ୍ଷ୍ୟକଲେ ଦେଖାଯିବ ଯେ ପ୍ରାୟ ଏହି ଗାଁମାନ ଜଙ୍ଗଲକୁ ସଫାକରି ତିଆରି ହୋଇଛି । ଅନେକ ସମୟରେ ଚାଷ ଜମି ଜଙ୍ଗଲ ଭିତରକୁ ପଶି ଯାଇଛି । ଅନେକ ଗାଁର ପରିସୀମା ଭିତରେ ଛୋଟ ଛୋଟ ଲୁଣା ଜଙ୍ଗଲମାନ ଅଛି । ତେଣୁ କିଛି ସମୟରେ ବାଘ ଅଜାଣତରେ ସେମିତିଆ ଜଙ୍ଗଲକୁ ଆସିଯାଏ । ତା' ଛଡା ଯେବେ ଜଙ୍ଗଲରେ ଶିକାର ଠିକଭାବେ ମିଳେନା ବାଘ ନଦୀ ଅତିକ୍ରମକରି ଗୋରୁ ଛେଳି ଇତ୍ୟାଦି ଧରିବାପାଇଁ ଗାଁକୁ ଆସିଯାଏ । କେବେକେବେ ବାଘୁଣୀ ଛୁଆଦେବାପାଇଁ ଗାଁ ସୀମାକୁ ଆସିଯାଏ । ଅନେକ ସମୟରେ ବାଘୁଣୀ ଧାନଜମି ଭିତରେ ଛୁଆ ଦେଇଥାଏ । କେବେକେବେ ବୃଦ୍ଧ, ରୋଗୀଣା, କିମ୍ବା କିଛି ବିକୃତି ଥିବା ବାଘମାନେ ଗାଁ ସୀମାକୁ ଆସି ଯାଆନ୍ତି । ଏହା ଫଳରେ ସେମାନଙ୍କୁ ସହଜରେ ଗାଈ ଗୋରୁ ଖାଇବାକୁ ମିଳିଯିବେ । ମିଳନ ସମୟରେ କେବେକେବେ ବାଘ ବାଘୁଣୀ ଗାଁକୁ ଆସିଯାଆନ୍ତି । ସେ ସମୟରେ ଶିକାର ପଛରେ ଯିବାକୁ ବେଶି ସମୟ ନଥାଏ । ତେଣୁ ସହଜ ଶିକାରପାଇଁ ଗାଁ ଗଣ୍ଡାକୁ ଆସି ଯାଆନ୍ତି ।

ବାଘ ଦ୍ୱୀପ ପାରି ହେଲାବେଳକୁ କେବେକେବେ ସମସ୍ୟାର ସମ୍ମୁଖୀନ ହୁଏ । କିଛି କିଛି ଯାଗାରେ ଦୁଇ ତିନୋଟି ନଦୀ ମିଶିଥାଆନ୍ତି । ସେହି ସବୁ ଯାଗାରେ ସୁଅ ଜୋର୍‌ରେ ହୁଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ପାଣି ମଧ୍ୟ ବୁଲେ । ଫଳରେ ବାଘ ନିଜର ଲକ୍ଷ୍ୟ କରିଥିବା ଦ୍ୱୀପରେ ପହଁଞ୍ଚିନପାରି ଦିଗହରା ହୋଇଯାଏ । ଅନେକ ସମୟରେ ଦିଗହରା ହୋଇ ବାଘ ଗାଁ ଥିବା ଦ୍ୱୀପକୁ ଭୁଲରେ ଆସିଯାଏ ।

ତେଣୁ ଏ ବାଘଟା ଭୁଲରେ ଏ ଗାଁକୁ ଆସିଯାଇଛି । ଏବେ ସବୁଠାରୁ ବଡ଼ ସମସ୍ୟା ହେଲା ବାଘକୁ କେମିତି ତା'ର ପୂର୍ବ ବାସସ୍ଥାନକୁ ଫେରାଇ ଅଣାଯିବ ? କିମ୍ବା ବାଘକୁ କାବୁକରି ଏକ ଉପଯୁକ୍ତ ଦ୍ୱୀପରେ ଛାଡିଦିଆଯିବ । ସେ ପର୍ଯ୍ୟନ୍ତ ଗାଁରେ କିଛି ନଘଟୁ । କ୍ରିଷ୍ଣପଦ ଆଉ ଅନ୍ୟ କମିଟିର ସଦସ୍ୟମାନେ ବହୁତ କାମିକା ଲୋକ । ସେମାନେ ବାଘଆଡକୁ ଅନ୍ୟ ଲୋକଙ୍କୁ ଯିବାକୁ ଦେବେନି । ଏହି କମିଟିମାନଙ୍କର ସଦସ୍ୟ ଯୋଗୁ ଆଜିକାଲି ବାଘ ଜନିତ ହାନୀ କମ ଘଟୁଛି ଆଉ ଲୋକମାନେ ଏତେ ବାଘକୁ କ୍ଷତି କରୁ ନହାନ୍ତି ।

ଜନ୍ତାରେ ବାଘ ଧରା-

ଜାଲଟା ମରାମତି କରି ପାଓଲି ଆଉ ତା'ଙ୍କ ଦଳ ରେଞ୍ଜ ଅଫିସ ଫେରି ଆସିଲେ । ଏପଟେ ସେ ଦ୍ୱୀପରୁ ଆଉ କେଉଁ ବାଘ ନ ଖସି ଆସୁ ଏଥିପାଇଁ ଜାଲକୁ ଠିକ୍ ଭାବେ ମରାମତି କରାଯାଇଥିଲା । ଜାଲଟା ଖୋଲାଥିଲେ ବାଘ ଭିତରକୁ ଆସିଥାନ୍ତା କି ନ ଆସିଥାନ୍ତା ସେ ବିଷୟରେ କିଛି ଠିକ ଭାବରେ କହି ହେଉନଥିଲା । ଏ ବାଘକୁ ଏପର୍ଯ୍ୟନ୍ତ ଦେଖାଯାଇନି । ବାଘ ଦେଖାଯିବାର ଖବର ଆସିଲେ ଯାହା କିଛି କରାଯିବ । ଦ୍ୱୀପଟାରେ ଅନେକ ଲୁଚିବା ଯାଗା ଅଛି । ସବୁ ଯାଗାକୁ ଖୋଜିବା କଷ୍ଟ । ବାଘ ଯାଗା ବଦଳାଉଥିବ । ସେମାନେ କିଛି ଯାଗା ଖୋଜି ନେଇଥିଲେ । କିନ୍ତୁ ବାଘ ଦେଖାଗଲାନି ।

ଅନେକ ତର୍କ ବିତର୍କ ହେଲା । ଏବେ ବାଘଟାକୁ କ'ଣ କରାଯିବ ?

ବାଘଟାକୁ ସେପଟୁ ଘଉଡ଼ାଇଦେଥିଲେ କ'ଣ ଅସୁବିଧା ହୋଇଥାନ୍ତା ? ବାଘଟା ଏପଟୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରି ଆସିଥିଲେ କ'ଣ ଅସୁବିଧା ହୋଇଥାଆନ୍ତା ? ଏ ବିଷୟରେ ବିତର୍କଟା ଅଧିକ ସମୟ ଚାଲିଲା ।

ସମସ୍ତେ ଗୋଟିଏ ଲମ୍ବା ଟେବୁଲ୍ ଚାରିପଟେ ବସିପଡ଼ିଥିଲେ । ରେଞ୍ଜରବାବୁ ମଝି ଚେୟାରରେ ବସିଥିଲେ । ସେ ସମସ୍ତଙ୍କ କଥା ଶୁଣୁଥିଲେ । ବସିଥିବା ଲୋକମାନେ ଏସ୍ ଟି ଆର୍ କର୍ମଚାରୀ । ତାଙ୍କ ଭିତରେ କଥା ହେଲା ଯେ ବାଘଟାକୁ ଲୋକ ବସତିପୂର୍ଣ୍ଣ ସେ ଦ୍ୱୀପରୁ ପ୍ରଥମେ ଯେମିତି ହେଲେ ବାହାର କରିବେ । ଘଉଡ଼ାଇ ଦେଲେ କ'ଣ ହେବ ? ଆଉ ଘଉଡ଼ାଇବାର ଉପାୟଟା ବି କ'ଣ ? ଏ ବିଷୟରେ ଅନେକ ଦ୍ୱିମତ ମଧ୍ୟ ଥିଲା । ଯଦି ଘଉଡ଼ାଇ ଦିଆଯାଏ ତାହେଲେ ବାଘଟା ହୁଏତ ଉତ୍ତ୍ୟକ୍ତ ହୋଇଯାଇପାରେ । ଉତ୍ତ୍ୟକ୍ତ ହେଲେ ତା'ର ଆକ୍ରମଣ କରିବାର ଇଚ୍ଛାଟା ଅଧିକ ବଢ଼ିଯିବ । ଆଉ ଆକ୍ରମଣ ସମୟରେ ବାଘର ଗର୍ଜନ ଘଡଘଡିର ଶବ୍ଦଠାରୁ ଅଧିକ ଭୟଙ୍କର ଲାଗେ । ରକ୍ତମୁହାଁ ବାଘର ଆକ୍ରମଣ ଆଗରେ ଏ ଲୋକଗୁଡ଼ା କିଛି ନୁହନ୍ତି । କିନ୍ତୁ ଦଳେ ଲୋକ ଥିଲେ ଯେତେ ଆକ୍ରମଣମୁଖୀ ବାଘ ମଧ୍ୟ ଟିକିଏ ଡରିବ । ତେଣୁ ଘଉଡ଼ାଇଦେବା କଥାଟା କିଛି ଅଂଶରେ ଠିକ ବୋଲି ଅନେକ ଲୋକ ଭାବୁଥିଲେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୁଣା



ଅମୃତ ନାରାୟଣ ଶତପଥୀ

କରୁଣା ମନର ଏକ ଭାବ, ଅନ୍ୟ ପ୍ରତି ଥିବା ଦୟା ତଥା ଭାବପ୍ରବଣତା ଯାହା ସଭିଙ୍କ ମାନସପଟରେ ଉଦୟ ହେବା ବାଞ୍ଛନୀୟ କିନ୍ତୁ କରୁଣାର ଭାବ ମନରେ କହାର କେତେ ତାହା ଏବେ ସନ୍ଦେହାସ୍ପଦ । ନାମ ଅନୁଯାୟୀ ଯେ ସଭିଏଁ କର୍ମ କରନ୍ତି କି ନାହିଁ ତାହା ସନ୍ଦେହ । କରୁଣାକର, କରୁଣାନିଧି କେତେ କେତେ ନାଁ କିନ୍ତୁ ଚରିତ୍ରର ସ୍ୱଚ୍ଛତା ବା କର୍ମରେ ନିରନ୍ତରତା କେତେ ତାହା ସହଜରେ ଅନୁମେୟ । ଆମ କାହାଣୀର ଚରିତ୍ର କରୁଣା ଏକ ୧୨ ବର୍ଷର ବାଳକ ଆସନ୍ତୁ ଏବେ ଜାଣିବା ତାହାର କାହାଣୀ କିଛି ସତ୍ୟ କିଛି ତଥ୍ୟ କିଛି ସୁଖ କିଛି ଦୁଃଖ କିଛି ଯାତନା ଓ ଅନ୍ୟ କିଛି କଳ୍ପନା ।

ନିଦାଘ ବୈଶାଖର ଉଦୁଉଦିଆ ଖରାବେଳ, ସୂର୍ଯ୍ୟ ମୁଣ୍ଡ ଉପରେ ପ୍ରଚଣ୍ଡ ଉଗ୍ର କିରଣ ଦେଇ ଜନଜୀବନର ଚଳତ୍ ଗତିକୁ ସ୍ଥିର କରି ଦେଇଛନ୍ତି । ମନୁଷ୍ୟ କ'ଣ ପଶୁପକ୍ଷୀ ବି ଆତଙ୍କିତ ଏହି ସୂର୍ଯ୍ୟଙ୍କ ପ୍ରଚଣ୍ଡ କ୍ରୋଧାଗ୍ନିରେ ଦିନେ ନୁହେଁ ଦୁଇଦିନ ନୁହେଁ ଦୀର୍ଘ ଦୁଇବର୍ଷର ଯାତନା ବର୍ଷା ବୁନ୍ଦାଟିଏର ବି ଦର୍ଶନ ଦେଇନାହିଁ ପୃଥିବୀ ପୃଷ୍ଠର ଏହି ସ୍ଥାନରେ । ଫଳ ସ୍ୱରୂପ ମରୁଡି, ଦୁର୍ଭିକ୍ଷ ଭୂମି ଫାଟି ଆଁ କଲାଣି ଚାରିଆଡେ ଥୁଣ୍ଟା ଗଛ, ପଶୁପକ୍ଷୀଙ୍କ ଚଳପ୍ରଚଳ ଶୂନ୍ୟ ଚାରିଆଡେ ଶ୍ମଶାନ ନିରବତା ହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ବିଦ୍ୟମାନ ।

ଏହି ସମୟରେ ଦେଖାଗଲା ଏକ ଅସ୍ୱାଭାବିକ ଦୃଶ୍ୟ । ଏକ ଚିରା ସାତସିଆଁ ପ୍ୟାଣ୍ଟ ଟିଏ ପିନ୍ଧି ଫୁଙ୍ଗୁଳା ଦେହରେ ଗ୍ରାମୀଣ ରାସ୍ତାରେ ଚାଲିଛି ଏକ ଛୋଟ ପିଲା ହାଡ କଙ୍କାଳ ଗଣି ହୋଇଯାଉଛି ଦେହ ସାରା ସତେ ଯେପରି ପିଞ୍ଜରା ହାଡର ଢାଞ୍ଚା ଉପରେ ଚର୍ମ ଆଛାଦିତ ଏକ ଶରୀର । ପେଟରେ ଦୀର୍ଘ ଦିନର ଭୋକ, ସିଧା ହୋଇ ଠିଆ ହେବାକୁ ବି ସାମର୍ଥ୍ୟ ନାହିଁ ସେ ପିଲାଟିର ଏପଟେ ତାତିରେ ଗୋଡ ପୋଡି ଯାଉଛି ପ୍ରବଳ ଖରାରେ ମୁଣ୍ଡ ବି ବୁଲାଇ ଦେଉଛି । ଥର ଥର ଅସ୍ଥିର ପାଦରେ ଆଗେଇ ଚାଲିଛି ଆଗକୁ ଆଗକୁ ସତେ ଯେପରି ଏହି ମୂର୍ତ୍ତିମନ୍ତ ପ୍ରତୀକ କୁ ଦେଖି ତାହାର କଷ୍ଟ ସହି ନପାରି ପୃଥିବୀ ଫାଟି ଯିବ କି ଏବଂ ମାତା ସୀତାଙ୍କୁ ନିଜ ଭିତରକୁ ନେଇଯିବା ପରି ୟାକୁ ନେଇଯିବ ନା କ'ଣ ବୋଲି ମନେ ହେଉଥାଏ ।

ବେଶ୍ କିଛି ବାଟ ଆସିଲା ପରେ ଗୋଟିଏ ଗ୍ରାମର ପରିସୀମା ମଧ୍ୟରେ ପ୍ରବେଶ କଲା ଗ୍ରାମର ନାମ କଷଣପୁର(କାଳ୍ପନିକ ନାମ) । କେଉଁ କାରଣରୁ ଗ୍ରାମର ଏପରି ନାମକରଣ ହୋଇଛି ତାହା ଅସ୍ପଷ୍ଟ, କିନ୍ତୁ ଏବେ ସେହି ସ୍ଥାନର ଅବସ୍ଥା ଦେଖିଲେ ନାମର ଯଥାର୍ଥତା ଅନୁଭବ କରି ହେବ, ଦୁର୍ଭିକ୍ଷ ପ୍ରଭାବରେ ଗ୍ରାମ ପ୍ରାୟ ଶୂନ୍ୟ ଗୋଟିଏ ଗୋଟିଏ ଥୁଣ୍ଟା ବୃକ୍ଷର ଡାଳ ଆଢୁଆଳରେ ଶାଗୁଣା ବସିରହି ନିଜକୁ ସୂର୍ଯ୍ୟଙ୍କ ପ୍ରଚଣ୍ଡ ତାପରୁ ବଞ୍ଚାଇବାକୁ ଚେଷ୍ଟା କରୁଛି କିନ୍ତୁ ନା ଡାଳପତ୍ର ବିହୀନ ବୃକ୍ଷ ଯେ ତାକୁ ଛାଇବି ଦେବାରେ ଅକ୍ଷମ । ଆବଶ୍ୟ ଦୁର୍ଭିକ୍ଷ ଯୋଗୁଁ ବଢି ଯାଇଥିବା ମୃତ୍ୟୁ ସଂଖ୍ୟା ହେତୁ ଚିଲ ଶାଗୁଣା ବିଲୁଆ ଆଦିଙ୍କ ଖାଦ୍ୟରେ ଅଭାବ ନାହିଁ କିନ୍ତୁ ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣରୁ କିଏ ରକ୍ଷା କରିବ ସେମାନଙ୍କର, ଜଳ ବିହୁନେ ସେମାନଙ୍କ ଅବସ୍ଥା ବି ବାରଣ୍ଡା ଦିକଡା । ଏସବୁ ପ୍ରତି ଦୃଷ୍ଟି ନଦେଇ ପିଲାଟି ଆଗେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଥାଏ ଗାଁ ଭିତରକୁ ଉଦ୍ଦେଶ୍ୟ କିଛି ଖାଦ୍ୟ ପାଇବା; କିନ୍ତୁ ପ୍ରତ୍ୟେକ ଘରୁ ନିରାଶ ହୋଇ ଫେରୁଥାଏ । କେତେକ ଘରେ ତାଟି କବାଟ ବି ପଡି ଯାଇଥାଏ । ନିରାଶା କ୍ରମଶଃ ତାହାର ବକ୍ଷ ଭେଦକରି ତାକୁ ମୃତ୍ୟୁଂଭିମୁଖୀ କରାଉ ଥାଏ । ହଠାତ୍ ଏକ ପକ୍କା ଘର ସମ୍ମୁଖରେ ତା'ର ପାଦ ରହିଗଲା ଗ୍ରାମର ଏକମାତ୍ର ପକ୍କାଘର ଥିଲା ତାହା । ବୋଧହୁଏ ଗୃହ ସ୍ୱାମୀ ଜଣେ ସ୍ୱଚ୍ଛଳ ବ୍ୟକ୍ତି ଥିଲେ - "ମା କ'ଣ ଗଣ୍ଡେ ଖାଇବାକୁ ମିଳୁ" କହି ଲଥ କରି ବସି ପଡିଲା ପିଣ୍ଡା ଉପରେ । ଆଉଥରେ ଥରଥର କରୁଣ ଗଳାରେ ଡାକ ଦେଲା ମା... ହଠାତ୍ କବାଟ ଖୋଲି ବାହାରକୁ ଆସିଲେ ଜଣେ ମହିଳା । ପିଲାଟିର ଅବସ୍ଥା ଦେଖି ବେଶ୍ ଦୁଃଖିତ ହୋଇ ଉଠିଲେ । ପଚାରିଲେ "ବାପା ତୁ କିଏ କ'ଣ ଚାହୁଁ ?" ବାଷ୍ପରୁଦ୍ଧ କଣ୍ଠରେ କହି ଉଠିଲା ପିଲାଟି - "ମା ମୁଁ କରୁଣା ମୋର ଘର ଏହି ଗ୍ରାମ ସୀମାର ଅପର ପାର୍ଶ୍ୱରେ ପିଲାଟି ଦିନୁ ବାପା ଛେଉଣ୍ଡ ଘରେ ମା ଓ ଭଉଣୀ ଅପେକ୍ଷା କରିଛନ୍ତି କିଛି ଖାଦ୍ୟ ନେଇ ଗଲେ ସେମାନଙ୍କ ମୁଖରେ ଆହାର ଦେବି" ଏତିକି କହି ବେହୋସ ହେବାର ଉପକ୍ରମ କଲା । ଗୃହସ୍ୱାମିନୀ ଘର ଭିତରକୁ ଧାଇଁଗଲେ କିଛି ସମୟ ପରେ କଂସାରେ କିଛି ପଖାଳ ଆଣି ଆସିଲେ ତାକୁ କହିଲେ - "ନେ ବାପା ଏ ପଖାଳ ଗଣ୍ଡେ ଖାଇଦେ, ଦୁର୍ଭିକ୍ଷ ହେତୁ ଶସ୍ୟାଭାବରୁ ଆଉ କିଛି ଦେବାର ମୋର କ୍ଷମତା ନାହିଁ ।" ଏତିକି ଶୁଣି ଓ ଖାଦ୍ୟ ଦେଖି ପିଲାଟିର କୋରଟରେ ପଶି ବନ୍ଦ ହୋଇଆସୁଥିବା ଆଖି କ୍ରମେ ଚକ୍ ଚକ୍ ହୋଇ ଖୋଲି ଗଲା ଆନନ୍ଦାଶ୍ରୁ ବହିଗଲା ଦୁଇଧାର ସତେ ଯେମିତି କୋଟିନିଧି ପାଇଯାଇଛି ସେପରି ମନ ହେଲା । ଆଗତ୍ୟା ନିଜ ମଇଳା ଝୁଲି ମଧ୍ୟରୁ ଖଣ୍ଡେ ମଇଳା ବାସନ ବାହାର କରି ସେଥିରେ ପଖାଳ ଦେଇ ଦେବାକୁ କହିଲା । କିନ୍ତୁ ନା ଖାଇବା ପାଇଁ ଇଚ୍ଛା କଲା ନାହିଁ କି ଖାଇ ପାରିଲା ନାହିଁ, ମା ଭଉଣୀଙ୍କ ଶୁଖିଲା ମୁହଁ ଆଖି ଆଗରେ ନାଚି ଉଠିଲା ତା'ର । ଦ୍ରୁତ ଗତିରେ ଉଠି କାନ୍ଧରେ ଝୁଲିଟି ପକାଇ ନିଜ ଗୃହ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଭିମୁଖେ ଯାତ୍ରା କରିବାକୁ ଅଗ୍ରସର ହେଲା ଏକ ଦୁଇ ତିନ... ଏମିତି ଦଶ ବାର ପାହୁଣ୍ଡ ଖଣ୍ଡେ ଯାଇଛି କି ନାହିଁ ଭୁସ୍ କରି ପଡିଗଲା ଗଛ କାଟିବା ପରି । ସେହି କଟଡାରେ ତାହାର ପ୍ରାଣବାୟୁ ଉଡି ଯାଇଥିଲା । କିଛି ସମୟ ପରେ ଦେଖାଗଲା ଏକ ଦୁର୍ବଳ ବୁଲା କୁକୁର କେଉଁଠି ଥିଲା କେଜାଣି ଭୋ ଭୋ କରି ଭୁକି ତା ପାଖକୁ ଧାଇଁ ଆସିଛି ତା'ର ସେହି ମଇଳା ଝୁଲିକୁ ଚିରି ସେଥିରେ ଥିବା ଭାତକୁ ନିଜ ପ୍ରାଣ ବଞ୍ଚାଇବାକୁ ଖାଇ ଚାଲିଛି । ଅକସ୍ମାତ ଏହି ଦୃଶ୍ୟ ଗ୍ରାମର ଜନୈକ ବ୍ୟକ୍ତି ଆଖିରେ ପଡିଗଲା । ସେ ପାଟି କରି କିଛି ଗ୍ରାମବାସୀଙ୍କୁ ଡାକିଲା କିଛି ଲୋକ ଆସି ପିଲାଟିର ଶବ ଚାରିପଟେ ରୁଣ୍ଡ ହୋଇଗଲେ । ଗ୍ରାମରେ ଓ ଗ୍ରାମବାସୀଙ୍କ ମନରେ ଦୁଃଖ ତଥା ଶୋକର ଛାୟା ଖେଳିଗଲା ।

ବି.ଦ୍ର- ଏହି ଗଳ୍ପ ପରି ଅନେକ ଘଟଣା ପୂର୍ବରୁ ଦୁର୍ଭିକ୍ଷ ଓ ମହାମାରୀ ଆଦି ସମୟରେ ହୋଇଥିଲା ଯାହାର କିଛି ଅଂଶ ଗଳ୍ପ ମାଧ୍ୟମରେ ଉପସ୍ଥାପନା କରିବାକୁ ମୁଁ ଚେଷ୍ଟା କରିଛି, ଆଜିବି ସେହି ବୁକୁଫଟା କାହାଣୀ ଶୁଣିଲେ ସେହି ନଅଙ୍କ ଦୁର୍ଭିକ୍ଷ ଆଦି ବିଷୟରେ ପଢିଲେ ଯେକୌଣସି ସହୃଦୟ ବ୍ୟକ୍ତି ଭାବ ବିହ୍ୱଳିତ ହେବା ସହ ଆଖିରୁ ଦୁଇଧାର ଲୁହ ବୋହିଯିବା ସ୍ୱାଭାବିକ । ଏପରିକି ଅତ୍ୟାଚାରୀ ଇଂରେଜ ଶାସକଙ୍କ ପଥର ହୃଦୟ ବି ଅତୀତରେ ଏହି ସବୁ ଘଟଣାରେ ତରଳି ଯାଇଥିଲା ସେଥିପାଇଁ ସେମାନେ ମଧ୍ୟ ନଅଙ୍କ ଦୁର୍ଭିକ୍ଷ ପରେ ବର୍ଷା ଅଭାବ ଜଳସେଚନ ପାଇଁ କେନାଲ୍ ମାନ ନିର୍ମାଣ କରିଥିଲେ । ଉଦାହରଣ:- କେନ୍ଦ୍ରାପଡା ରୁ ଜଗତପୁର ପର୍ଯ୍ୟନ୍ତ ବ୍ୟାପ୍ତ କେନାଲ ।

ଠିକଣା:- ନୟାପଲ୍ଲୀ, ଭୁବନେଶ୍ୱର,ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପାଙ୍କ ଶେଷ ଇଚ୍ଛା



ନିତ୍ୟରଞ୍ଜନ ନନ୍ଦ

ବାହାରେ ରହୁଥିବା ତିନିପୁଅଙ୍କୁ ମେସେଜ ପଠାଇଦେଲେ ଗୋବିନ୍ଦ ବାବୁ ଆଉ ପ୍ରତୀକ୍ଷା କଲେ ସେମାନଙ୍କ ପ୍ରତିକ୍ରିୟା ଜାଣିବାକୁ । ମେସେଜଟି ଥିଲା ଏହିପରି । "ପିଲେମାନେ ! ପୁଣିଥରେ ମୁଁ ବିବାହ କରିବାକୁ ମନସ୍ଥ କରିଛି । ତୁମ୍ଭମାନଙ୍କର ମତାମତ ଆବଶ୍ୟକ । ଚଳିତ ମାସ ଶେଷ ରବିବାର ଦିନ ତୁମ୍ଭେମାନେ ଯଦି ଘରକୁ ଆସିପାରନ୍ତ, ତେବେ ଏକାଠି ବସି କିଛି ଗୋଟାଏ ନିଷ୍ପତ୍ତି ନେଇପାରିବା ସହ ବିବାହ ଉତ୍ସବ ପାଳନ ଉପରେ ଆଲୋଚନା କରିପାରନ୍ତେ । ଶୁଭାଶିଷ ସହ ତୁମ ବାପା"

ଗୋବିନ୍ଦ ବାବୁ ଗତ ଦୁଇବର୍ଷ ହେବ ବିପତ୍ନୀକ ଭାବେ ଜୀବନ କାଟୁଛନ୍ତି । ବୟସ ଏବେ ସତୁରି । ଶରୀର କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ରାଜଧାନୀର କୋଳାହଳମୟ ପରିବେଶରେ ସତେ ଯେମିତି ସେ ନିର୍ବାସିତର ଜୀବନ କାଟୁଛନ୍ତି; ନିଜ ଘର ଭିତରେ । ତିନି ପୁଅଙ୍କ ପାଇଁ ସମସ୍ତ ଆଧୁନିକ ଚଳଣୀ ସୁବିଧା ଥିବା ବଡ଼ ଘରଟିଏ ନିର୍ମାଣ କରିଥିଲେ ଗୋବିନ୍ଦ ବାବୁ । କିନ୍ତୁ କିଏ ଜାଣିଥିଲା ସେଇ ଘରଟି ତାଙ୍କ ପାଇଁ ଦିନେ ଜେଲ ଭଳି ପ୍ରତୀୟ ହେବ । ତିନିପୁଅ ନିଜ ନିଜ କର୍ମ ସଂସ୍ଥାନରେ, ଓଡିଶାବାହାରେ । ଦୁଇବର୍ଷ ତଳେ, ମାଆ ଶୁଦ୍ଧକ୍ରିୟାକୁ ଆସିଥିଲେ ଓ ବର୍ଷକ ପରେ ପ୍ରଥମ ଶ୍ରାଦ୍ଧବାର୍ଷିକକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ପୁଅ ନା ବୋହୁ, କେହି ବି ଥରୁଟିଏ ପଚାରିଲେନି ଯେ ବାପା ତୁମେ କେମିତି ଅଛ । ଆଉ ସାଥିରେ ନେଇଯିବା ତ ବଡ଼ କଥା ।

ହଁ, ପ୍ରଥମ ଶ୍ରାଦ୍ଧ ବାର୍ଷିକୀକୁ ଆସିଥିବା ବେଳେ ବଡ଼ପୁଅ ବାପାଙ୍କୁ ନିଜ ସହ ବାଙ୍ଗାଲୋର ନେଇଯିବାକୁ ଅନୁରୋଧ କରିଥିଲା । କିଛିଦିନ ବାହାରେ ବୁଲି ଆସିଲେ ମନ ଭଲ ଲାଗିବ ବୋଲି ବାପାଙ୍କୁ ବୁଝାଇଥିଲା । ଗୋବିନ୍ଦ ବାବୁ କିଛି ଉତ୍ତର ଦେବାପୂର୍ବରୁ ବଡ଼ବୋହୂ ଆଖିଠାରରେ ବଡ଼ପୁଅକୁ ନିଜ ଶୋଇବାଘରକୁ ଡାକି ନେଇ ଯାହା ସବୁ କହିଲା ତାହା ଶୁଣି ଗୋବିନ୍ଦ ବାବୁ ବାଙ୍ଗାଲୋର ଯିବାକଥା ମନରୁ ପୋଛି ଦେଲେ । ବଡ଼ ବୋହୁ ପୁଅକୁ ପ୍ରଶ୍ନ କରିଥିଲା ଯେ ବାପାଙ୍କୁ ବାଙ୍ଗାଲୋର ନେବା ପୂର୍ବରୁ କିଛି ଭାବିଛ ନା ନାହିଁ । ତିନିବଖରା ଘର ଭିତରୁ ଗୋଟିଏ ଆମ ଶୋଇବା ଘର । ଦ୍ୱିତୀୟଟି ପିଲାଙ୍କ ପଢ଼ାଘର । ଆର ଘରେ ତ ମୋ ବାପା ରହୁଛନ୍ତି । ତୁମ ବାପା ଗଲେ ରହିବେ କେଉଁଠି ? ବଡ଼ ପୁଅ ଉତ୍ତର ଦେଇଥିଲା "ତୁମ ବାପା ଓ ମୋ ବାପା ଗୋଟିଏ ଘରେ ରହିଯିବେ, ଅସୁବିଧା କଣ ?" ବଡ଼ ବୋହୁ ଚିହିଁକି ଉଠିଲା । କହିଲା- "ତୁମ ବାପାଙ୍କ ସହ ମୋ ବାପା ରହିପାରିବେନି । ତାଙ୍କ ପ୍ରାଇଭେସି ନଷ୍ଟ ହେବ ।" ବଡ଼ପୁଅ ଏହାର କିଛି ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ଗୋବିନ୍ଦ ବାବୁ ତାକୁ ଡାକିଆଣିଲେ । କିଛି ନ ଶୁଣିଥିବାର ଅଭିନୟ କରି କହିଲେ, ନାଇଁରେ, ଏବେ ମୁଁ ଯାଇପାରିବିନି । ମୋର ଗୁଡ଼ାଏ କାମ ଅଛି । ସୁବିଧା ହେଲେ ତୋତେ ଖବର ଦେବି । ଗୋବିନ୍ଦ ବାବୁ ଚାହୁଁ ନଥିଲେ, ତାଙ୍କ ପାଇଁ ପୁଅ ବୋହୂ ମଧ୍ୟରେ ମନୋମାଳିନ୍ୟ ହେଉ ।

ମଝିଆ ପୁଅ ରାଉରକେଲାରେ ରହେ । ଷ୍ଟିଲ ପ୍ଲାଣ୍ଟରେ ଚାକିରି କରିଛି । ପତ୍ନୀ ଥିବାବେଳେ ତାଙ୍କୁ ନେଇ ସେ ଥରୁଟିଏ ରାଉରକେଲା ଯାଇଥିଲେ । ସେଠି ତାଙ୍କର ଦେହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଠାତ ଅସୁସ୍ଥ ହୋଇଗଲା । ଛାତିରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନାକୁ ଗଲେ । ପରୀକ୍ଷାରୁ ଜଣା ପଡିଲା ଯେ କାର୍ଡିଆକ୍ ବ୍ଲକେଜ ଅଛି । ବାଇପାସ ସର୍ଜରି କରିଦେଲେ ଭଲ ବୋଲି ଡାକ୍ତର ପରାମର୍ଶ ଦେଲେ । ପୁଅ ବୁଝିଲା ଯେ ଏଥିପାଇଁ ଲକ୍ଷେ ଟଙ୍କା ଖର୍ଚ୍ଚ ହେବ । ସପ୍ତାହକ ପରେ ଅପରେସନ କରାଇ ଦେବାକୁ ପୁଅ ନିଷ୍ପତ୍ତି ନେଇଥିଲା । ମାତ୍ର ମଝିଆ ବୋହୁର ପ୍ରଶ୍ନର ଉତ୍ତର ତା ପାଖରେ ନ ଥିଲା । ବୋହୁର ପ୍ରଶ୍ନଥିଲା - ଏତେ ଟଙ୍କା କେଉଁଠୁ ଆଣିବ ? ପୁଅ ତତ୍‌କ୍ଷଣାତ ନିଜ ଫିକ୍ସ ଡିପୋଜିଟ ମ୍ୟାଚ୍ୟୁରିଟି କଥା ପତ୍ନୀକୁ ମନେ ପକାଇଦେଲା । ତାଚ୍ଛଲ୍ୟ କରି ବୋହୁ କହିଲା - ସାବଧାନ, ସେଥିରେ ଯଦି ହାତ ମାରିବ ମୋତେ ଚିହ୍ନିବ । କାଇଁ ଅନ୍ୟ ଦୁଇଭାଇ କୁଆଡେ ଗଲେ କି ? ସେମାନେ ତ ବଡ଼ ବଡ଼ ସହରରେ ରହୁଛନ୍ତି । ସେଠିକି ବାପାଙ୍କୁ ପଠାଇ ଦେଉନ । କଥାକୁ ଆଗକୁ ବଢାଇବାକୁ ଦେଇନଥିଲେ ଗୋବିନ୍ଦ ବାବୁ । ଭୁବନେଶ୍ୱରରେ ସେ ତାଙ୍କ ଡାକ୍ତର ବନ୍ଧୁ ଅବିନାଶ ସହ ପରାମର୍ଶ କରିବେ । ଯଦି ଆବଶ୍ୟକ ପଡେ ସେ ଭୁବନେଶ୍ୱରରେ ଅପରେସନ କରାଇନେବେ ବୋଲି ପୁଅ ବୋହୁଙ୍କୁ ବୁଝାଇଦେଲେ । ତା ପରଠାରୁ ସେ କେବେ ଆଉ ରାଉରକେଲା ଯାଇନାହାନ୍ତି । ଭୁବନେଶ୍ୱର ଫେରିବା ପରେ ପତ୍ନୀ ତାଙ୍କୁ ବସାଇ ଦେଇନଥିଲେ । ଭଲ ହାର୍ଟ ସ୍ପେସିଆଲିଷ୍ଟଙ୍କୁ ଦେଖାଇବାକୁ ବାରମ୍ବାର କହିବା ପରେ ସେ ବାଇପାସ ସର୍ଜରୀ କରାଇନେଲେ । ଅପରେସନ ସମୟରେ ସେ ତାଙ୍କର କୌଣସି ପୁଅମାନଙ୍କୁ ଖବର ଦେଇନଥିଲେ । କେବଳ ପତ୍ନୀ ହିଁ ତାଙ୍କ ସହ ରହିଥିଲେ । ପରେ ପୁଅମାନେ ଜାଣି କେହି ବି ପଚାରିନଥିଲେ ଯେ ବାପା ତାଙ୍କ ଅପରେସନ ସମ୍ପର୍କରେ କାହିଁକି ସେମାନଙ୍କୁ କିଛି କହିଲେ ନାହିଁ ।

ସାନପୁଅ ଦିଲ୍ଲୀରେ ରୁହେ । ମାଆର ଦେହାନ୍ତ ହେବା ପରଠାରୁ ଥରୁଟିଏ ବି ସେ ବାପାର ଭଲମନ୍ଦ କଥା ପଚାରି ନାହିଁ । ଥରେ ଦୁଇଥର ଗୋବିନ୍ଦ ବାବୁ ଫୋନ କରିଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେପଟୁ ଉତ୍ତର ଆସିଥିଲା ଯେ, ସେ ବ୍ୟସ୍ତ ଅଛି । ପରେ ଫୋନ କରିବ । ମାତ୍ର କେବେହେଲେ ସେପଟୁ ଆଉ ଫୋନ ଆସିନାହିଁ । ମାଆର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆସିଥିବା ବେଳେ ପ୍ରସ୍ତାବ ଦେଇଥିଲା ଯେ ଭୁବନେଶ୍ୱରରେ ଥିବା ତିନିମହଲା ଘରର ଗୋଟିଏ ମହଲା ତା ଭାଗରେ ପଡିବ । ସେ ତାକୁ ଭଡାରେ ଲଗାଇବ ଓ ବାପା ପ୍ରତିମାସରେ ଘରଭଡା ଟଙ୍କା ତା ପାଖକୁ ପଠାଇବେ । ସାନ ପୁଅର ପ୍ରସ୍ତାବକୁ ଅନ୍ୟ ଦୁଇଭାଇ ସଂଗେ ସଂଗେ ସମର୍ଥନ କରିଥିଲେ । ସେମାନଙ୍କ ଭାଗକୁ ଭଡ଼ା ଲଗେଇ ଦେବାକୁ ବାପାଙ୍କୁ କହିବାକୁ ଟିକେ ବି ଲଜ୍ଜା ଅନୁଭବ କରିନଥିଲେ ତିନିଭାଇ । କେହି ଜଣେ ବି ଭାବି ନ ଥିଲେ ଯେ ତିନି ମହଲା ଯାକ ଭଡା ଲଗେଇ ଦେଲେ ବାପା ରହିବେ କେଉଁଠି ।

ବଡ଼ପୁଅ ବାପାଙ୍କ ମେସେଜ ପାଇ ନିଜ ପତ୍ନୀଙ୍କୁ ତାହା ଦେଖାଇଲା । କଟାକ୍ଷ କଲା ବଡ଼ ବୋହୁ । ଛି ଛି, ଏମିତି ସଂସ୍କାର ରହିଛି ତୁମ ଘରେ । ସତୁରି ବର୍ଷରେ ବାହା ହେବାକୁ ତୁମ ବାପା ଏତେ ଉଛନ୍ନ । ବଡ଼ ପୁଅ କିଛି ଉତ୍ତର ଦେଇନଥିଲା । ମଝିଆ ଭାଇକୁ ଫୋନ କଲା । ପଚାରିଲା ବାପା କିଛି ମେସେଜ ପଠାଇଛନ୍ତି କି । ମଝିଆ ଭାଇ ହସି ହସି କହିଲା, ଭାଇ ଆରବର୍ଷକୁ ନୂଆ ଭାଇ କି ଭଉଣୀ ଦେଖିବାକୁ ପ୍ରସ୍ତୁତ ହୋଇଯାଅ । ଛି ଛି, ଏ ବୟସରେ ବାପା ଏମିତି କରିବେ ବୋଲି ମୁଁ ସ୍ୱପ୍ନରେ ଭାବି ନ ଥିଲି । କଥାବାର୍ତାରେ ସାନ ଭାଇ ବି ଯୋଡି ହୋଇଗଲା ସେମାନଙ୍କ ସହ । ସାନ ଭାଇ ହାତରୁ ଫୋନ ଛଡାଇନେଇ ସାନ ବୋହୁ କହିଲା, ବେଦୀରେ ନୂଆ ବୋଉଙ୍କୁ ବନ୍ଦାଇବାପାଇଁ ମୁଦି କି ଚୁଡି ଆଗୁଆ କିଣି ରଖିଦିଅ । ସୁନା ଦାମ ବଢି ବଢି ଯାଉଛି ।

ଶେଷରେ ତିନିଭାଇ ନିଷ୍ପତ୍ତି ନେଲେ ଶେଷ ଶନିବାର ଦିନ ଭୁବନେଶ୍ୱରରେ ପହଂଚିବା ପାଇଁ । ଘରକୁ ନଯାଇ ହୋଟେଲରେ ରହିବେ ଓ ତା ପରଦିନ ସକାଳୁ ଏକସଙ୍ଗେ ଘରକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯିବେ ।

ରବିବାର ସକାଳୁ ତିନିଭାଇ ବାହାରିପଡିଲେ ନିଜ ଘରକୁ । କିଏ କ'ଣ ବାପାଙ୍କୁ କହିବ ତାହା ମନେ ମନେ ଭାବୁଥାନ୍ତି । ବୃଦ୍ଧକାଳେ ଏ ରସିକିଆ ବୁଦ୍ଧି ଛାଡି ଭଗବତ ଚିନ୍ତା କରିବାକୁ ବାପାଙ୍କୁ ପରାମର୍ଶ ଦେବେ ବୋଲି ମନସ୍ଥ କରିସାରିଥାନ୍ତି ।

ଘର ଆଗରେ ତିନି ଭାଇ ପହଞ୍ଚିଗଲେ । ଆମ୍ବୁଲାନ୍‌ସ ଗାଡିଟିଏ ଘର ଆଗରେ ଦେଖି ଚମକି ପଡିଲେ ସଭିଏଁ । ତରତର ହୋଇ ଘର ଭିତରକୁ ପଶିଗଲେ । ତଳ ମହଲାର ଗୋଟିଏ ଘରେ ବାପା ଶୋଇଥାନ୍ତି । ଭେଣ୍ଟିଲେଟର, ଲାଗିଥାଏ । ଦୁଇଜଣ ନର୍ସ ପାଖରେ ବସିଥାନ୍ତି । ଜଣେ ଡାକ୍ତର ବାପାଙ୍କ ଚିକିତ୍ସା କରୁଥାନ୍ତି । ବାପା ଜୁଳୁଜୁଳୁ ହୋଇ କେବଳ ଦେଖୁଥାନ୍ତି । କଥା କହିପାରୁନଥାନ୍ତି । ଦୁଇ ଆଖିରୁ କେଇବୁନ୍ଦା ଲୁହ ଝରିପଡିଥିଲା । ତିନିଭାଇ କିଛି ବୁଝିପାରୁ ନଥାନ୍ତି । ବାପାଙ୍କର ଏ ଅବସ୍ଥା କ'ଣ ? ପରିଚୟ ଜାଣିବା ପରେ ଡାକ୍ତର ବାବୁ ତିନିଭାଇଙ୍କୁ ଆଉ ଏକ କୋଠରୀକୁ ଡାକିନେଲେ ଓ ସବୁକଥା ଗୋଟି ଗୋଟି କରି କହିଗଲେ । ଗୋବିନ୍ଦ ବାବୁଙ୍କୁ ଫୁସଫୁସ କର୍କଟ । ଗତ ଚାରିମାସ ତଳେ ଏହା ଜଣା ପଡିଲା । ସବୁ ଚିକିତ୍ସା ବିଫଳ । ଯେଉଁଦିନ ସେ ଜାଣିଲେ ଯେ ତାଙ୍କର ଆଉ ଅତି ବେଶିରେ ପନ୍ଦର ଦିନ ଆୟୁଷ ଅଛି, ସେହିଦିନ ସେ ତୁମ ପାଖକୁ ଖବର ପଠାଇଲେ । କାଳେ ତୁମ୍ଭେମାନେ ଆସିବ କି ନାହିଁ ବୋଲି ନିଜ ପୁନଃବିବାହ ମିଛକଥା ଲେଖିଥିଲେ । ତୁମମାନଙ୍କୁ ଦେଖିବା ହେଉଛି ତାଙ୍କର ଶେଷ ଇଚ୍ଛା । କସ୍ତୁରବା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆମେ ତାଙ୍କୁ ମାଗଣାରେ ଚିକିତ୍ସା କରୁଛୁ । ସେ ତାଙ୍କର ଏହି ଘରଟିକୁ ଟ୍ରଷ୍ଟକୁ ଦାନ କରିଦେଇଛନ୍ତି । ତାଙ୍କର ଦେହାନ୍ତ ପରେ ଏହା ମଧ୍ୟ ଏକ ଦାତବ୍ୟ ଚିକିତ୍ସାଳୟରେ ପରିଣତ ହୋଇଯିବ । ଚିକିତ୍ସାଳୟ ନଯାଇ ଏହିଠାରେ ତାଙ୍କର ଚିକିତ୍ସା ହେଉବୋଲି ସେ ଇଚ୍ଛା ପ୍ରକଟ କରିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରେ ଆମେ ଏଇଠି ତାଙ୍କୁ ଚିକିତ୍ସା କରୁଛୁ । ଭଲ ହେଲା, ତୁମେ ସବୁ ଭାଇମାନେ ଆସିଯାଇଛ । ବାପାଙ୍କୁ ଶେଷ ଦର୍ଶନ କରିଦିଅ । ବୋହୁ ଓ ନାତି-ନାତୁଣୀ ମାନେ ଆସିଥିଲେ ସେ ଅଧିକ ଖୁସି  ହୋଇଥାନ୍ତେ ।

ସାର୍, ଶୀଘ୍ର ଆସନ୍ତୁ । ନର୍ସଙ୍କ କଥାରେ ଗୋବିନ୍ଦ ବାବୁଙ୍କ ବେଡ଼ ନିକଟକୁ ଦୌଡ଼ିଗଲେ ଡାକ୍ତର ବାବୁ । ପଛେ ପଛେ ତିନି ଭାଇ.......  ।

ଡ଼ି.ଏଲ.ଏ.-୧୨, ଭି.ଏସ.ଏସ. ନଗର
ଭୁବନେଶ୍ୱର-୭୫୧୦୧୦
ମୋ - ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆଲିଙ୍ଗନ



ସୁନନ୍ଦା ମହାନ୍ତି

ବାହାଘର ପରେ ପ୍ରଥମ ଥର ଯେବେ ବାପାମାଆ ଭାଇଭଉଣୀଙ୍କ ପାଖକୁ ଫେରିଥିଲି, ସମସ୍ତଙ୍କୁ ଦେଖି ବିଚ୍ଛେଦର କୋହକୁ ଅଟକାଇ ରଖୁ ରଖୁ ବାପାଙ୍କୁ ଦେଖିଲି ତ ଦୃଢ଼ ଆଲିଙ୍ଗନ ଭିତରେ ଘଡ଼ିଏ ସରିକି ଲୁହ ଗଡ଼ାଇ ଚାଲିଥିଲି, କେତେବେଳେ ପ୍ରକୃସ୍ଥିତ ହେଲି ଜାଣେନା କିନ୍ତୁ ସେହି ମୋର ପ୍ରଥମ ଓ ଶେଷ ସୁଦୃଢ ଆଲିଙ୍ଗନ ଥିଲା । ଏମିତିକି ବାପା ଯେବେ ଚାଲିଗଲେ ମୋର ବୋଉକୁ ସେହିଭଳି ଦୃଢ଼ ଆଲିଙ୍ଗନରେ ରଖି କାନ୍ଦିବାକୁ ଇଚ୍ଛା ଥିଲେ ବି ମୁଁ ନିଜକୁ କାହିଁକି ସଂଯତ ରଖୁଥିଲି, ବୋଧହୁଏ ବୋଉକୁ କଷ୍ଟ ହୋଇଥାନ୍ତା ବେଶୀ ବୋଲି କି କଣ କେଜାଣି ।

କିନ୍ତୁ ଏଇ କିଛି ଦିନ ପୂର୍ବରୁ ବୋଉ, ଆଇ.ସି.ୟୁ ରୁ, ଜେନେରାଲ ୱାର୍ଡକୁ ଆସିଥିଲା ତ ମୋର ଖୁବ ଇଚ୍ଛା ହେଉଥିଲା, ବୋଉକୁ ଦୃଢ଼ ଆଲିଙ୍ଗନରେ କିଛି ସମୟ ଧରି ରଖିବାକୁ, ହେଲେ ବୋଉର ଅବସ୍ଥା ମତେ ସେଥିରୁ ନିବୃତ କରିଥିଲା, ତା ନାକ ପାଟିରେ ବିଭିର୍ଣ୍ଣ ନଳୀ ମୋ ଇଚ୍ଛାକୁ ଦମନ କରିଥିଲା ।

ଏବେ ଝିଅ ମୋର ସ୍କୁଟିରେ ପଚାଶ କିଲୋମିଟର ଅତିକ୍ରମ କରି ସ୍କୁଲରୁ ଘରକୁ ଫେରୁଥିଲା, ନିଜ ଟିକି ଝିଅଟାକୁ ଦୃଢ଼ ଆଲିଙ୍ଗନରେ ଧରିନେବାର ଭାବନା ଭିତରେ, ଦୁର୍ଘଟଣାରେ ମୁଣ୍ଡ, ହାତ, ପାଦ ସବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷତ, ତ ଟିକି ଝିଅକୁ ଥରେ ଆଲିଙ୍ଗନ କରିବାର କ୍ଷମତା, ଏଯାଏଁ ଆସିନି, ଆଉ ମୋ ମାଆ ମନ ଚାହୁଁଛି ମୁଁ ଥରେ ମୋ ଝିଅକୁ ଦୃଢ ଆଲିଙ୍ଗନ କରି ଦେହ, ମୁହଁ, ହାତଗୋଡ଼ ଥରେ ଆଉଁସି ଦିଅନ୍ତି । ସେ ସୁଯୋଗ ପାଇବା ବେଳକୁ ମୋ ଇଚ୍ଛା ପୂରଣ ସମ୍ଭବ କି ଅସମ୍ଭବ ସମୟ କହିବ । ଆଉଥରେ ଥରେ ଇଚ୍ଛା ହୁଏ, ବିଦେଶରୁ ଫେରିଥିବା ପୁଅକୁ ମୋର ଟିକେ ଆଲିଙ୍ଗନରେ ବାନ୍ଧିରଖନ୍ତି କୋଳରେ ମୋର, ହେଲେ ସେସବୁର ସମୟ ହୁଏତ ସରିଯାଇଛି । ସ୍ୱାମୀଙ୍କୁ ବେଳ ଅବେଳରେ ଚାହେଁ, ଥରେ ଦୃଢ଼ ଆଲିଙ୍ଗନରେ ବାନ୍ଧି ହୋଇଯାନ୍ତିକି !

ସତରେ ଭଲପାଉଥିବା ପ୍ରତ୍ୟକ ଜୀବନ୍ତ ବା ପାର୍ଥିବ ବସ୍ତୁ ସବୁକୁ ଦୃଢ଼ ଆଲିଙ୍ଗନରେ ବାନ୍ଧି ରଖିବାକୁ ବେଳେ ବେଳେ ଖୁବ ଇଚ୍ଛା ହୁଏ । କିନ୍ତୁ ପରିବେଶ, ପରିସ୍ଥିତି ସେସବୁ କରିବାକୁ ଦିଏନା ତ ମନ ଭରି ତୁଳସୀ ଗଛକୁ ଆଉ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିଙ୍କୁ କୁଣ୍ଢେଇ ଦୃଢ଼ ଆଲିଙ୍ଗନ ଭିତରେ ହଜିଗଲା ବେଳେ ମନେ ପଡେ ଅରୁଣ ସ୍ତମ୍ଭ ଓ ଗରୁଡ଼ ସ୍ତମ୍ଭକୁ କୁଣ୍ଢାଇ ଦୃଢ଼ ଆଲିଙ୍ଗନରେ ଜଡାଇ ଭକ୍ତର ଭକ୍ତି ନିଦର୍ଶନର ସେହି ଅମୁଲ୍ୟ ଦୃଶ୍ୟ, ଖୁବ ଲୋଭନୀୟ ସତରେ ।

ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି କଥା ଏ ବର୍ଷାଭିଜା ସନ୍ଧ୍ୟାର



ରୁଦ୍ରନାରାୟଣ ଦାଶ

ସିପ୍ରା- ଏଇ, ଶୁଣୁଛ !

କ୍ଷେତ୍ରମୋହନ- କ'ଣ ?

ସିପ୍ରା- ଚ଼ାଲନା !

କ୍ଷେତ୍ରମୋହନ- କୁଆଡ଼େ ?

ସିପ୍ରା- ଟିକେ ବଗିଚ଼ା ଆଡ଼େ ଯାଆନ୍ତେନି !

କ୍ଷେତ୍ରମୋହନ- ଆଜି କାଇଁ ବଗିଚ଼ା ଆଡ଼େ... କ’ଣ କିଛି ଖାସ୍ ଅଛି ! ?

ସିପ୍ରା- ନାଁ ମ । ଚ଼ାଲୁନ ଚ଼ାଲନା.. ।

(ବଗିଚ଼ାର ଏକ କଣରେ ବସିପଡି..)

ସିପ୍ରା- ବସ ଏଇଠି ।

କ୍ଷେତ୍ରମୋହନ- ବସିଲି, ଏଥର ତ କୁହ ।

ସିପ୍ରା- ଦେଖନା, କଳା ବାଦଲ ଆକାଶକୁ କେମିତି ଢ଼ାଙ୍କି ଦେଇଛନ୍ତି ।

କ୍ଷେତ୍ରମୋହନ- ହୁଁ, ତା’ ପରେ ।

ସିପ୍ରା- ତା’ ପରେ ଆଉ କ’ଣ ! ଅମେ ବାସ ଏମିତି ଦେଖୁଥିବା ଏଇ ବଗିଚ଼ା ଭିତରେ ନାଚ଼ିଯିବା ମୟୂର ହୋଇ ଉଡ଼ିବା ବଗ-ବଗୁଲୀ ହେଇ...

ହଁ ନା, ଏଇ ଉଡ଼ିଯିବା ନା !

କ୍ଷେତ୍ରମୋହନ- ଆଚ୍ଛା ! (ମୁରୁକି ହସି)

ସିପ୍ରା- ଏଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୧୦ମ ଭାଗ)

।।୨୦ ଦୃଶ୍ୟ ।।

(ଗୀତାର ଘର । ମଝିରେ ଗୀତା ଛିଡା ହୋଇଥାଏ ।ନାଥୁରାମ ଓ ଦିନଦୟାଲ ଦୁଇ ସାଇଡ଼ରେ ଛିଡ଼ାହୋଇ ଚାର୍ଜ କରୁଥାନ୍ତି ।)

ନାଥୁ- ଓଃ- ୟୁ ଆର ଭେରୀ ଇଣ୍ଟେଲିଜେଣ୍ଟ ଓଇମେନ । ଆମ ପାଖରୁ ଅଲ ନିଉଜ କଲେକସନ କଡ଼ି ଇନ୍ସପେକ୍ଟର ଅସିତ ଚଧୁରିକୁ ଇନଫରମେସନ କରୁଥିଲୁ ।

ଦିନ- ଇସକେବାଦ ଇନ୍ସପେକ୍ଟର ଅସିତ ଚୌଧୁରୀ ହମାରା ଦନୋ ଦୋସ୍ତ କୋ ଆପନା ଚାଲ ସେ ଖତମ କରକେ ଆପନେ ଆପ କୋ ଚାଲାକ ସମଝତା ହେ । ମଗର ହମ କିସିସେ କମ ନେହିଁ,ଆଜ ଉସକୋ ସବକ ଶିଖାଦେଙ୍ଗେ ।

ଗୀତା- ମୁଁ ଏସବୁ ବିଷୟରେ କିଛି ବି ଜାଣିନାହିଁ ସାର । କୌଣସି ଇନଫର ମେସନ ଅସିତ ଚୌଧୁରୀଙ୍କୁ ଦେଇନାହିଁ ।

ଦିନ- ତୁ କୁଛ ନେହିଁ ଜାନତା ହମଲୋଗ କୁଛ ନେହିଁ ଜାନତେ ତୋ ହମାରା ଦୋନୋ ଦୋସ୍ତ କୋ କ୍ୟା କୋଇ ଜାନୁଆର ମାରଦିଆ ? ଦେଖୋ ଗୀତା ଡାର୍ଲିଙ୍ଗ ହମାରା ସାଥ ବକବାସ ମତ କରୋ । ଐସେ ଭି ହମାରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋସ୍ତ କେ ଲିୟେ ବହୁତ ପରେଶାନ ହେଁ । ସଚ ବୋଲ କିଉଁ ହମାରା ସାଥ ଖେଲ ଖେଲ ରାହା ହେଁ ?

ଗୀତା- ଭଗବାନଙ୍କ ନିୟମ ଦେଇ କହୁଛି ମୁଁ ଆପଣମାନଙ୍କ ବିଷୟରେ କାହାକୁ କିଛି କହିନାହିଁ ।

ନାଥୁ- ଟାହେଲେ ସେଡିନ ଆସିଟ ଚଧୁଡି ତୋଡ଼ ଘଡକୁ ଖଣପାଇଁ ଆସିଠିଲା ?

ଗୀତା- ନା ମା- ନେ କଥା କଣ କି....

ନାଥୁ- ମୋଟେ ସବୁକିଛି ଜଣାଅଛି ଗୀଟା ଡାର୍ଲିଙ୍ଗ । ଟୁ ଆମ ସହିଟ ଚାଲାକ କଡୁଛୁ ।

ଦିନ- (ଗୀତାର ହାତକୁ ମୋଡ଼ିଧରି)ଅବ୍ ବୋଲ.. ?

ଗୀତା- ପ୍ଲିଜ ସାର ମୋ ହାତ ଛାଡ଼ନ୍ତୁ । ଦେବ କୁମାର ଓ ବିଶ୍ୱନାଥ ସାରଙ୍କୁ କିଏ ମରିଛି ମୁଁ ଜାଣେନାହିଁ ।

ଦିନ- ମାଲୁମ ନେହିଁ ? (ଛୁରା ବାହାର କରି)ଇସେ ପହଚାନତେ ହୋ ଗୀତା ଡାର୍ଲିଙ୍ଗ ? ଇସେ କହାତେ ହେଁ ସୋଲାପୁରୀ ଚାକୁ । ଏକବାର କଲେଜେ ମେ ଘୁସଗୟା ତୋ ଶାଲି ଜିନ୍ଦା ହୋନା ମୁସ୍କିଲ ହୋ ଯାଏଗା । ଆଚ୍ଛା ସେ ବତା ଦେ ବିଶ୍ୱନାଥ କୋ କୌନ ମର୍ଡର କିୟା ହେଁ ?

ଗୀତା- ଭଗବାନଙ୍କ ଦ୍ୱାହି ଦେଇ କହୁଛି ମୁଁ କିଛି ଜାଣେନାହିଁ ।

ନାଥୁ- ଗଡ଼ (ହସ)ନାଠୁରାମ ବହୁଟ ଶୁଣିଲା ।

ଦିନ- ତୁ ଐସେ ମନୋଗି ନେହିଁ ଔର ତେରେ ସେ ହମାରା ଔରକୁଛ କାମ ଭି ନେହିଁ । ଇସିଲିଏ ତୁମକୋ ଆଜ ମରନା ହୋଗା ।

ଗୀତା- ପ୍ଲିଜ ମୋତେ ମାରନ୍ତୁ ନାହିଁ । ମୁଁ ଆପଣଙ୍କ ଆଗେ ହାତ ଯୋଡୁଛି ମୋତେ ଛାଡ଼ି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଅନ୍ତୁ ।

ଦିନ- ଫ୍ରି ୱାର୍ଡ କ୍ୟା ହୈ ହମାରା ଡିକସନାରୀ ମେ ନେହିଁ ହୈ । (ଛୁରୀ ଭୂଷିସାରି ନାଥୁରାମ ପାଖକୁ ପେଲିଦିଏ)

ଗୀତା- ଆଃ– ହେ ଭଗବାନ....

ନାଥୁ- ଗଡ଼ (ହସ) ନେଭଡ(ଛୁରୀ ବାହାର କରି ପୁଣିଥରେ ଭୂଷିଦିଏ)

ଗୀତା- ଆଃ– ଶେଷରେ ତୁମେମାନେ ମୋତେ ମା-ରି-ଦେ-ଲ- ଆଃ ଡିଶୋଜା

ଦିନ- ଫିନିସ ! ହମାରା ରାସ୍ତା କା କାଣ୍ଟା ଫିନିସ ହୋ ଗୟା ଅବ୍ ଦେଖନା ହୈ ଇନ୍‌ସପେକ୍ଟର ହମାରା ଜାଲ ମେ ଫସତା ହୈ କି ନେହିଁ । କମ ଅନ ଦୋସ୍ତ

(ଦୁହିଙ୍କର ପ୍ରସ୍ଥାନ)

ଗୀତା- ଡି-ଶୋ-ଜା ତୁମେ କୋଉଠି ? ଗୀତାର ଶେଷ ମୁହୂର୍ତ୍ତରେ ଥରେ ମୋ ପାଖକୁ ଫେରିଆସ ଡିଶୋଜା...

ଅସିତ- ଗୀତା ଦେବୀ ଗୀତା ଦେବୀ (ପ୍ରବେଶି)ଏ କଣ ? ଆପଣଙ୍କର ଏ କଣ ହେଲା ? କିଏ ଆପଣଙ୍କ ପେଟରେ ଛୁରୀ ଭୂଷିଛି ? (ଛୁରୀ ବାହାର କରୁଥିବା ବେଳେ ବିକ୍ରମ ଆଢୁଆଳରେ ରହି ଫୋଟ ଉଠାଇନିଏ)

ଗୀତା- ଆଃ (ଯନ୍ତ୍ରଣା)ହେ ଭ-ଗ-ବା-ନ- ! ଆପଣ ଆସିଛନ୍ତି ଇନ୍‌ସପେକ୍ଟର ? ମୁଁ କହିଥିଲିନା ସେମାନେ ଖୁବ ଷଡ଼ଯନ୍ତ୍ରକାରୀ ହେଲେ ସେଦିନ ଆପଣ ମୋ କଥା ଶୁଣିଲେ ନାହିଁ ।

ଅସିତ- ଗୀତା ଦେବୀ–

ଗୀତା- ସେଦିନ ମୁଁ ଯାହା ଭାବିଥିଲି ଠିକ ସେଇୟା ହେଲା । ମୁଁ ଯେଉଁ ଆଶା ଆକାଂକ୍ଷା ନେଇ ଆପଣଙ୍କୁ ସାହାଯ୍ୟ କରିବି ବୋଲି କଳ୍ପନା କରିଥିଲି ଓଃ- ସବୁ ଯେପରି ଆଜି ଶେଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଛି ।

ଅସିତ- ଆପଣ ମୋ ସହିତ ଶୀଘ୍ର ହସ୍ପିଟାଲ ଚାଲନ୍ତୁ । ଠିକ ହେବା ପରେ ଯାହା କହିବେ ।

ଗୀତା- ନା ଇନ୍‌ସପେକ୍ଟର ହସ୍ପିଟାଲରେ ପହଁଞ୍ଚିବାକୁ ମୋ ପାଖରେ ଆଉ ସମୟ ନାହିଁ । ଶେଷବେଳରେ ଅପଣଙ୍କୁ ଗୋଟେ ମିନତୀ ମୋ ଡିଶୋଜାକୁ ଜଣାଇଦେବେ ଗୀତା ଆଉ ଏ ଦୁନିଆରେ ନାହିଁ । ଆଃ– ସେପାରିକୁ ଯିବାର ବେଳ ହେଇଗଲା ଆଃ----(ମୃତ୍ୟୁ)

ଅସିତ- (ମୁଣ୍ଡରୁ କେପ ବାହାର କରି)ଓଃ ମାଇଁ ଗଡ଼ ! ସତରେ ଏସବୁ କଣ ହେଉଛି ମୁଁ କିଛି ବି ବୁଝିପାରୁ ନାହିଁ । ଜଣେ ପରେ ଜଣେ ମର୍ଡର ହେଉଛନ୍ତି । କାହାରି ପତ୍ତା ଅନ୍ତା ମିଳୁନାହିଁ । ନିରୁପାୟ ପୋଲିସର ଅସହାୟ ଅବସ୍ଥା ପରି ମୁଁ କେବଳ ଖୋଜିଚାଲିଛି ସେଇ ହତ୍ୟାକାରୀକୁ । (ଫ୍ରିଜ)

ଡିଶୋଜା- (ପ୍ରବେଶ ପଥେ)କାହିଁ କାହିଁ ମୋ ଗୀତା ? ଏଇତ ଏଇଠି ଶୋଇଛି ମୋ ଗୀତା । ଗୀତା... ! ଗୀତା... ! ଉଠ ଗୀତା ଏଇ ଦେଖ ମୁଁ ତୁମ ଡିଶୋଜା ଫେରିଆସିଛି । ଉଠ ଗୀ-ତା... । ଆରେ ଏ କଣ ? ଗୀତା ରକ୍ତରେ ଜୁଡୁବୁଡୁ । ତେବେ.... ? ତେବେ କଣ......

ଅସିତ- (ଫ୍ରିଜରୁ ନିଷ୍କ୍ରାନ୍ତ ହୋଇ)ତୁମ ଗୀତା ଆଉ ଉଠିବନାହିଁ ଡିଶୋଜା । ସବୁଦିନ ପାଇଁ ଆକାଶରେ ମିଶି ଯାଇଛି ।

ଡିଶୋଜା- ନା ନା ନା- ତୁମେ ମିଛ କହୁଛ ପୋଲିସ ବାବୁ । ତମେ ସୁଉଦ ମିଛ କହୁଛ । କିଏ ? କିଏ ତାହେଲେ ମୋ ଗୀତାକୁ ମୋଠାରୁ ଛଡେଇ ନେଇଛି ? ତୁମେ ? ତୁମେ ମୋ ଗୀତାକୁ ମର୍ଡର କରିଛ ? କୁହ ଇନ୍‌ସପେକ୍ଟର ଗୀତା ତୁମର କି ଦୋଷ କରିଥିଲା ଶେଷରେ ତୁମେ ତାକୁ ମର୍ଡର କରିଦେଲ । ଆରେ ଏଇତ ତୁମ ହାତରେ ରକ୍ତଲଗା ଛୁରୀ । ତା'ମାନେ ତୁମେ ମୋତେ ବି ମାରିଦେବ.... ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅସିତ- ନା ମୁଁ ...ମୁଁ...ମାନେ କଥା କଣ କି...

ଡିଶୋଜା- ମୁଁ ଜାଣେ ଇନ୍‌ସପେକ୍ଟର । ତୁମ କଥା ମୁଁ ଜାଣେ । ତୁମେ ପୋଲିସ ନୁହଁ ପୋଲିସ ନାମରେ ଭଣ୍ଡ । ରକ୍ଷକ ବଦଳରେ ଭକ୍ଷକ । ଗୀତାକୁ ମାରିଦେଲ ମୋତେ ବି ମାରିବ । ନା-- ନା ତା ପୂର୍ବରୁ ମୋତେ ଏଠାରୁ ଅନ୍ତର୍ଦ୍ଧାନ ହେବାକୁ ପଡିବ । ହଁ-ହଁ ମୋତେ ଏ ସ୍ଥାନ ପରିତ୍ୟାଗ କରିବାକୁ ହେବ ।(ଦଉଡି ପଳାଏ)

ଅସିତ- ଡିଶୋଜା ! ଆରେ ମୋ କଥା ଶୁଣ--(ପଛେ ପଛେ ପ୍ରସ୍ଥାନ)

( ମଞ୍ଚ ଅନ୍ଧାର)

।।୨୧ ଦୃଶ୍ୟ ।।

(ଏସ.ପି ମି:ପଣ୍ଡା ମୋବାଇଲରେ ଭିଡିଓ ଦେଖୁଥାନ୍ତି । ସମ୍ମୁଖରେ ଅସିତ ଓ ଅଭିଜିତ ଠିଆ ହୋଇଥାଆନ୍ତି ।)

ପଣ୍ଡା- ଆଇ ଏମ ସରି ଇନ୍‌ସପେକ୍ଟର ଅସିତ ଚୌଧୁରୀ । ଏଭଳି ଭିଡିଓ ଦେଖିବା ପରେ ମୁଁ ତୁମକୁ କେଉଁ ଅଧିକାରରେ ପୋଲିସ ଡିପାର୍ଟମେଣ୍ଟରେ ରହିବା ପାଇଁ ଅନୁମତି ଦେଇପାରିବି ଭାବି ପାରୁନାହିଁ । ଏଇ ଦେଖ ତୁମ କଳାକର୍ମର କାରନାମା ।

ଅସିତ- (ମୋବାଇଲ ନେଇ ଦେଖେ)ଏସବୁ ମିଛ ସାର, ଏସବୁ ମୋତେ ଛଳନା କରି ଫସେଇବାର ଏକ ପ୍ଲାନ । ମୁଁ କେବେ ଗୀତା ଦେବୀଙ୍କୁ ମର୍ଡର କରି ନପାରେ । ମୁଁ ସ୍ପଟରେ ପହଞ୍ଚିବା ପୂର୍ବରୁ ଅନ୍ୟ କେହି ଗୀତା ଦେବୀଙ୍କୁ ମର୍ଡର କରି ଫେରାର ହୋଇଯାଇଥିଲା ।

ପଣ୍ଡା- ଘଟଣା କ୍ରମରେ ଏମିତି ଅନେକ କୋପଳ କଳ୍ପିତ କାହାଣୀ ଶୁଣିଛି । ସେମାନଙ୍କ ମଧ୍ୟରୁ ତୁମେ ବି ଜଣେ । ଲେଟ ଇଟ, ସେସବୁ କାହାଣୀରୁ ଆମକୁ କଣ ମିଳିବ । ନାଓ ୟୁ ଆର ସସପେଣ୍ଡେଡ୍ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅସିତ- ସାର ! ମୋର ଏଥିରେ ଦୋଷ କୋଉଠି ମୁଁ କିଛି ବୁଝିପାରିଲି ନାହିଁ ।

ପଣ୍ଡା- ବୁଝିବା ବି ଆବଶ୍ୟକ ନାହିଁ । ପ୍ଲିଜ ବେଲ୍ଟ, କେପ ଏବଂ ଆବଶ୍ୟକୀୟ ଜିନିଷ ଜମାଦେଇ ହାଜତରେ ରହିବ ଚାଲ ।

ଅସିତ- ହ୍ୱାଟ ?

ପଣ୍ଡା-ଇଏସ, ତୁମେ ଜଣେ କ୍ରିମିନାଲ । ଗୀତାକୁ ମର୍ଡର କରିଥିବା ଅଭିଯୋଗରେ ହାଜତରେ ରହିବାକୁ ପଡିବ । ଅଭିଜିତ ଅସିତ ହାତରେ ହେଣ୍ଡକପ ପକାଇ ହାଜତକୁ ନେଇଯାଅ ।

ଅଭି-ଇଏସ ସାର ।

ଅସିତ- ରୁହ ଅଭିଜିତ । ଜଣେ ସଚ୍ଚୋଟ ପୋଲିସ ଭାବେ ମୁଁ ଯଦି ଦୋଷୀ ବୋଲି ସାବ୍ୟସ୍ତ ହୋଇଗଲି ତାହେଲେ ଆଉ ଖାକି ବର୍ଦ୍ଦିର ଆବଶ୍ୟକତା କଣ ପାଇଁ (ବେଲ୍ଟ ଓ କେପ ବାହାର କରି ପଣ୍ଡାଙ୍କ ହାତରେ ଦିଏ) ସତରେ ସାର ମୋର ବଡ଼ ଭୁଲ ହୋଇଯାଇଛି । ସଚ୍ଚୋଟ ହେବା ମଣିଷ ଜୀବନର ସବୁଠାରୁ ବଡ଼ ଭୁଲ । ଅଭିଜିତ ନିଅ ଦୋଷୀ ହାତରେ ହେଣ୍ଡକପ ପକାଅ । ହାତ ବଢ଼ାଇ ଦିଏ । ଅଭିଜିତ ହେଣ୍ଡକାପ ପକାଏ)

( ମଞ୍ଚ ଅନ୍ଧାର)

କ୍ରମଶଃ............

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆକାଶ (ବ୍ୟୋମ)



ଶିବ ନାରାୟଣ ଦାଶ

କ୍ଷୁଦ୍ର ମୋର ଚକ୍ଷୁ ପଥେ ଆସି
ତୁମେ ଯେବେ ଧରାଦିଅ ଘେନି ତୁମ ଅସୀମ ବିସ୍ତୃତି,
ଭାସମାନ ମେଘଖଣ୍ଡ ଧରି
ତୁମେ ଯେବେ ଆଙ୍କିଦିଅ ତୁମରି ସେ ଅନନ୍ତ ଗରଭେ
ସୁଷମାର ଇନ୍ଦ୍ରଧନୁ ଦ୍ୟୁତି,
ବ୍ୟାପ୍ତ ତୁମ ନୀଳିମାରେ ଭିଜି
ହଜିଯାଏ ଜୀବନର ଝଙ୍କୃତ ପରଶ ।
ହେ ଆକାଶ ! ତୁମେ ଅବା ବିସ୍ମୟର ବିରାଟ ପ୍ରକାଶ ।

ଆଦି-ଅନ୍ତହୀନ ତୁମେ ସୀମାହୀନ ସୀମା -
ବକ୍ଷେ ବହି ଶୁନ୍ୟତାର ସୁନୀଳ ସୁଷମା,
ପଥଚାଲୁଥିଲେ ପୁଣି ଦୃଶ୍ୟହୁଏ ଯେବେ
ଅସରନ୍ତି ତୁମରି ସେ ଅପରୂପ ଶୋଭା
ଗ୍ରାମପଥ ଦିଗନ୍ତରେ କେବେ
ନିରଳସେ ପଡିଥାଅ ସତେକି ଘୁମାଇ ।
ଅବା ପୁଣି ସହରର ଚ଼ିମନି ଧୂଆଁରେ
କାଳିମାର ମେଘଖଣ୍ଡ ଧରି
ତୁମେ ଦିଶ ମ୍ଲାନ ଆଉ ପଥଶ୍ରାନ୍ତ ପରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପିତ ନିର୍ବିକାର ନିରାସକ୍ତ ତୁମେ !
ହେ ଆକାଶ ! ତୁମେ ସତେ ଧ୍ୟାନରତ, ଯୋଗ-ବିଭୂଷିତ ।

କୋଟି କୋଟି ଗ୍ରହ, ତାରା, ନକ୍ଷତ୍ର-ମଣ୍ଡଳ
ଆଉ ପୁଣି କୋଟି ସୂର୍ଯ୍ୟ ବ୍ରହ୍ମାଣ୍ଡର ଶୋଭା ମାଳ ମାଳ
ଅଙ୍ଗେ ବହି ଐଶ୍ୱର୍ଯ୍ୟର ସୁପ୍ତ ଗନ୍ତାଘର,
ଉଦାର-ବିମୁକ୍ତ ତୁମେ ହେ ଋଷି ସ୍ଥବିର !
ବର୍ତମାନ, ଅତୀତ ଓ ଭବିଷ୍ୟତ କ୍ଷଣ
ତୁମ ଅଙ୍ଗେ କରି ଅଂଗୀକାର
ପାଲଟିଛ ତୁମେ ସତେ ଶେଷହୀନ ଶେଷ ।
ହେ ଆକାଶ ! ତୁମ ବକ୍ଷେ ବହୁଥାଏ
ସମୟର ଆପେକ୍ଷିକ ସ୍ରୋତ,
ନିଶବଦ ମୁହୂର୍ତ୍ତର ଚଳନ୍ତି ପ୍ରବାହ ।

ତୁମେ ଦିଶ ତାଳଗଛ ସୀମା ଛୁଇଁବାରେ,
ତୁମ ଦେହେ ପୂର୍ଣିମାର ଜହ୍ନ ଉଙ୍କିମାରେ,
ପାହାଡର ଚୁଡା ଛୁଇଁ ତୁମେ ଉଠ ହସି,
ଶ୍ମଶାନର ନିଷ୍ପ୍ରଭ ଧୂଆଁରେ
ଚକ୍ଷୁ ତଟୁ ଝରିପଡ଼େ ତୁମ
ବିଗଳିତ ଲୋତକର ଦୁଇଟୋପା କଳି ।
ଶୂନ୍ୟତାର ସୁନୀଳ ବିସ୍ତୃତି ତୁମେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବ୍ୟାପିଅଛ ହସ-କାନ୍ଦ ଜୀବନର ରଙ୍ଗରସ
ନିର୍ଯାସକୁ ଧରି ।

ଦୁଃଖ, କଷ୍ଟ ଯନ୍ତ୍ରଣାରେ
କ୍ଲିଷ୍ଟ ହେଲାବେଳେ
ତୁମକୁ ମୁଁ ଚାହିଁରହେ ଅପଲକ ଡୋଳେ,
ମନେହୁଏ ଯେମିତି ସତେ
ହଜି ମୁଁ ଯାଉଛି କାହିଁ
ତୁମରି ସେ ନିଃସୀମ ବ୍ୟାପ୍ତି
ଆଉ ଶୁନ୍ୟ ଅବୟବେ ।
ଛାଡି ମୋର କ୍ଷୁଦ୍ର କଳେବର,
ତୁମ ସହ ମୁଁ ଯାଉଛି
ଏକେବାରେ ହୋଇ ଏକାକାର ।
ଯନ୍ତ୍ରଣାର ଚିହ୍ନବର୍ଣ୍ଣ ନାହିଁ,
ଗଭୀର ପ୍ରଶାନ୍ତି ମୋତେ ଧରିଛି ଆବୋରି
ଅନ୍ତହୀନ କୋଳେ ତୁମ ମୁଁ ଯେମିତି ପଡିଛି ଘୁମାଇ ।

ଅବସରପ୍ରାପ୍ତ ମହା ପ୍ରବନ୍ଧକ (ବିତ୍ତ)
ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ - ନୂଆ ଦିଲ୍ଲୀ
ଇମେଲ୍ : dasshibanarayan61@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କ କବିତା



ସ୍ୱର୍ଗତ ଶ୍ରୀ ମାୟାଧର ଦାଶ

(କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କର ଭାରତୀୟ ତଥା ବିଶ୍ୱ ସାହିତ୍ୟ ପାଇଁ ଅବଦାନ ଅତୁଳନୀୟ ଓ ତାଙ୍କର ଏହି ଅନନ୍ୟ କୃତି ପାଇଁ ତାଙ୍କୁ ୧୯୧୩ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏଯାବତ ସାହିତ୍ୟ କ୍ଷେତ୍ରରେ ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ଏକମାତ୍ର ଭାରତୀୟ । ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ଚିତ୍ରକର, ଦାର୍ଶନିକ ଏବଂ ସମାଜ ସଂସ୍କାରକ । ମେ ୭ ତାରିଖରେ ଭାରତୀୟ ସାହିତ୍ୟର ଏହି ମଉଡ଼ମଣିଙ୍କ ଜନ୍ମଦିବସ ଉପଲକ୍ଷେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ, ତାଙ୍କ ରଚିତ ଦୁଇଟି କବିତାର ଓଡ଼ିଆ ଅନୁବାଦ ଉପସ୍ଥାପନ କରାଗଲା । ମୂଳ ବଙ୍ଗଳା କବିତା "ବୃଷ୍ଟି ପଡେ ଟାପୁର ଟୁପୁର" ଓ "ପ୍ରାଣ"ର ଓଡ଼ିଆ ରୂପାନ୍ତର "ମେଘ ବରଷଇ ଟୁପୁରୁ ଟୁପୁରୁ" ଏବଂ "ପ୍ରାଣ" )

ମୂଳ ରଚନା: ବିଶ୍ୱକବି ରବିନ୍ଦ୍ରନାଥ ଠାକୁର

ଭାଷାନ୍ତର: ସ୍ୱର୍ଗତ ମାୟାଧର ଦାସ

ମେଘ ବରଷଇ ଟୁପୁରୁ ଟୁପୁରୁ

ମଉଳିଗଲା ଦିନ ଆଲୁଅ ସୂର୍ଯ୍ୟ ଗଲେ ନଇଁ,

ନୀଳ ଆକାଶେ ଉଠିଛି ମେଘ ଚାନ୍ଦ ଧରିବା ପାଇଁ !

ଚାନ୍ଦର ଲୋଭେ କଳା ବଉଦ ଭାସଇ ଭେଳା ଭେଳା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକାଶ ଘେରି କରଇ କେତେ ରଙ୍ଗ ବେରଂଗ ଖେଳା ।

ଘୋଟଇ ମେଘ ଆକାଶ ପଥେ ଅନ୍ଧାର ବିଲ ବନ,

ଦିଅଁ ମନ୍ଦିରେ ଘଣ୍ଟା ବାଜେ ଠନ ଠନ ଠନ ।

ସେ ପାରିରେ ଆସିଲା ମେଘ ଝାପସା ଗଛ ବାଟ,

ଏ ପାରିରେ ବଉଦ ଶିରେ ମଣି-ମାଣିକ ଥାଟ ।

ଝଡ ବତାସେ ଛୁଅବେଳର ଗୀତଟି ମନେ ଭାସେ, -

ମେଘ ବରଷେ ଟୁପୁର ଟୁପୁର ବାହାନ ମାଡି ଆସେ ।

ଆକାଶ ଘୋଟି ଖେଳଇ ମେଘ ଅସୀମ ପଥ ବାହି,

ଦେଶେ ବିଦେଶେ ଖେଳି ବୁଲଇ କେହି କରେନା ନାହିଁ ।

କେତେ ଯେ ନୂଆ ଫୁଲ ବଣରେ ବରଷେ ଜଳଧାର,

କାହୁଁ ପାଇଲା ବରଷା ଏତେ ଖେଳର ସମାହାର !

ମେଘର ଖେଳ ଦେଖିଲେ ପଡେ ଖେଳ କଥା ମୋ ମନେ,

ଖେଳୁଥିଲି ମୁଁ ଏ ଲୁଚକାଳି ଘରର କେତେ କୋଣେ ।

ତା'ରି ସାଥେ ଛୁଆବେଳର ଗୀତଟି ମନେ ଭାସେ,

ମେଘ ବରଷେ ଟୁପୁର ଟୁପୁର ବାହାନ ମାଡି ଆସେ ।

ପଡେ ମୋ' ମନେ ଗରଜେ ମେଘ ଦୁଲୁକି ଉଠେ ଛାତି,

ମାଆର ହସ ମୁହଁଟି ଦିଶେ ଘରେ ଉଜ୍ଜ୍ୱଳ ନିତି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଛଣା ଶେଷ ମୁଣ୍ଡରେ ଯାଇ ଶୋଇଛି ଟିକି ପୁଅ,
ଟିକିଏ ଆଗେ ଲଗେଇଥିଲା କେତେ ଅଝଟ ସୁଅ ।
ବାହାରେ ମେଘ ଗରଜେ ପୁଣି କମ୍ପି ଉଠେ ଧରା,
ଘରେ ଯେ ଟିକି ପୁଅଟି ଝିଟ କରଇ ଧରାପରା ।
ମାଆଠୁଁ କେତେ ଶୁଣିଛି ଗୀତ ମନରେ ଆଜି ଭାସେ,
ମେଘ ବରଷେ ଟୁପୁର ଟୁପୁର ବାହାନ ମାଡି ଆସେ ।

ପଡଇ ମନେ ସୁମତି ରାଣୀ, କୁମତୀ ରାଣୀ କଥା,
ପଡଇ ମନେ ଅଭିମାନିନୀ କଙ୍କାବତୀ ବ୍ୟଥା,
ପଡଇ ମନେ ଘର କୋଣରେ ଆଲୁଅ ମିଟି ମିଟି,
ଚାରି ପାରୁଶେ ରହିଛି ଘେରି ଅନ୍ଧାର କିଟି କିଟି ।
ବାହାରେ ଖାଲି ପାଣି ଶବଦ ଶୁଭଇ ଝୁପ ଝୁପ,
ଦୁଷ୍ଟ ପୁଅ କାହାଣୀ ଶୁଣି ଏକାଥରକେ ଚୁପ !
ତା'ରି ସାଥେ ମନରେ କେତେ ବର୍ଷା ଗୀତ ଭାସେ,
ମେଘ ବରଷେ ଟୁପୁର ଟୁପୁର ବାହାନ ମାଡି ଆସେ ।

କେବେ ଯେ ମେଘ ବରଷିଥିଲା କେଉଁ କାଳର କଥା,
ନଈରେ କେବେ ବାହାନ ଉଠି ପିଟିଥିଲା ତା ମଥା,
ଶିବ ଠାକୁର ବାହା ହୋଇଲେ ଗରଜିଥିଲା ମେଘ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି କିବା ଥିଲା ସେଦିନ ବଜ୍ର ବିଜୁଳି ପାଗ !

ଜାଣେନା କେଉଁ ନଈର ଧାରେ ଜାଣେନା କେଉଁ ଦେଶେ,

ତିନିଟି କନ୍ୟା ବିବାହ କରି କି ହେଲା ତା'ର ଶେଷେ ?

ଜାଣେନା କେବେ କୁନା ପୁଅକୁ ଶୁଆଇ କିଏ କୋଳେ,

ମେଘୁଆ ପାଗ ରାତିରେ କାହିଁ ଘୋର ବରଷା ବେଳେ,

ଗାଇଲା କିଏ ବର୍ଷା ଗୀତ, ଜାଣେନା କେଉଁ ଦେଶେ,

ମେଘ ବରଷେ ଟୁପୁର ଟୁପୁର ବାହାନ ମାଡି ଆସେ ।

- X -

ପ୍ରାଣ

ସୁନ୍ଦର ମରଭୁବନରେ ମୁଁ ଗୋ ମରିବାକୁ ଚାହେଁ ନାହିଁ,

ମଣିଷ ଭିତରେ ବଂଚି ରହିବି ଅମୃତ ଦେହ ବହି ।

ରବିକର ତଳେ ପୁଷ୍ପିତ କାନନରେ, -

ଜୀବନ ଯହିଁ ଗୋ ଅନ୍ତରତାରେ ଭରେ,

ବଞ୍ଚିରହିବି ସେହି ହୃଦୟରେ ପାଏ ଯଦି ଟିକେ ଠାଇଁ ।

ଏହି ଧରଣୀରେ ହସ ଅଶ୍ରୁର ଚିରତରଙ୍ଗ ବାହି,

ବିରହ ବିଧୁରେ, ମିଳନ ମଧୁରେ ଅନ୍ତର ଅବଗାହି,

ସୁଖରେ, ଦୁଃଖରେ ସଂଗୀତ ହାର ଭରି, -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଯଦି ଗୋ ପୁଷ୍ପିତ ପାରେ କରି,

ପାରେ ଯଦି ରଚି ଅମର - ଆଳୟ ମର-ମଣ୍ଡଳେ ରହି !

ନ ପାରିବି ଯେବେ ଏତକ, ଜୀବନେ ବଞ୍ଚିବି ଯେତେ ଦିନ,

ଆଶା ମୋର ପାଏଁ ତୁମରି ଭିତରେ କିଂଚିତ ଯଦି ଥାନ,

ସଞ୍ଜ - ସକାଳେ ସଂଗୀତ ଗଉରବେ, -

ଫୁଟି ଉଠିବି ମୁଁ ପୁଷ୍ପିତ ସଉରଭେ,

ହସି ହସି ତୁମେ ତୋଳିନେବ ଥରେ ଜୀବନ - ପୁଷ୍ପ ଭାର,

ଶୁଖିଗଲେ ପଛେ, ଫିଙ୍ଗିବ ଦୂରେ ଶଙ୍କାତ ନାହିଁ ମୋର !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ'ରି ବୋଉ



ଅନସୂୟା ପଣ୍ଡା

ତୁ ବୋଉ ଶବ୍ଦଟେ ନୁହେଁ ଶବ୍ଦକୋଷଟିଏ
ତୋ ପାଖରେ ଥାଏ
ଯେତେ ସବୁ ଅବୁଝା ଶବ୍ଦର ମାନେ
ତୁ ମୁହଁରୁ ମନକୁ ପଢିଦେଉ
ତୁ ଆଖିରୁ ଭୋକକୁ ଖୋଜି ନେଉ ।

ସ୍ନେହସିକ୍ତ ପଣତରେ ସ୍ୱେଦାକ୍ତ ଦେହକୁ
ପୋଛି ଦେଉ ଆଶା ଆଶ୍ୱାସନା ଦେଇ
ତୁ ବୋଉ ମହିମା ପୀଠଟିଏ
ତୋ ପାଖରେ ଥାଏ ତୃପ୍ତି ଶାନ୍ତି
ପୁନର୍ଜୀବିତ କରିବାର ଅଞ୍ଜୁଳାଏ ଶୋକରୁ ଶ୍ଳୋକ ।

ତୁ ବୋଉ କବିତା ନୁହେଁ ପୁରା କାବ୍ୟ ବଳି
ତୁ କଥା କଥାରେ ଗୋଟେ ରୁଢି ବା ଗପ ଶୁଣାଉ
ତୁ ଯେମିତି ଘୁରୁ ଥାଉ ମୋ କକ୍ଷ ପଥରେ
ମତେ ସନ୍ତୁଳିତ ରଖିବାର ପ୍ରତିବଦ୍ଧତାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁ ତ ଶୀତଳତାର ସ୍ପର୍ଶ ଦେଇ ବହିଯାଉ ଗଙ୍ଗା ହେଇ
ଜୀବନ ସହଜ ଲାଗେ ତୋ ହାତର ଛୁଆଁ ପାଇ
ତୋ ଅନୁଶାସନର ଛତ୍ର ଛାୟା ତଳେ
ମୁଁ କୁସୁମିତ କଳିଟିଏ ହସି ହସୋଉ ଥାଏ ।

ଝୁଣ୍ଟି ପଡିଲେବି ଚାଲୁ ଚାଲୁ
କାନ ପାଖରେ ତୋର ସେଇ ଦୁଇ ପଦ କଥା ଶୁଭି ଯାଏ
ଉଠୁ ବୁଢିଆଣୀ ପରି ବାରବାର
ତୁ କହିଥିବା ଅନେକ କଥା
ମନ୍ତ୍ର ପରି ମୁଁ ମାନିଥାଏ ଗଣ୍ଠିକରି ।

ତୁ କହିଥିଲୁ ପେଟ ଥରେ ଗଲେ ଭରି
ଆଉ କେହି ମାଗିବନି ଖାଇବାକୁ ଦେ ବୋଲି
ଶ୍ରେଷ୍ଠ ଦାନ ଖାଦ୍ୟ
କାହାକୁ ଦାଣ୍ଡରୁ ଦେବୁନି ଫେରେଇ
ସୁନା ଟଙ୍କା ଶାଢୀ ଯେତେଦେଲେ
ଆହୁରି ଆଶା ଥାଏ ଭରି ଭରି
ସେବେଠାରୁ କେହି ଫେରିନି ନ ଖାଇଦାଣ୍ଡରୁ ମୋହରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦା ବେଳେ କହିଥିଲୁ ଭାଙ୍ଗିବା ସହଜ ମା

ଗଢିଦେବୁ ଘରକୁ ନିଜେ ଢିରା ଦେଇ

ସେବେଠାରୁ ଆଜିଯାଏ ଢିରା ମୁଁ ହେଇଛି ବିନା ପ୍ରତିବାଦେ

ତୁ ମୋର ଆଦ୍ୟ ଗୁରୁ, ଆଦ୍ୟ ଶ୍ଳୋକ

ତୁ ମୋ ପାଇଁ ତିମିର ବିଧ୍ୱଂସୀ ଆଶିଷର ଧାର

ବୁର୍ଲା, ସମ୍ବଲପୁର

ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୀତା ବନାମ ବୁଦ୍ଧ



ରାଧାମୋହନ ପୂଜାହାରୀ

ବଡ଼ ବିଚିତ୍ର ଏ ବିଧିର ବିଧାନ
ସମୟର ଖେଳ ସବୁ,
ଜଣେ ନ୍ୟାୟ ଅନ୍ୟ ଜଣକ ପ୍ରତି ଏ
ଅନ୍ୟାୟ କାହିଁକି ପ୍ରଭୁ ? (୧)

ଏଇଠି ଏ ବିଶ୍ୱ ବୁଦ୍ଧଙ୍କୁ ଦେଖିଛି
ପୁତ୍ର-ପତ୍ନୀ ତ୍ୟାଗିବାର,
ମୋକ୍ଷପ୍ରାପ୍ତି ପାଇଁ ନିଶାର୍ଦ୍ଧେ ଯାଆନ୍ତି
ଛାଡ଼ି ନିଜ ପରିବାର । (୨)

ସାଧନା ବଳରେ ଫେରନ୍ତି ସେ ନେଇ
ମୂଳମନ୍ତ୍ର ଅହିଂସାର,
ପୂଜା ପା'ନ୍ତି ଆଜି ମହାତ୍ମା ରୂପରେ
ଏ ମହୀରେ ବାରମ୍ବାର । (୩)

ଯଶୋଧାରା ନେତ୍ରେ ଲୁହ ଦେଇ ବୁଦ୍ଧ
ତା' ପ୍ରତି କଲେ ଅନ୍ୟାୟ,
ମୋକ୍ଷ ପାଇଁ ନିଜ ପୁତ୍ରକୁ ତ୍ୟାଗିବା
ପୁତ୍ର ପ୍ରତି ଏ କି ନ୍ୟାୟ ? (୪)

ଅପହୃତା ହୋଇ ସତୀ ସୀତା କିନ୍ତୁ
କଳଙ୍କିନୀ ନାମ ବହି,
ଏକାଧିକ ବାର ଅଗ୍ନିପରୀକ୍ଷାକୁ
ମଥା ପାତି ଗଲେ ସହି । (୫)

ନ୍ୟାୟ-ଅନ୍ୟାୟର ଚକ୍ରବ୍ୟୂହେ ଫସି
ସୀତା ରାମାଦେଶ ପାଇ,
ଗରଭାବସ୍ଥାରେ ମୁନି ଆଶ୍ରମରେ
ବନେ ସେ ରହିଲେ ଯାଇ । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ କଠୋରାଦେଶେ ସ୍ତବଧ ହୋଇଲେ
ନର-ପଶୁପକ୍ଷୀ-ତରୁ,
ଅଭାଗିନୀ ସୀତା ହୋଇଲେ ବର୍ଜିତା
ଦିନେ ରାମ ରାଇଜରୁ ॥ (୭)

ଦେଖେ ବିଶ୍ୱ ବୁଦ୍ଧ ସୀତା ଉଭୟଙ୍କୁ
ଭିନ୍ନ-ଭିନ୍ନ ପରିବେଶେ,
'ମହାତ୍ମା' ବୋଲାନ୍ତି ବୁଦ୍ଧ କିନ୍ତୁ ସୀତା
'କଳଙ୍କିନୀ' ହେଲେ ଶେଷେ ॥ (୮)

ବୁଦ୍ଧଙ୍କ ପାଇଁକି ସଂସାରେ ନ ଥିଲା
ଗୋଟେ ହେଲେ ପ୍ରଶ୍ନଚିହ୍ନ !
ସୀତା ପ୍ରତିଥର ହେଲେ କିନ୍ତୁ ନାନା
ପ୍ରଶ୍ନବାଣ ସମ୍ମୁଖୀନ ॥ (୯)

ଇଏ କି ନିଷ୍ଠୁର ଖେଳ ବିଧାତାର
ପକ୍ଷପାତଭରା ପଥେ ?
ନର ଲଭେ ଯଶ କିନ୍ତୁ ଏଠି ନାରୀ
ନେତ୍ରୁ ଲହୁ ଝରେ ସତେ ! (୧୦)

ଇତିହାସ ସାକ୍ଷୀ ଯୁଗେ ଯୁଗେ ନାରୀ
ହୋଇଅଛି କଳଙ୍କିତ,
ପୁରୁଷପ୍ରଧାନ ସମାଜେ ଆଜି ବି
ନାରୀ ହୁଏ ପ୍ରତାଡ଼ିତ ॥ (୧୧)

ବିଧାତାକୁ ମୋର ଗୋଟିଏ ପ୍ରଶ୍ନ ଏ
ପକ୍ଷପାତ କାହିଁ ପାଇଁ ?
ସବୁ ନ୍ୟାୟ ଦେଲୁ ବୁଦ୍ଧଙ୍କୁ ତୁ କିନ୍ତୁ
ସୀତା ପାଇଁ ନ୍ୟାୟ କାହିଁ ? (୧୨)

ହିନ୍ଦୀ ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମଦ୍ଦୁଲପାଳ
(ଢେଙ୍କାନାଳ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛୋଟ ମୋର ଗାଁଟି



ଅମୃତ ନାରାୟଣ
ଶତପଥୀ

ଛୋଟ ମୋର ଗାଁ ଟି
ଗୁଗୁଲ ମ୍ୟାପ ରେ ସର୍ଚ୍ଚ କଲେ
ମିଳଇ ତାର ନାଆଁ ଟି ।
ଛୋଟ ମୋର ଗାଁ ଟି ।(୧)

କଂକ୍ରିଟ ଖାଲି ସଡ଼କ ମୟ
ମାଟି କାଦୁଅ ରାସ୍ତା ବିଲୟ
ନଦୀ ଉପରେ ଛିଡାହୋଇଛି
ସୁଦୀର୍ଘ ସେହି ପୋଲ ଟି
ଛୋଟ ମୋର ଗାଁ ଟି (୨)

ତାହାର ହାଟ ତା'ର ବଜାର
ତାହାର କୋଠା ସତେ ସହର
ସ୍କୁଲ କଲେଜ ଡ଼ାକ୍ତରଖାନା
ଘରେ ଘରେ ପୁଣି ଅଛି ପାଇଖାନା
ସକଳେ ଦିଶେ ଉନ୍ନତି ।
ଛୋଟ ମୋର ଗାଁ ଟି ।(୩)

ଫସଲ କଟା ମେସିନରେ ହୋଇ
ଟ୍ରାକ୍ଟର ପୁଣି ହଳ କରଇ
ଗାଈ ଗୋଠ ବଦଳି ଯାଇଛି
ଡାଏରୀ ଫାର୍ମ ହୋଇ ଟି ।
ଛୋଟ ମୋର ଗାଁ ଟି ।(୪)

ଭାଗବତଟୁଙ୍ଗୀ ଆଉ ତ ନାହିଁ
ପୋଥି ପୁରାଣ ଚୁଲିକୁ ଯାଇ
ଗ୍ୟାସ ଚୁଲା ଜଳୁଛି ଆଉ
ଇଣ୍ଟରନେଟ ଖାଲି ଚାଲିଛି ।
ଛୋଟ ମୋର ଗାଁ ଟି । (୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଇଚାରାର ଗୁଣ ଦୂରେଇ

ସବୁକଥା ରେ ମୋର ମୋର କହି

ଏକତା ଗୁଣ କୁ ତ ହରାଇ

ଅହଂକାର ଟି ଗ୍ରାସିଛି ।

ଛୋଟ ମୋର ଗାଁ ଟି ।(୬)

ପର୍ବପର୍ବାଣି ବନ୍ଦ ହେଲାଣି

ଖୁସି ମଉଜ ନାହିଁ ତ ପୁଣି

ଜନ୍ମଦିନରେ ଷ୍ଟାଟସ୍ ଦେଖାଇ

କେକ୍ କଟା ଚାଲିଛି ।

ଛୋଟ ମୋର ଗାଁ ଟି ।(୭)

ଭକ୍ତି ପୁଣି ନାହିଁ କେଉଁ ପୂଜାରେ

ମନ୍ତ୍ର ପାଠକୁ ଗୁଳି ମାରରେ

ମଦ ପିଇଣ ଭସାଣିରେ ଖାଲି

ଆଇଟମ୍ ଗୀତରେ ନାଚ ଚାଲିଛି ।

ଛୋଟ ମୋର ଗାଁ ଟି ।(୮)

ଉନ୍ନତି ଖାଲି ବାହାରେ ହୋଇ

ଭଲ ଟଙ୍କା ପୁଣି ସଭିଏଁ କମାଇ

ନୈତିକତା ଓ ଚରିତ୍ର ପୂରା

ପତନ ହୋଇ ଯାଇଛି ।

ଛୋଟ ମୋର ଗାଁ ଟି ।(୯)

ଏସବୁ କଥା ଛବିଟି ପରି

ପ୍ରବାସେ ମନେ ଉଠଇ ଝଳି

ଇଚ୍ଛା ହୁଏ ମାଟିରେ ତା'ର

ସେହି ପୁରୁଣା ମହକ ପାଆନ୍ତି କି !

ଛୋଟ ମୋର ଗାଁ ଟି ।(୧୦)

ଠିକଣା- ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଖିର କଥା



ଦଣ୍ଡାସି ପ୍ରଧାନ

ଅନ୍ଧାର ଅବା ଆଲୁଅର ଖେଳରେ ,

ଆଖି ହିଁ ସାକ୍ଷୀ -

ଦିଗରୁ ଦିଗନ୍ତ/ ନଖରୁ ନକ୍ଷତ୍ର/

ଦେହରୁ ଦେହାନ୍ତର ଯାଏଁ ;

ତଳ ତଳପରୁ ତଳିପା ପର୍ଯ୍ୟନ୍ତ ।

ବିନ୍ଦୁରୁ ସିନ୍ଧୁ ଯାଏଁ/

ଦୀପରୁ ଦୀପ୍ତିମାନ୍ ଯାଏଁ ।୦୧ ।।

ଆଜି ଆଜିର

କିଛି ବଛା ବଛା ଆଖି ପୁଅ

ଏଠି ଏତେ ସ୍ୱଚ୍ଛ ଯେ ;

ତା ଉପରେ ଆଦୌ -

ପରଳ ଢାଙ୍କି ପାରେ ନାହିଁ ।

କାଚ କାଞ୍ଚନର ଘର ଚିହ୍ନିବାରେ,

ଅପେକ୍ଷା ରଖେ ନାହିଁ ।

ଶାସନ ବନାମ ଶୋଷଣ/ନାଲିତନ୍ତ୍ରର ମଜା/

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲହୁ ଲୁହାନ୍ତରେ ବନ୍ଧା ପ୍ରତିବିମ୍ବିତ ରୂପ-

ଠିକ୍ ଠିକ୍ ବାରିହୋଇ ପଡେ ,

ଧର୍ମ ଓ ନ୍ୟାୟର ନିକିତିରେ ।୦୨ ।।

ସତ୍‌ର ଅଭାବ ଅଛି, ନା ଅସତ୍ ର ସ୍ଥାୟିତ୍ୱ ଅଛି ?

ଆଖିର ନିଷ୍ଠୁର ନିଃସର୍ତ୍ତ ନିୟମ -

ବାନ୍ଧିଧରି ବସେ,

ଦିନ ଦ୍ୱିପ୍ରହରେ, ମିଛରେ କୁହୁଡି ପହଁରୁଥିବା

ଉଦଣ୍ଡ ଉତ୍ପାତକୁ/

ଧୋବଧାଳିଆ ବିପ୍ଳାତରତ ଷଣ୍ଢଙ୍କୁ ;

ଧର୍ମକୁ ଆଖି ଠାର ମିଛୁଆ ଭଣ୍ଡମାନଙ୍କୁ ।୦୩ ।।

ଏବେ ଏବେ ଆଖିର ଖେଳରେ-

ଓଲଟ ପଲଟର ଧୂର୍ତ୍ତ ଯାଦୁକର -

ଉଦରରୁ ଉଦ୍ଗାରି ପାରେ ନାହିଁ/

ବିଷ କି ପୀୟୁଷ ସତ୍ୟର ;

ନାସତ ଭାବରେ କେତେ ଦିନ ।

କିନ୍ତୁ

ମଣିଷ ଆଖିରେ ବିଷ କି ଅମୃତ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଠୋର କି କାରୁଣ୍ୟ କାର୍ପଣ୍ୟକୁ/

କଠିନ/ତରଳ କିମ୍ବା କୋମଳତର ସାନ୍ଦ୍ରତାକୁ,

ସ୍ୱଚ୍ଛ-ସରଳ-ତରଳ ଆଖି -

ଠିକ୍ ଠିକ୍ ଜାଣିପାର ।

ବିଚାର ମନସ୍କର ବିବିଧତାକୁ /

ସତ୍ୟ ମଙ୍ଗଳମୟତାର ବସ୍ତୁତ୍ୱକୁ ,

ଭାବ ତରାଜୁରେ ମାପିହୁଏ ମାୟା;

ତୁଳ ତଉଲର ମାପକ ପଲାରେ ।

ଦଗ୍ଧ ଦୁଗ୍ଧରେ ମଧ୍ୟ, ଜଳର ଅନୁପାତ କେତେ ? ୦୪ । ।

ଚକ୍ଷୁଷ୍ମାନ ,

ଆଖି ଖେଳର ବିବିଧ କାରୁ କରିସ୍ନା ,

କୀର୍ତ୍ତିମାନ ଖ୍ୟାତି ପ୍ରତିଷ୍ଠା -

ମଧୁର ଅବା ଯନ୍ତ୍ରଣାର ଗଥା-

ଏଠାରୁ ସ୍ୱର୍ଗ ଅବା ନର୍କ ପର୍ଯ୍ୟନ୍ତ-

ଯୋଡ଼ି ଦିଏ ସମ୍ପର୍କ,

ଛଳ ରହିତ ,

ନିଛକ ନିର୍ଯାସର--

ଭିନ୍ନ ଏକ ସ୍ୱର ଲିପିରେ ,

କଳାରୁ ଶିଳା ଯାଏଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୃଶ୍ୟ ଓ ଦ୍ରଷ୍ଟା

ବେଦାନ୍ତୀ ଦର୍ଶନରେ ,

ରୂପରୁ ଅରୂପକୁ-

କେଉଁ ଅଜ୍ଞାତ ସମୟରୁ-

ସମୟାନ୍ତର ଯାଏଁ,

ଆଖି ହିଁ କଥା କହେ, ଆଖିର କଥା ।

ସବୁଠି । ସାକାର ଅବା ନିରାକାର, ନିର୍ବିଶେଷବାଦ ।

ଯୁଗେ ଯୁଗେ ତାର୍କିକ ନିର୍ବିବାଦ ସିଦ୍ଧାନ୍ତ ।୦୫ । ।

ଆମ ଆଖି ପରା

ଅନ୍ତଃବର୍ହି ପ୍ରାଜ୍ଞିକ

ସରଳ ସୁକ୍ଷ୍ମ ଜୀବନ୍ତ ଦର୍ଶନୀଟିଏ-

ଆତ୍ମୋପଭୋଗର ,

ଅନ୍ତଃସ୍ଥ କରିବା ନିମିତ୍ତ

ସତ୍ୟ, ଶିବ ଓ ସୁନ୍ଦର !!

ଅନନ୍ୟ ସୃଷ୍ଟିର ଅମୃତ ସୃଜନ ସ୍ରଷ୍ଟାଙ୍କର !!!

ତେବେ, ଏହି ଅତୁଲ୍ୟ

ଦେବଦତ୍ତ ସ୍ଥୁଳ ଦୃଷ୍ଟି ଦୁଇଟି ;

ଅନ୍ୟକୁ ଅର୍ପି ଦେବାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସୁବିଧା କେଉଁଠି ? ୦୬ । ।

ବରଂ ଦିବ୍ୟାଙ୍ଗ ଶୂନ୍ୟ

ଦୃଷ୍ଟି ତୃଷାର୍ତ୍ତ ଆତ୍ମାନମାନଙ୍କ ଅଭିଳାଷ

ପରିତୁଷ୍ଟ କରି, ଭରିବ--

ଅନ୍ଧତ୍ୱ ଯନ୍ତ୍ରଣା ଉପଶମ ଶାନ୍ତିର,

ଆଞ୍ଜୁଳାଏ ନିଆରା ଆନନ୍ଦ ,

ଆଉ ଇହ ପରକାଳକୁ ସଞ୍ଚିବ---

ଅବର୍ଣ୍ଣନୀୟ ତୃପ୍ତିପ୍ରଦ ମହାନ ସଞ୍ଜିବନୀ ମହାର୍ଘ ।

ଦାତା ଓ ଗ୍ରହୀତା ଗାରିମାକୁ କୁହ ,

ଅଥବା ପ୍ରକାଶର ନିରୂପମ ଅନୁକୂଳ ସ୍ରୋତକୁ---

ପ୍ରବାହିତ କରି,ଆଙ୍କିବ ପରିଷ୍କାର ପରିପୂର୍ଣ୍ଣତାକୁ ।

ପରମାତ୍ମା ଶିଖର ପର୍ଯ୍ୟନ୍ତ ସମଷ୍ଟିଗତ ସମ୍ପ୍ରସାରଣ

ଦର୍ଶନୀଟିଏ ପ୍ରତିରୋପଣ ସହିତ ।୦୭ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,

ଭ୍ରାମ୍ୟଭାଷ : ୦୮୭୬୦୧୯୪୯୬୭ । ବାଦପୁର, ଗଞ୍ଜାମ୍, ଓଡିଶା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଏଇ ତ ଜୀବନ



ସୁମିତ୍ରା ପୃଷ୍ଟି

ଜୀବନର ଚଲାପଥେ ପଥିକଟେ ମୁହିଁ
ଜାଣିନି ପଥ ମୋର ରହିଛି କେତେଦୂର
ଚାଲୁଛି ମୁଁ ଏକା ଏକା ।
ସାମ୍ନାରେ ପଡ଼ିଛି ମୋର ଅସରନ୍ତି ରାସ୍ତା
ଚାଲିବାକୁ ହେବ ପୁଣି ମୋତେ ଏକା ଏକା ।
ଇଏତ ମୋର ଅଙ୍ଗେଲିଭା କଥା
ଜୀବନର ପଥ ବହୁ ଅଙ୍କାବଙ୍କା
କେତେ ଖାଲଢିପ ପୁଣି କେତେ କଣ୍ଟାଝଟା ।
ପାଦେପାଦେ ଏଠି ଅନେକ ତାଡ଼ନା
ବହୁ କ୍ଳାନ୍ତି ଅବା ବହୁ ଅକୁହା ବେଦନା ।
କାହାର ଲିଭିଯାଏ ପାଦଚିହ୍ନ ଏଠି
କିଏ ପୁଣି ଏଠି ପଥ ଯାଏ ଭୁଲି ।

ତଥାପି ଚାଲିବି ମୁଁ ଏକା ଏକା
ହେଉ ପଛକେ ଯେତେ ଯନ୍ତ୍ରଣା ।
ରକ୍ତଝରୁ ପଛେ ପାଦେବାଜି କଣ୍ଟା
କ୍ଷତଚିହ୍ନ ରହୁ ପଛେ ଜୀବନଟା ସାରା ।
ତଥାପି ଚାଲିବି ମୁଁ ପଡ଼ିଉଠି ଆଦିରୁ ଅନନ୍ତ
ହୋଇ ଏକା ଏକା ।
ବାଟଛାଡ଼ି ଅବାଟରେ ଯିବିନି ମୁଁ କେବେ
ସାଜିବିନି କେବେ ମୁଁ ପଳାୟନପନ୍ଥୀ
ଏ ଦୁନିଆ ଆଗରେ ।
କାରଣ ଇଏତ ମୋ ଜୀବନ ଜୀବିକା
ଚାଲିବି ମୁଁ ହୋଇ ଏକା ଏକା ।

ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରି



ଅଞ୍ଜଳି ଦାସ

ଛୋଟ ମନଟିକୁ ଦେଇ ଦେଲେ ପ୍ରଭୁ
ତୁମେ କାଳେ ମିଳିଯାଅ,
ଛୋଟ ହୃଦୟର ଦୁଆର ଖୋଲିଲେ
ତୁମେ ଆସି ରହିଥାଅ ।

ଏତେ କଥା ଯେବେ ଥିଲା ତୁମ ପାଶେ
ଦେଲ କିଆଁ ଅଭିମାନ,
ଦୁରେଇ ରଖିଛ ମୋତେ ମହାବାହୁ
ଦେଇ ମୋହ, ମାୟା, କାମ ।

ପୋଛି ଦିଅନ୍ତନି ମନ ଗହନରୁ
ଅତଳ ଅନ୍ଧକାର,
ଲୋଟି ମୁଁ ଯାଆନ୍ତି ପାଦ ତଳେ ତୁମ
ଅଟଳ ବିଶ୍ୱାସେ ମୋର ।

ଚକ୍ର ପେଶି ତୁମେ ନାଶ କର ପ୍ରଭୁ
ମନର ତାମସ - ଜ୍ୱାଳା,
ବଇଁଶିର ସୁରେ ବାନ୍ଧିଦିଅ ପୁଣି
ଜୀବନର ଲୀଳା-ଖେଳା ।

ବିରହ ବେଦନା ତୁମେତ ଜାଣିଛ
କୃପା କର ଗିରିଧାରୀ,
ତୁମରି ପାଖକୁ ଫେରି ଯିବାପାଇଁ
ହେଉଥାଏ ପୁଣି ଝୁରି ।

ଦୟାମୟ ପ୍ରଭୁ କୃପା କର ଏବେ
କର ନାହିଁ ପଥହରା,
ମୁଁ ଏକା ତୁମରି, ଆହେ ବଂଶୀଧାରୀ
ହୃଦୟରେ ଦିଅ ଧରା ।

ପଣ୍ଡିଚେରୀ, ୯୯୯୯୮୮୦୯୪୨
ଇମେଲ୍: anjalidas0404@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



ସନ୍ତୋଷ
ପଟ୍ଟନାୟକ

ଉତ୍କଳ-ଭାରତୀ-ଦେବୀ-ବିଶ୍ୱରୂପା
କଷଣ ବାସରେ ଆଜି  ନିମଗ୍ନା
ସୁପ୍ତ ପୁତ୍ର ଗଣେ  ନୁହଁନ୍ତି  ଚିନ୍ତିତ
ଦେଖି ଏଇ ଦୃଶ୍ୟ ଘୁରି ଯାଏ ମାଥ  ।

କାଳର କରାଳେ ମୋଗଲ ମରାଠା
ଲୁଟିଲେ ମାତିଲେ ହୋଇ ନିଲଠା
ଫରାସୀ ଇଂରେଜ ହୋଇ ଏକାଠି
ଧନ ଦଉଲତ ନେଲେ ଝପଟି  ।

ଆଣିଲା ଇଂରେଜ ସୂର୍ଯ୍ୟାସ୍ତ ଆଇନି
ଜମିଦାରୀ  ଅଣଓଡ଼ିଆ ବାହିନୀ
ଦେଶରେ କଉଡ଼ି କଲେ ଅଚଳ
ଦିନକେ ଓଡ଼ିଆ ହେଲା କାଙ୍ଗାଳ  ।

ଉତ୍କଳ ମୁକୁଟ ବାରବାଟୀ ଦୁର୍ଗ
ତା ମଧ୍ୟେ ଶୋଭା ନବତଳପ୍ରାସାଦ
ଭାଙ୍ଗି ଇଂରେଜ କଲେ ବାଟ ଘାଟ
ଓଡ଼ିଆ ହୃଦୟେ  ବସିଲା ଛାଟ  ।

ଶତ ଶତ ବାର ଶ୍ରୀକ୍ଷେତ୍ର ଆକ୍ରମ
ସହାୟତା କଲେ କିଛି ନରାଧମ
ବକ୍ସି ବାଜି ବିର୍ସା ହୋଇଲେ ନିଧନ
ସେଇକାଳୁ ସୁପ୍ତ  ଉତ୍ତ୍ର ସ୍ୱାଭିମାନ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛାଡ଼ି ରଣନୀତି ଆପଣା ସାଧନ
ଜାତୀୟ କର୍ମରୁ ହଟିଲା ମନ
ଖଡ୍ଗହସ୍ତେ ଶୋଭା ଝାଞ୍ଜ କୀର୍ତ୍ତନ
ହଜିଗଲା ହୃଦୁ ମାନ-ସନମାନ ।

ହଜାଇ ସଂସ୍କୃତି ସଂସ୍କାର ମାନ
ମଠ-ମନ୍ଦିରେ ରଙ୍ଗଶାଳା ସ୍ଥାପନ
ଦେଖି କୀର୍ତ୍ତି ପିତା ହୋଇ ବିମନ
ନାନା ପରକାରେ ଖଞ୍ଜନ୍ତି କଷଣ ।

କାଞ୍ଚି ପରାଜିତେ ଜଗନ୍ନାଥ ହାତ
ଭୁଲି ଗଲ କିବା ହେଇ ହତ ଚିତ୍ତ
ଜାତୀୟତା ଘେନି ପୁରୁଷୋତ୍ତମ
ହସ୍ତେ ଝାଡୁ କରି ଜଗତ ମହାନ ।

ବୀର ଖାରବେଳ କୀର୍ତ୍ତି ପାରିଜାତ
କେ ସରି ହୋଇବ ଅଛି କା ସାମର୍ଥ୍ୟ
ସେଇ ଜାତି ଆଜି ହୋଇଛି ସୁପ୍ତ
ଉତ୍କଳ ଭାଗ୍ୟରେ ସତେ ଦୁର୍ଭାଗ୍ୟ ।

ଉଠ ଭ୍ରାତୃଗଣ ଖୋଲି ଚକ୍ଷୁ ମୁଦ
ସଙ୍କଟେ ଭାଷା ଜନନୀକୁ ଦେଖ
ବାତ୍ୟା ମନ୍ତ୍ର ଘେନି ପ୍ରକୃତି ମାତା
ଥରକୁ ଥର କରେ ଅଭିମନ୍ତ୍ରିତା ।

ଉଠି ଦେଖ ତବ ଅପବ୍ୟବସ୍ଥା
ଆଶାୟୀ ଜନନୀ କରିଛି ଆସ୍ଥା
ଜାତୀୟତା ଭାବେ ବିଚାର ଘେନ
ପ୍ରକୃତି ମାତାଙ୍କ ଏ ଯୁଦ୍ଧ ଆହ୍ୱାନ ।

ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧୈର୍ଯ୍ୟ



ପୁଷ୍ପାଞ୍ଜଳି ପଣ୍ଡା

ସକାଳ କିରଣ ପରି
ସୁଖ ଲାଗେ ସୁନ୍ଦର
ଦୁଃଖ ଆସେ ବହଳିଆ
ରାତି କଳା ଅନ୍ଧାର ।।

ଝରିଯାଏ ଜୀବନଟା
ଆୟୁଷ ଟା ସରିଲେ
ଶେଫାଳୀ ଫୁଲ ସକାଳୁ
ଝରିଥାଏ ମାଟିରେ ।।

ନ ଦେଖିଲା ନାହିଁ ପଛେ
ସକାଳ ର ସୁରୁଜ
ମହକ ଖେଳାଇ ବୁଣେ
ଧଳା ନାଲି ମୁରୁଜ ।।

ନିଜ କଥା ନିଜ ସୁଖ
ଭୂଲି ଆତ୍ମ ପିରତୀ
ପରହିତେ ଆତ୍ମୋତ୍ସର୍ଗ
ପରୋପକାରେ ଶାନ୍ତି ।।

ମାୟାର ପଟଳ ଖୋଲି
ମୃତ୍ୟୁ ସତ ଦେଖିଲେ
ପାପ ପୁଣ୍ୟ ର ହିସାବ
ଋତୁ ଚକ୍ର ସାଥିରେ ।।

ବର୍ଷକ ତ ବାରମାସ
ସ୍ୱପ୍ନ ଦେଖା ସରେନା
ପାଦଥାଇ ଚାଲିବାକୁ
ସୁପଥ ଟି ମିଳେନା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନରେ ଯାହା ମିଳେ

ସ୍ଥିର ଥାଏ ଆଗରୁ

ସୁଖ ଦୁଃଖ ଯନ୍ତ୍ରଣା ତ

ସବୁ କର୍ମ ଫଳରୁ ।।

ରାତି ପାହି ସକାଳ ଟା

ଆସିବା ଟା ନିଧାର୍ଯ୍ୟ

ଜନ୍ମ ପରି ମୃତ୍ୟୁ ତଥ୍ୟ

ହେବାନାହିଁ ଅଧର୍ଯ୍ୟ ।।

ଯୋଜନା ଓ ସଂଯୋଜନା ବିଭାଗ

ଓଡ଼ିଶା ସରକାର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱ ଭ୍ରାତୃତ୍ୱ



ଗୁପ୍ତେଶ୍ୱର ଚାନ୍ଦ

ଭଗାରୀ ନ ସାଜି ପରସ୍ପର ମଧ୍ୟେ
ଭ୍ରାତୃତ୍ୱ ଭାବ ରଖିବା ।
ପୂଣ୍ୟଭୂମି ପରା ଭାରତ ଆମର
କାହିଁକି ହିଂସା କରିବା ।।୧

ଆନର ଭଲକୁ ଦେଖିବା ସର୍ବଦା
ପାରିବା ମାନବ ଧର୍ମ ।
ବାକ୍ୟବୀର ନୋହି ହେବା କର୍ମବୀର
ଏ ପରା ଗୀତାର ମର୍ମ ।।୨

ଆଘାତ ନ ଦେବା କାହାରି ମନରେ
ତୁଣ୍ଡେ କହି କଟୁ କଥା ।
ସମ୍ପର୍କ ଭିତରେ ଆସିବ ତିକ୍ତତା
ଆନେ ଦେବା କିଆଁ ବ୍ୟଥା ।।୩

ମିଷ୍ଟଭାଷୀ ହୋଇ ସମଗ୍ର ବିଶ୍ୱକୁ
ଭାବି ନେବା ପରିବାର ।
ପ୍ରଭୁପାଦଙ୍କର ପରିକଳ୍ପନାକୁ
କରିବା ଆମେ ସାକାର ।।୪

ଗ୍ରାମ/ ପୋଷ୍ଟ-ସମାସିଂହା;
ଜିଲ୍ଲା-ଝାରସୁଗୁଡା ;ମୋ.୭୬୮୩୮୪୧୦୬୪.

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶତାବ୍ଦୀର ସୂର୍ଯ୍ୟ



ସୁବ୍ରତ କୁମାର
ପ୍ରଧାନ

ନବ ଉତ୍କଳର ଅଟ
ସୁଦକ୍ଷ ବିନ୍ଧାଣୀ
ଶତାବ୍ଦୀର ସୂର୍ଯ୍ୟ ତୁମେ
ଶ୍ରେଷ୍ଠ ସ୍ୱାଭିମାନୀ ।
ଉତ୍କଳବାସୀଙ୍କୁ ଦେଲ
ନବ ଜାଗରଣ
ଗରିବ ସଙ୍ଗରେ ମିଶି
ଛାଡି ବଡ଼ ପଣ ।
କୂଳବୃଦ୍ଧ ବାରିଷ୍ଟର
ଖ୍ୟାତି ଅରଜିଲ
ସ୍ୱାଧୀନତା ସଂଗ୍ରାମରେ
ସାରଥି ସାଜିଲ ।
ଓଡିଆମାନଙ୍କ କାନେ
କହି ବୀରବାଣୀ
ସ୍ୱାଭିମାନୀ ଅସ୍ମିତାର
ଥିଲ ବୀଜ ବୁଣି ।

ଅଖଣ୍ଡ ଓଡିଶା ଅବା
ଭାଷା ଆନ୍ଦୋଳନ
ନାରୀ ଶିକ୍ଷା ପ୍ରଗତିରେ
ସଦା ଅଗ୍ରଗଣ୍ୟ ।
କ୍ଳାନ୍ତ ହୀନ ଅଶ୍ୱାରୋହୀ
ଜାତି ଐରାବତ
ତୁମ୍ଭ ଯୋଗୁଁ କୋଟି ହିୟା
ସର୍ବଦା ଗର୍ବିତ ।
ଶୁଭୁନି କାଳିଆ ଘୋଡ଼ା
ଚଢ଼ିବାର ଗୀତ
ମଉନ ଓଡ଼ିଆ ଜାତି
ସର୍ବେ ନିଦ୍ରା ଗତ ।
ଉତ୍କଳ ଦଧିଚୀ ଆଜି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡାକେ ହାତଠାରି
ପୂର୍ବ ଅତୀତର ସ୍ମୃତି
ଗଲୁକି ପାଶୋରୀ ।
ସ୍ୱାର୍ଥ ତେଜି ଜାତି ହିତେ
ଜାଗ ନବ ବଳ
ହୃତ ଗଉରବ ଫେରି
ଉଠିବ ଉତ୍କଳ ।
ସଶରୀରେ ନାହିଁ ସିନା
ମର ଜଗତରେ
ରହିଅଛ ରହିଥିବ
କୋଟି ହୃଦୟରେ ।
ପ୍ରଣାମ ଘେନ ଆମ୍ଭର
ପଗଡ଼ି ପୁରୁଷ
ଆଜି ଏ ରାଜ୍ୟକୁ ଲୋଡ଼ା
ତୁମରି ଆଶିଷ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ , ୭୫୯୧୩୦
ମୋ - ୯୮୭୧୯୭୦୪୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ମୋ ମାତୃଭାଷା



ବାସନ୍ତୀ ଲତା
ଜେନା

ଉତ୍କଳ ମାଟିରେ ଜନମ ମୋ'ର
ଓଡ଼ିଆରେ ପରିଚିତ
ଓଡ଼ିଆ ମୋ ଭାଷା ମୋ ରାଜ୍ୟ ସଂସ୍କୃତି
ବଡ଼ ଦିଅଁ ଜଗନ୍ନାଥ ॥
ଓଡ଼ିଆ କହିବା ଓଡ଼ିଆ ପଢିବା
ଓଡ଼ିଆ ଲେଖିବା ଆମେ
ମାତୃଭାଷା ଆମ ଓଡ଼ିଆ କଥନ
ଓଡିଶା ପ୍ରଦେଶ ନାମେ ॥
ଭାଷା ମୋ ଓଡ଼ିଆ କେତେ ଯେ ବଢିଆ
ମିଠା ଲାଗେ ତାର କଥା
ଓଡ଼ିଆ ପୁରାଣ ଭାଗବତ ବାଣୀ
କୃଷ୍ଣ ରାମଲୀଳା ଗାଥା ॥
ଛୋଟ ଶିଶୁ ହୋଇ ମା କୋଳରେ ଥାଇ
ଶୁଣିଲି ଓଡ଼ିଆ ଗୀତ
ମା କୋଳରେ ଥାଇ ଜହ୍ନ ଦେଖୁ ଥିଲି
ଖୁସି ହେଉଥିଲା ଚିତ୍ତ ॥
ପିଲାଟି ଦିନରୁ ଓଡ଼ିଆ କହିଲି
ଓଡ଼ିଆ ପାଠ ପଢ଼ିଲି
ଓଡ଼ିଆ ଭାଷାରେ କେତେ ଗୀତ ଗପ
ଗୁରୁଙ୍କ ଠାରୁ ଶୁଣିଲି ॥
ମାଆ ମୁଖ ଭାଷା ମୋର ମାତୃଭାଷା
ଉଚ୍ଚ କଲା ଆଜି ମୋତେ
ବଡ଼ ମୁଁ ହୋଇଲି ଦେଶ ସେବା କଲି
ମାରିଲି ଶତ୍ରୁକୁ କେତେ ॥
ସୁମଧୁର ଭାଷା ଓଡ଼ିଆ ଭାଷାଟି
ହୃଦୟକୁ ଯାଏ ଛୁଇଁ
ଓଡ଼ିଆ ଭାଷାକୁ ସମ୍ମାନିତ କଲେ
ଜଗତେ ପାରିବା ଜୀଇଁ ॥
ଓଡ଼ିଆ ପୁଅ ଝିଅ ଯେଉଁଠି ଥାନ୍ତୁ
ସମସ୍ତେ ଗୋଟିଏ ଜାତି
ଓଡ଼ିଆ ଭାଷାକୁ ନ ଛାଡ଼ିବା ଆମେ
କହୁଥିବା ନିତି ନିତି ॥

ଗାନ୍ଧିନଗର, ପୋଷ୍ଟ/ଜିଲ୍ଲା: ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟ



ସେବକ ବସନ୍ତ କୁମାର ମହାପାତ୍ର

ଅତୀତ ଘଟଣା ସମୁହ ଇତିହାସେ ଲେଖା
ସାହିତ୍ୟ ହିଁ ସମର୍ଥ ରୋକିବାରେ
ଦୁଃଖୀ ଜନର  ବେଦନା ବ୍ୟଥା ।

ସେ ଜାଜ୍ଞସେନୀଙ୍କର କରୁଣ ନିବେଦନ
ସାଥେ ଭରସା ଚକ୍ରଧର ସୁଦର୍ଶନ ।
କୁରୁସଭାରେ ହେଲା ଲଜ୍ଜ୍ୟା ନିବାରଣ
ହେଲାନି ଦୁଷ୍ଟଙ୍କୁ ତୁରନ୍ତ ଦଣ୍ଡର ବିଧାନ ।
ଦ୍ରୌପଦୀଙ୍କର ମୁକୁଳା କେଶ ଦିଶେ ସିନା
ହେଲେ ଦିଶେନି ଅନ୍ତର ଦହନ ଶୀନା ।

ସୀତାଙ୍କର ପତିଭକ୍ତି ପ୍ରଗାଢ଼ ବିଶ୍ୱାସର ଧାରା
ମର୍ଯ୍ୟାଦା ପୁରୁଷୋତ୍ତମ ପାଇଁ ସଂସାର ସାରା ।
ଦୋଷୀ ରାବଣର ବଦ୍ଧ ଲଙ୍କା ଗଡ଼ ଛାରଖାର
ହେଲେ ସୀତାଙ୍କର ଅଗ୍ନି ପରୀକ୍ଷା ହୁଏ ଦରକାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୂମି ଖଣ୍ଡ ଖଣ୍ଡ ଜାନକୀ ଲୋତକ ଧାରେ

ଭୂ ଗାମିନୀ ସତୀ ସୀତା ଏକ ହିଁ ବାରେ ।

ପୃଥ୍ୱୀରାଜ ସଂଯୁକ୍ତା ଅତୁଟ ଅପୂର୍ବ ପ୍ରେମ

ଦେଖିନାହିଁ ଇତିହାସେ ଏପରି କାହାଣୀ ସମ ।

ଜୟ ଚନ୍ଦ୍ର ଟିଏ ଅହଙ୍କାର ର ଘୋରୀ

ଘୋର ବିଶ୍ୱାସଘାତକତା ଯୁଦ୍ଧରେ କରି ।

ବଳ ବପୁ ପରାକାଷ୍ଠା ବୀର ରାଜପୁତ

ଓଜ ତେଜ ବଳୀୟାନ ମାତୃଭୂମି ସପୁତ ।

ପ୍ରେମିକଟି ନିଷ୍ଠାବାନ ନିଷ୍ଠାର ପୂଜାରୀ

କଥା କହେ କାମରେ ଦେଖାଏ ତା ତରବାରୀ ।

ଚନ୍ଦ୍ରପୁରା, ଝାଡ଼ଖଣ୍ଡ ।

ମୋବାଇଲ : ୯୪୭୧୩୦୬୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେରି ଆସ



ଆଦରମଣି ପ୍ରଧାନ

ରଜନୀଟା ଆଜି ନିରବି ଯାଇଛି
ଚନ୍ଦ୍ରମାରେ ନାହିଁ ହସ,
ଶୁନ୍ୟ ହୃଦୟ ମୋ ଗୁମୁରି କାନ୍ଦୁଛି
ତୁମେ ପୁଣି ଫେରି ଆସ,,, ।

ଏ ଆଖିର ଲୁହ ହୃଦୟର କୋହ
ପାରୁନାହିଁ ଆଉ ରୋକି,
ତୁମ ବିନା ମୁଁ କେମିତି ବଞ୍ଚିଛି
ଥରେ ମାତ୍ର ଯାଅ ଦେଖି,,,, ।

ଜାଣିନାହିଁ ମୋତେ କେଉଁ ଅପରାଧେ
ଦିଅ ତୁମେ ଏତେ ଶାସ୍ତି,
ତୁମ ବିନା ଦେହ ଛାଡିବ ଜୀବନ
ଝୁରିବ ମୋ ଚିତା ଅସ୍ଥି,,,, ।

ରାତି ରାତି ମୁଁ ଉଜାଗର ରୁହେ
କେବେ ଆସିବ ସ୍ୱପ୍ନରେ,
ସେଇସବୁ ରାତି ଭରି ଦିଏ ତାତି
ଏଇ ଶୁନ୍ୟ ହୃଦୟରେ,,,, ।

ଲହୁ ସବୁ ମୋର ଲୁହ ହୋଇ ଗଡେ
ତୁମ ପଥ ଚାହିଁ ଚାହିଁ,
ନୀରବରେ ବସି ସ୍ମୃତି ସବୁ ଭାବେ
କ୍ଷତାକ୍ତ ମନକୁ ନେଇ,,,, ।

ପ୍ରେମରେ ପାଗଳ ହୋଇଯିବି ଦିନେ
ଭାବି ନ ଥିଲି ମୁଁ କେବେ,
ସେହି ପ୍ରେମ ନାଡୀ ନାଟିକା ସାଜିଛି
ସଂଜୀବନୀ ପରି ଲାଗେ,,,, ।

ମାଗୁନାହିଁ ଟଙ୍କା ସୁନା କି ଗହଣା
ତୁମ ବିନା ସବୁ ବିଷ
ନିଥର ଦେହରେ ଜୀବନ ପଶିବ
ମୋ ପାଖକୁ ଫେରିଆସ,,,, ।

ମତୋ,ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦାଦନ ପୁଅର ଚିଠି



ବାଲାଜୀ ସେଠୀ

ପ୍ରଥମେ ଗ୍ରହଣ    କରିବୁ ଜନନୀ
  ଚରଣେ ପ୍ରଣାମ ଭେଟି
ଲୁହକୁ ଲୁଚେଇ   ପଢ଼ିବୁ ନିଶ୍ଚିତେ
  "ଦାଦନ ପୁଅର ଚିଠି"  ।

ଭାବିଥିଲି ମନେ  ଚାଷୀଟିଏ ହୋଇ
  କରିବି ଜମିରେ ଚାଷ
ଝୁମ୍ପୁଡି ଘରଟା    ମରାମତି କରି
  ଦେଖିବି ତୋ ମୁଖେ ହସ  ।

ଅଭାବୀ ବିକ୍ରୀ ମୋ ଭରିଲାନି ପେଟ
  ଋଣ ଭାରେ ଗଲି ବୁଡି
ଚାଷ ବାସ ଛାଡି   ପରବାସୀ ହେଲି
  ଦଲାଲ କଥାରେ ପଡି  ।

ଗରୀବ ବାପର    ପାଠୁଆ ପୁଅ ମୁଁ
  ହଜିଲାଣି ମୋର ବର୍ଣ୍ଣ
ଲାଞ୍ଚ ମିଛ ଦେଇ   ପାରିଲିନି ବୋଲି
  ଅଧା ରହିଗଲା ସ୍ୱପ୍ନ  ।

ରକତ ଏଇଠି    ଯାଏ ପାଣି ଫାଟି
  ନିଶ୍ୱାସକୁ ନାହିଁ ବେଳ
ଖାଇବା ଗୁଣ୍ଡାରେ   ମନେପଡୁ ମାଆ
  ଖୋଜିହୁଏ ତୋର କୋଳ  ।

ମୋ ଆଖି ଆଗରେ ଚାଲିଛି ଶୋଷଣ
  ନିଜେ ଅଟେ ଭୁକ୍ତଭୋଗୀ
ଶ୍ୱାସରୁଦ୍ଧ ହୁଏ     ବିବେକର ସ୍ୱର
  ବିନା ଦୋଷେ ସାଜେ ଦାଗୀ  ।

ମୋର ସ୍ୱାଭିମାନ    କରିଛି ବାରଣ
  ନ ମାଗିବି କେବେ ଭିକ
ଅଧା ପେଟ ବରଂ   ଶାନ୍ତିରେ ଭରିବି
  ସଚୋଟରେ କରି ଭେକ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଟି ସଙ୍ଗେ ଦେହ ଚକଟି ହେଉଛି
ଇଟାଭାଟି ଧୂଆଁ ଧାସେ
ଥକ୍କା ମେଣ୍ଟାଉଛି ତତଲା ଚେଙ୍କରେ
ତଣ୍ଟି ଜଳିଯାଏ ଶୋଷେ ।
ମାଲିକର ବାକ୍ୟ ବାଣ ପରି ଟାଣ
ପଞ୍ଜରା ହୁଅଇ କଣା
ଆଗୁଆ ଅଧିକା ପାଉଣା ମାଗିଲେ
ପଡଇ ମଥାରେ ଠଣା ।
ଝାଳ ଗଳିଯାଏ ତୃଷାର୍ତ୍ତ ତୁଣ୍ଡରେ
ଘୁରିଯାଏ କେବେ ମଥା
ଘର ପରିବାର ମନେ ପଡିଗଲେ
ବଢ଼ଇ ଅନ୍ତର ବ୍ୟଥା ।
ଦାଦନ କୁଲିର ନ ଥାଏ ଠିକଣା
ଆଜି ଏଠି କାଲି ସେଠି
କର୍ମ ସନ୍ଧାନରେ ଯାଯାବର ସାଜେ
ଖାଇ ଖାଇ ଲାତ ଲାଠି ।
ଦୁର୍ଘଟଣା କେତେ ମୋ ସହିତ ଘଟେ
ହୋଇଯାଏ ଅଙ୍ଗଚ୍ୟୁତ

ସାରା ଜୀବନ ମୁଁ ବିକଳାଙ୍ଗ ହୋଇ
କରୁଥାଏ ଅଶ୍ରୁପାତ ।
ମୃତ୍ୟୁ ଯଦି ହୁଏ ଦାଦନ ଭୂଇଁରେ
ଫିଙ୍ଗିଦେବେ ମୋର ଶବ
ଗରୀବ ଜୀବନ କିବା ମୂଲ୍ୟହୀନ
କାହିଁକି ଏ ଘୃଣ୍ୟଭାବ ??
ଗରୀବ ହେବା ଟା ଅପରାଧ କିବା
ଅଭିଶାପ କେଉଁ ଏକ
ଗରୀବ ଶ୍ରମିକ ନଥିଲେ ସଂସାରେ
ଗଢନ୍ତା କେ କୋଣାରକ ??
ଛୋଟ ପେଟ ପାଇଁ ଆସିଥିଲି ଧାଇଁ
ଛାଡି ନିଜ ଭିଟାମାଟି
ଆଶା କରେ ତୋତେ କାଳିଆ ସାଆନ୍ତ
ରଖିଥିବେ ଆଡଆଖି ।
ଲମ୍ବା ଏ କାହାଣୀ ଜମା ସରିବନି
ଇତି ମୁଁ କରୁଛି ଏଠି
ଲୁହରେ ଭିଜିବା ଆଗରୁ ପଢ଼ିବୁ
"ଦାଦନ ପୁଅର ଚିଠି" ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗୋଲାପ



ରାହୁଲ ଚନ୍ଦ୍ର
ଘଡେଇ

ଭାଗ : ୩

ଆଜି ପାଖରେ ପାଇ ମୁଁ ତୁମକୁ
ଉଡ଼ିଗଲି ସତେ ଯେମିତି ସ୍ୱପ୍ନର ରାଇଯକୁ
ତଣ୍ଟି ମୋ ଶୁଖି ଯାଉଥାଏ କିଛି ଜଣାଇବାକୁ
ଜହ୍ନି ମୁ ପାରୁନାହିଁ କଣ କହିବି ବୋଲି ତୁମକୁ । ।

ନା ମିଶାଇ ପାରୁଛି ତୁମ ଆଖିକୁ ମୋ ଆଖି
ନା ତୁମକୁ କହି ପାରୁଛି ତୁମେ ମୋ ସାଥି
ପଚରୁଛ ଯେବେ ତୁମେ ମୋତେ କିଛି କୁହ କୁହ ବୋଲି
ଓଠରୁ ମୋ ବାହାରୁ ନାହିଁ ମୁଁ ତୁମକୁ ଭଲ ପାଉଛି ବୋଲି । ।

କହିବାକୁ ଆରମ୍ଭ କଲି ଯେବେ ମୁଁ
ମୋ ପ୍ରେମ ର ପ୍ରଥମ ଅକ୍ଷର
ଗୋଲାପ ଫୁଲକୁ ବଢ଼ାଇବାକୁ ଲାଗିଲି
ଥୁରୁ ଥୁରୁ ଏଇ ହାତରେ ମୋର । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବାଜିଲା ଯେବେ ମୋ ହାତରେ ଗୋଲାପର କଣ୍ଟା
ସ୍ୱପ୍ନ ରାଇଜରୁ ବାହାରି ଆସିଲା ମୋ ମନଟା
ମୁଣ୍ଡ କୁ ଟିକେ ଥପୁଡ଼ାଇ କହୁଛି ନିଜକୁ
ଆରେ ପାଗଳ ଫେରି ଆସ ଟିକେ ବସ୍ତବତାକୁ ।   ।

ଭାଗ : ୪

ସ୍ୱପ୍ନ ଗତ ହୋଇ ଥିଲା ମୋତେ ଯାହା
ଘଟେ ଆଜି ମୋ ସହିତ ତାହା
ଭାବନା ଠାରୁ ବି ଲାଗ ଆଜି ଅତି ସୁନ୍ଦର
ସତେ ଯେପରି ମୁଖ ତୁମର ପୁନେଇ ଚାନ୍ଦ ।   ।

ତୁମ ହସରୁ ଝରୁଛି ମୋତି
ତାକୁ ସାଇତି ରଖିବି କେଉଁଠି
ଦୁନିଆ ଲାଗେ ଆଜି କାଇଁ ମୋତେ ନିଆରା
କେବଳ ତୁମରି ପାଇଁ ସାଜିଛି ମୁ ଆଜି ପ୍ରେମୀ ବଞ୍ଜାରା  ।   ।

ସାରା ଜୀବନ ପାଇଁ କରିବାକୁ ନିଜର
କାହିଁ କୋଉ କାଳୁ ଜଗି ବସିଥିଲା ଏ ମନ ମୋର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ମୁଁ ଦଉଚି ସାଥୀ ଆଜି ତୁମକୁ

ସାରା ଜୀବନ ପାଇଁ ସ୍ମୃତି ଟିଏ ଭଳି ସାଇତି ରଖିବି ତୁମକୁ ।   ।

ପ୍ରଥମ ଗଛର ମୋ ପ୍ରଥମ ଗୋଲାପ ଫୁଲ

ସାଥୀ ତୁମ ଏହାକୁ ଗ୍ରହଣ କର

ତୁମ ସହ ବନ୍ଧା ମୋର ଏ ଜୀବନ ର ଡୋରି

କେବେ ଚାଲି ଜୀବନୀ ମୋତେ ଏକା କରି ।   ।

ଦାଣ୍ଡମୁକୁନ୍ଦପୁର୍, ପିପିଲି, ପୁରୀ

୮୪୫୫୯୫୯୫୯୯

Listen to Odia Podcast on https://anchor.fm/aahwaan

# ଲୁହ



ସ୍ମିତା ପଣ୍ଡା

ଲୁହକୁ ନେଲି
ବରଫ କଲି,
ତରଳେଇଲି,
ଗରମ କଲି,
ଥଣ୍ଡା କଲି
ପୁଣି ବରଫ କଲି ।

ପଚାରିଲି ,
ଲୁହ କ'ଣ ?
କେହି  ଜଣେ କହିଲା,
ଲୁହ ଗୋଟେ ଦୁଃଖ
ଲୁହ ଗୋଟେ କଷ୍ଟ
ଲୁହ ବି ଗୋଟେ ସୁଖ
ଗୋଟେ ଭାବନା
ଗୋଟେ ଅନୁଭବ
ଗୋଟେ ପରିପ୍ରକାଶ  ।

ପୁଣି ପଚାରିଲି
ଗଛଲତାକୁ
ପଶୁପକ୍ଷୀଙ୍କୁ
ମଣିଷ ମାନଙ୍କୁ
ସମସ୍ତେ କହିଲେ,
ଆମେ ଖାଲି  ତା'କୁ ଦେଖିଛୁ
ଜାଣିନୁ ସେ  କ'ଣ
ଆଉ କୋଉଠି ରହେ  ।

ଦିନେ ରାତିରେ
ହଠାତ୍ ନିଦ ଭାଙ୍ଗିଗଲା
ଦେଖିଲି
ଦି'ଆଖିରେ  ଲାଗି ରହିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦି 'ବୁନ୍ଦା ଲୁହ

ପଚାରିଲି ଆଖିକି,

ଲୁହ କ'ଣ ?

ସେ କହିଲା,

ଚୁପ୍ ଚାପ୍ ଶୋଇପଡ଼

ସେ ଖାଲି ଦି'ବୁନ୍ଦା ପାଣି

ତା'ର ସ୍ଥାନ

କୋଉଠି ଆଉ

କାହା ପାଖରେ ବି ନୁହେଁ ।

ପାଇକପଡ଼ାପାଟଣା
ନରସିଂହପୁର,ଜି କଟକ,୭୫୪୦୦୩
ଫୋନ୍ ନମ୍ବର ୯୮୭୧୯୮୧୯୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗ୍ରୀଷ୍ମ ଗୋଧୂଳି



ବୀରକିଶୋର
ନାୟକ

ଗ୍ରୀଷ୍ମ ଅପରାହ୍ନ ବିତିଗଲା ପରେ
ତଥାପି କମେନା ଖରା,
ଉତ୍ତପ୍ତ ସମୀର ପୋଡି ଦେଇଯାଏ
ଯନ୍ତ୍ରଣାରେ ଦେହ ସାରା ।

ରାସ୍ତାରେ ଲାଗେନା ଯାତାୟତ କିଛି
ଅସ୍ଥିରତା ରହେ ମନେ,
ଆମ୍ବ ଗଛ ତଳେ ଲାଗେ ଗୁଲିଖଟି
କୋଇଲିର କୁହୁ ତାନେ ।

ଗ୍ରୀଷ୍ମ ପ୍ରାନ୍ତରର ଶୁଖିଲା ଘାସରେ
ପୁରେନା ଗାଈର ପେଟ,
ତତଲା ଖରାରେ ଖାଦ୍ୟ ଖୋଜି ଖୋଜି
ହେଉଥାଏ ଛଟପଟ ।

ପଶ୍ଚିମ ଆକାଶେ ଦୂର ପର୍ବତର
ଶିଖରେ ବସିଲେ ସୂର୍ଯ୍ୟ,
ଘର ମୁହାଁ ସବୁ ହୁଅନ୍ତି ଗୋଧନେ
ମନେ ଭରି ଅବସାଦ ।

ଚଞ୍ଚଳ ଚାଲିରେ ଗୋଧୂଳି ଉଡ଼ଇ
ରାସ୍ତା କଡ଼ ଗଛପରେ,
ହମ୍ବା ହମ୍ବା ରଡି ଶୁଭଇ ଅଧୀରେ
ବାତ୍ସଲ୍ୟ ମମତା ଝରେ ।

ଅଜଣା ଗଛର ଡାଳରେ ବିଶ୍ରାମ
ନେଉଥିବା ପକ୍ଷୀଗଣ,
ଗୋଧୂଳି ଦେଖି ଯେ ନୀଡେ ବାହୁଡନ୍ତି
ଆକାଶେ ଶୁଭଇ ସ୍ୱନ ।

ଉତ୍ତପ୍ତ ଗୋଧୂଳି ତଥାପି ସର୍ବତ୍ର
ଆଣିଥାଏ ଚଞ୍ଚଳତା,
ନିଜ ନିଜ କର୍ମେ ସଭିଏଁ ଲାଗନ୍ତି
ଦେଖାଇ ଯେ ତତ୍ପରତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନକଲେ ନଚଲେ ସଂସାରେ ଲାଗିଛି

ପେଟ ପାଟଣାର କଥା,

ଗ୍ରୀଷ୍ମକୁ ଡରିଲେ ସରିବନି କାମ

ଆସିଯିବ ପୁଣି ନିଶା ।

ଗ୍ରୀଷ୍ମ ଗୋଧୂଳି ବି ବାଦ ଯାଏ ନାହିଁ

ଭରେ ମନେ ପ୍ରୀତି ଆଶା,

ନୂଆ ବାହା ନୂଆ ମନେ ଖେଳୁଥାଏ

ମିଳନର ମଧୁ ନିଶା ।

ଗୋଧୂଳି ଶୋଇଲେ ସନ୍ଧ୍ୟା ନଇଁ ଆସେ

ଶୁଭେ ମନ୍ଦିରେ ଆଳତୀ,

ଚଉଁରା ମୂଳରେ ପୂଜେ ସୀମନ୍ତିନୀ

ଜାଳି ଦେଇ ସଞ୍ଜବତୀ ।

ଖଣ୍ଡବନ୍ଧ, ଢେଙ୍କାନାଳ

ଫୋନ: ୮୮୪୭୮୪୨୨୯୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦୃଶ୍ୟ ଯନ୍ତ୍ରଣା



ପଙ୍କଜ କୁମାର
ମଙ୍ଗଳ

ଭିନ୍ନ ସ୍ୱରୂପରେ ଯନ୍ତ୍ରଣା ପାଇ ନୀରବରେ କର୍ମ କରେ,
ସବୁ ଚରିତ୍ରରେ ସ୍ନେହ ବାଣ୍ଟୁ ଥାଏ ନିଜେ ଲୁହପିଇ ଓଠରେ ।
ସ୍ରଷ୍ଟାଙ୍କ ପାଇଁ ସ୍ୱୟଂ ସ୍ରଷ୍ଟା ସେ ସୃଷ୍ଟି କୁ ଆଗକୁ ନିଏ,
ଜନନୀ ରୂପରେ ପୁତ୍ର-କନ୍ୟା ଦେଇ ପ୍ରସବ ଯନ୍ତ୍ରଣା ସହେ ।
ଅନ୍ଧବିଶ୍ୱାସ ବି ଆପଣାଇ ନିଏ ସେ ସନ୍ତାନ ମଙ୍ଗଳ ପାଇଁ,
ସବୁ ବିପଦରୁ ଘଣ୍ଟ ଘୋଡ଼ାଏ ସେ ପଣତର ଛାଇ ଦେଇ ।
ସନ୍ତାନ ପାଇଁ କି ପ୍ରଥମ ଗୁରୁ ସେ ଚିରଦିନ ବାଣ୍ଟେ ଜ୍ଞାନ,
ଜନନୀ ରୂପରେ ନାରୀ ର ଯନ୍ତ୍ରଣା ସୃଷ୍ଟିରେ ନାହିଁ ସମ ।

ଗୃହର ଗୌରବ ପିତାଙ୍କ ଲକ୍ଷ୍ମୀ ଭାଇ ପାଇଁ ଅଲିଅଳି,
ଯନ୍ତ୍ରଣା ସହିବି ସେବା କରୁଥାଏ ସ୍ନେହମୟୀ ଦେବୀ ପରି ।
ହସି ହସି ନିଜ ବିଦ୍ୟା ତ୍ୟାଗ କରେ ଭାଇର ଉଚ୍ଚ ଶିକ୍ଷାପାଇଁ,
ଖୁଦୁରୁକୁଣୀ ଓଷା କରୁଥାଏ ଭାଇର ଉନ୍ନତି ପାଇଁ ।

ସହଧର୍ମିଣୀ ସାଜି ସ୍ୱଗୃହ ତ୍ୟାଗେ ବିଧିର ବିଧାନ ପାଇଁ,
ସବୁରି ମନରେ ଉଲ୍ଲାସ ଭରିଦିଏ ନିଜ ବ୍ୟଥାକୁ ଲୁଚେଇ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପତିର ଘରକୁ ସ୍ୱର୍ଗମନେ କରି ଅତ୍ୟାଚାର ବି ସହୁଥାଏ,

ଆତ୍ମୀୟଙ୍କୁ ଭୁଲି ପ୍ରେମ ବାଣ୍ଟୁ ଥାଏ ଉତ୍ତମ ଘରଣୀ ହୋଇ ।

ଅସଜଡ଼ା ଘର ମନ୍ଦିର ପରି ହୁଏ ସ୍ତ୍ରୀର ହାତ ସ୍ପର୍ଶରେ,

ଅର୍ଦ୍ଧାଙ୍ଗିନୀ ରୂପେ ନାରୀର ଯନ୍ତ୍ରଣା ସମାଜ କି ହୃଦବୋଧ କରେ ।

ଦୁହିତା ରୂପରେ ପିତାଙ୍କ ଇଛା ପାଇଁ ନିଜ ଇଛା ଚାପିଦିଏ,

ସୁକନ୍ୟା ଗୌରବ ସାଉଣ୍ଟିବା ପାଇଁ ନିଜ ବେଦନାକୁ ଲୁଚାଏ ।

ସର୍ବଂସ୍ୱହା ପରି ଅଦୃଶ୍ୟ ଯନ୍ତ୍ରଣାକୁ ସେ ଏକା ପାରିବ ସହି,

ତେଣୁ ସମାଜରେ ନାରୀ ବନ୍ଦନୀୟା ଆମ ସଭିଙ୍କ ପାଇଁ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।

ଫୋନ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବୁଝା ମନ



ଦେବାର୍ଚ୍ଚନ
ମେହେର

ଯେତେ ବୁଝାଇଲେ
ବୁଝେନା ଏ ମନ,
ଖୋଜେ କେବଳ ତୁମକୁ
ଦେଇ ମନ ତନ ।।

ଆଜିବି ଖୋଜୁଛି ମୁଁ
ହୋଇ ବିକଳ ତୁମକୁ,
ଦେଲ କି ମୋହନି ଲଗେଇ
ପାରୁନି ବୁଝାଇ ନିଜକୁ ।।

ତୁମକୁ ଦେଖିବା ଦିନଠୁ
ଦେଇଥିଲି ମୋ ମନ,
ମୋ କଥା ନ କରି ଚିନ୍ତା
ଚାଲି ଗଲ ମୋତେ ଏକା କରି ଧନ ।।

ଯେତେ ଚେଷ୍ଟା କଲେ
ତୁମରି ସୌନ୍ଦର୍ଯ୍ୟ ମୁଖକୁ ପାରୁନି ମୁଁ ଭୁଲି,
କେବେ ପାରିବି ନି ପାଶୋରି ତୁମ
ଆଖିର ଚାହାଣି କଥା କହିବାର ଶୈଳୀ ।।

ନିତି ଆସ
ମୋ ସପନକୁ ତୁମେ,
ଆଖି ଖୋଲି ଦେଖିଲେ
ନ ଥାଅ ପାଖରେ ତୁମେ ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସିଏ କିଏ କି ?



ନିରଞ୍ଜନ ସାହୁ

ଏମିତି ତ ସିଏ କିଏ କି
ଯାହାର ଖବର ମନ ଚାହୁଁଥାଏ
କାନ ଟିକେ ଡେରିଥାଏ  କି
ଏମିତି ତ ସିଏ କିଏ କି   ? ? ?

ଭାବିଲେ ସେ ନୁହେଁ ସେମିତି
ବୁଝାଇବି କୁହ କେମିତି
ଯିଏ ତ ପଚାରେ ମୁଁ କହୁଥାଏ
ନାଇଁ ମ କଥାଟା ଏମିତି   ।

ତା ବିନା ତ ଭଲ ଲାଗେନା
ମନରେ କିଛି ବି ଜାଗେନା
କେମିତି କେମିତି ଜୀବନ ଲାଗଇ
ମନକୁ କହେ ତୁ ରାଗେନା   ।

ସିଏ ଅବା କିଏ  କହୁନ
କାହିଁକି ରହୁଛ ମଉନ
ସମାଲୋଚନା ତ ସହଜେ କରୁଛ
ତା ପାଇଁ ଟିକେ ରହୁନ   ?

ଆସୁନ ଖୋଜିବା ଖବର
କଥାଟା ଅବଶ୍ୟ ଜବର
ସମ୍ପର୍କ ଡୋର ତ ଛିଣ୍ଡାଇ ଦେଇଛି
ବାନ୍ଧି ଦିଅ ନେଇ ରବର   ।

ସମୟ ଅନେକ ଯାଇଛି
ତା'ର ପ୍ରଶଂସା ମୁଁ ଗାଇଛି
ଭାଗ୍ୟକୁ ଆଦରି ନିରବ ରହିଛି
ଢେର କିଛି ମୁହିଁ ପାଇଛି   ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁ ଶୁଣିବେ ମୋ ଆରତ



ଶିଶିର କୁମାର
ପଣ୍ଡା

ନାଇଟି ପିନ୍ଧିକି ଫାଇଟି କରଇ
ଆଧୁନିକା ମୋଓ ଘରଣୀ
ସେଇମାନେ ଆଜି ପର ହୋଇଗଲେ
ଯିଏ କରିଥିଲେ ବରଣୀ ।

ଶାଢ଼ୀ ପିନ୍ଧିବନି ମନା କରେ ସିଏ
ମାଆ ତା' କରିଛି ବାରଣ
ରୋଷେଇ କରିବା କଥା କେ କହିଲେ
ଚଣ୍ଡୀରୂପ କରେ ଧାରଣ ।

ଗାଆଁ ଘର ଜମା ପସନ୍ଦ ହୁଏନା
କ୍ୱାର୍ଟରରେ ଯାଇ ରୁହଇ
ଶାଶୂଘର ସେଇ ଛୋଟମୋଟ କଥା
ମାଆକୁ ତାହାର କୁହଇ ।

ଜୁହାର ଜାଣେନା ହାଲୋ, ହାଏ, ବାଏ
ବାପା ଶିଖେଇଛି ତାହାର
ସଂସାର ଜାଣେ ସେ ସ୍ୱାମୀ, ସ୍ତ୍ରୀ, ଛୁଆ
ଆଉ ନୁହେଁ କେହି କାହାର ।

ମାଆ ବି ନୁହୁରୀ ସେଇକଥା ନେଇ
ତିଆରଇ ମହାଭାରତ
ଉପାୟ ନପାଇ ପ୍ରଭୁଙ୍କୁ ଡାକୁଛି
ଶୁଣିବେ ସିଏ ମୋ ଆରତ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରହ ଗର୍ଭେ



ସ୍ମୃତିରଞ୍ଜନ ବାରିକ

ଅନନ୍ତର ଆଦ୍ୟ ପୃଷ୍ଠା, ଖୋଲି ଯେବେ ପଢ଼େ,
ଅନ୍ଧକାର ଚତୁଃପାର୍ଶ୍ୱେ ହରିନାମ ଗଢେ ।
ସୁନ୍ଦରତା ଚିତ୍ତ ତା'ର, ଚିନ୍ତା ନଭ ଭୂଇଁ,
ଗଢିଦିଏ ନବପୁଣି, ସବୁଜ ବନାନୀ ।
ଆଦ୍ୟତା'ର କ୍ଷଣେ ଆସେ, ହୃଷ୍ଟପୁଣି ସ୍ୱାସ୍ଥ୍ୟ,
ଗ୍ରହଗର୍ଭେ ଚିରିଦିଏ ଶାନ୍ତି ମହାବାହ୍ୟ ।
ରାମରାଜ୍ୟ ହୃଦେ ତା'ର କଳ୍ପିତ ଦୁନିଆ,
ସବୁଜରେ ଦୂରେଯାଏ ଅନ୍ଧକାର ଛୁଆଁ ।
ହ୍ରସ୍ୱନାଦ, ଖୁସିବାଦ ଆହ୍ଲାଦ ଉଲ୍ଲାସ,
ବିତିଯାଏ କ୍ଷଣ ଏଠି ଦିବାରାତ୍ର ଝାସ ।
ଧରିତ୍ରୀର କୋଳଛୁଆଁ ଗ୍ରହ ପୃଥିବୀର,
ଜୀବଏଠି ବିଚରଇ ଉନ୍ମାଦ ପ୍ରୀତିର ।
ଉଲଗ୍ନରେ ଘୂରିବୁଲେ ନିରୀହତ ସେହି,
ହେଲେ ଯତ୍ନ ନିଏ ତା'ର, ମାତୃଭୂମି କହି ।
ସେବାପୁଣି ଦୃଢ଼ତାର ସତ୍ ମନେ ଭାବି,
ପ୍ରକୃତିକୁ ପୂଜାକରେ ଶିବ, ସୂର୍ଯ୍ୟ କହି ।
ସରଳତା ପରିଚୟ ଜୀବେଦୟା ଦେଖେ,
ପୃଥିବୀର ଗ୍ରହଗର୍ଭେ ନିରୀହତା ରଖେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଦଯୋଡି ନଇଁପଡେ ପଶୁପୁଣି ସେହି,
କଳ୍ପନାର ସ୍ୱପ୍ନଧରେ କଳ୍ପିତର ମହୀ ।
ଶିକ୍ଷିତର ନାରାନାମେ ପାପୀକୁହେ ଜ୍ଞାନୀ,
ନିଷ୍ଠୁରତା ଖେଳିଯାଏ,ଦର୍ପେ ଗର୍ଭ ମଣି ।
ସ୍ୱାର୍ଥପର ସ୍ୱାର୍ଥତା'ର ତୁଚ୍ଛ ମନେକରି,
ପ୍ରକୃତିର ମଣିରୂପ ହୁଏପୁଣି ମରି ।
ବୃକ୍ଷହତ୍ୟା ବିଛଡଇ ଭ୍ରୁଣହତ୍ୟା ସରି,
ଜୀବହତ୍ୟା ନାମଲେଖେ କହେ ସର୍ବୋପରି ।
ଗୋ ହତ୍ୟା, ପଶୁହତ୍ୟା, ନରବଳି ଆଦି,
ପ୍ରକୃତିର କୋହଭରେ, କ୍ରୋଧ ମହା ଅଗ୍ନି ।
ଅରଣ୍ୟର ଅନ୍ତଗୃହେ ଝାସଦିଏ ସେହି,
ତାଣ୍ଡବତା ଖେଳିଯାଏ ପ୍ରକୃତିଯେ କହି ।
ନିର୍ଦ୍ଦୋଷର ପ୍ରାଣଯାଏ କେତେଯେ ନିରୀହ,
ନ ଛୁଅଁଇ ଭୂମି ସେତ, ଲହୁରୂପି ଲୁହ ।
ଏହାଦେଖି କାଳୀରୂପି ପ୍ରକୃତିର ରୂପ,
କରିଚାଲେ ଧ୍ୱଂସସ୍ତୁପ ପୃଥିବୀଯେ ଶାପ ।
କୋରୋନାର ମହାମାରୀ ନେଇ ବିଶ୍ୱରୂପ,
କହିଚାଲେ ମନୁଷ୍ୟକୁ ଜାଳଶାନ୍ତି ଧୂପ ।
ନେଇଯାଏ ମହାମାରୀ ବିକଟାଳ ଦିନ,
କଟିଯାଏ ଶିରପୁଣି ଅହଂକାର ମୀନ ।
ଅହଂକାରୀ ମାନବର କାର୍ଯ୍ୟ ସ୍ୱାର୍ଥପର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଯାଏ ଜୀବନବି ଶାନ୍ତ ନିରୀହର ।

ପ୍ରକୃତିର ଦେହେ ଯେବେ ବସ୍ତ୍ରହୀନ ଦେଖେ,

ମା ସେତ ନାରାୟଣୀ ଅଗ୍ନିସ୍ତୁପ ପାଖେ ।

ତ୍ରାହି ତ୍ରାହି ମା କହି, ପୃଥିବୀର ଗର୍ଭେ,

ନ ବୁଝଇ ସେତପୁଣି ସଂହାରଇ କ୍ରୋଧେ ।

ଧ୍ୱଂସାମୁଖୀ ଗ୍ରହ ଯେବେ ନିରୁତ୍ତର ହୋଇ,

ବେଳୁଥାଉ ଫେରିଯାଅ,କୋଳେ ମଥା ଥୋଇ ।

ବୃକ୍ଷଲତା, ସବୁଜିମା, କୋମଳ ସଂଗୀତ,

ଧିର ନୀର ଗାଇଯାଏ ବାୟୁ ନର ହିତ ।

ପାଖେରହି ସାଥିହୋଇ, ମନ୍ତ୍ରମୁଗ୍ଧ କରେ,

ଯତ୍ନନିଅ ସ୍ୱାର୍ଥପର ଗ୍ରହ ପୃଥିବୀରେ ।

ସ୍ୱାସ୍ଥ୍ୟ ସେବା ସୁସ୍ଥ ନେବା, ପ୍ରକୃତିକୁ ଚାହିଁ,

ପ୍ରକୃତି ହିଁ ମୂଳ ଷୋଧି, ସ୍ୱାସ୍ଥ୍ୟେ ଧ୍ୟାନ ରହି ।

କୁହ ସର୍ବେ ଆମେ ଜୀବେ, ରଖି ଦୟାଭାବ,

ଗାଇଯିବା, ଛାଡିଯିବା ନୂତନ ସ୍ୱଭାବ ।

ଗ୍ରାମ:-ଅନୁପଲା, ଜିଲ୍ଲା:- ଜଗତସିଂହପୁର,

bsmrutiranjan269@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଖାଳ



ବିଜୁ ମହେନ୍ଦ୍ର

ଗ୍ରୀଷ୍ମର ପ୍ରବାହ ମନେ ଢାଙ୍କିଦିଏ,
ଗରମ ତେଜର ଭୟ....
ଚତୁଃପାର୍ଶ୍ୱେ ଦେଖେ ତୃଷ୍ଣାର ରୂପକୁ,
ବିକଟାଳ ଭୂଇଁ କ୍ଷୟ ।......୧

ପବନରେ ଅଗ୍ନି ରାଜୁତି ଚାଲଇ,
ଦେହେ ବୋହିଯାଏ ଜଳ...
ବୃକ୍ଷର ଆସରା ଉରୁଣ୍ଡି ଉରୁଣ୍ଡି,
ମନୁ ପୋଛିଥାଏ ଝାଳ ।...୨

ଅରୁଚିରେ ଭରା ଖାଦ୍ୟର ପସରା,
ଛାତିରେ ମଉଳେ କମଳ...
ଜୀବନ ପସଇ ଯେବେ ସେ ଦେଖଇ,
ପିଣ୍ଡାରେ ପ୍ରିୟ ତା ପଖାଳ ।....୩

କାନ୍ଧରୁ ନଙ୍ଗଳ, ମୁଣ୍ଡରୁ ବୋଝତା,
ନଥିକରି ପଡ଼ିଯାଏ...
ହାତଗୋଡ ମୁହଁ ପଛେପଡିଥାଉ,
ପଖାଳ ଆଗେ ତା ଥାଏ ।...୪

ଚେକାପାରି ବୁଢା ବସିଯାଏ ଆଗେ,
ଗାଉଁ ଗାଉଁ ଖାଇଯାଏ...
ପଖାଳ ସାଙ୍ଗକୁ ଆମ୍ବର ଚଟଣି,
ସ୍ୱର୍ଗର ଆନନ୍ଦ ସତେ ।...୫

ନସି ଲଗା ଆମ୍ବ, କସିରେ ପୁଷ୍ଟିତ,
ଚହଟଇ ବାସ୍ନା ତା'ର...
ମନତ ମୋହଇ, ଆତ୍ମାରେ ତାହାର,
ଭାସିବୁଲେ ଶାନ୍ତି ଗାଁର ।...୬

ଶୁଖୁଆ ପୋଡାରେ, ପଖାଳ କଂସାରେ,
ଆନନ୍ଦର ପରିସୀମା..
ଗିଳିଯାଏ ସେତ, ଖାଇବା ନୁହଁଇ,
ଭୁଲିଯାଇ ଲାଜ ସୀମା ।...୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଜା ମାଛ ପୁଣି ଲାଳାୟିତ ଜିହ୍ୱା,
ବୃହତ ହୁଅଇ ଚକ୍ଷୁ...
ମନରୁ ପୁଣି ସେ ବସାବାନ୍ଧି ଚାଲେ,
ଖାଦ୍ୟରେ ମହକ ରାହୁ ।...୮

ବଡିଚୁରା ଟିକେ ଗିନାରେ ରଖଇ,
ଲଙ୍କାକୁ ଦିଅଇ ଛେଚି...
ଆଖିବୁଜି ସେତ କଂସାଏ ପଖାଳ,
କ୍ଷୁଦ୍ର ମୁହେଁ ନିଏ ଟେକି ।...୯

ଝୋଳପାଣି ପୁଣି କସିର ଆମ୍ବରେ,
ରସୁଣ ବାସ୍ନାରେ ଫାଟେ...
ପଡୋଶୀ ଗୃହରୁ ବାସ୍ନାର ମହକ,
ବିଲାତି ବାଗଣେ ହାଟେ ।...୧୦

ବାଇଗଣ ପୋଡ଼ା, ଆହାକି ଆନନ୍ଦ,
ଯେବେ କଂସା ପାଖେ ବନ୍ଧା...
ମହକି ଯାଏ ତା ପେଟର ଭୋକଟା,
ପଖାଳ ପାଖରେ ଛନ୍ଦା ।...୧୧

ଓଉପୋଡା ପୁଣି ବରକୋଳି ଦିଏ,
ନୂତନ ନିଶାର ବାର୍ତ୍ତା..
ପଖାଳ ସାଙ୍ଗକୁ କାକୁଡ଼ି ଫାଳଟା,
ଆଳୁ ପୁଣି ଦିଏ ଭର୍ତ୍ତା ।...୧୨

ପଖାଳ ରାଜାର ରାଣୀତ ସାଜଇ,
ଅଭିମାନୀ ହୋଇ ସଜ..
ଆଳୁର ଆଖାରେ ମନ୍ତ୍ରୀର ଆହ୍ୱାନେ,
ତାଟିଆ କୋଣରେ ଲାଜ ।...୧୩

ରାଣୀତ ନୁହଁଇ ସୁନ୍ଦରୀ ପିଆଜ,
କଣେ ରହି କରେ ଲାଜ...
ସାଲାଡ଼ ସାଙ୍ଗକୁ ଦହିର ବାସ୍ନାରେ,
ନର୍ତ୍ତକୀ କରଇ ରଜ ।...୧୪

ପିଢାର ଉପରେ ବସି ରହିକରେ,
ପ୍ରାସାଦେ ପ୍ରସାଦ ବାର୍ତ୍ତା..
ପିଢାରୁ ଖସାଇ କଖାରୁ ଫୁଲଟା,
ବେସର ଦେଇକି ଭର୍ତ୍ତା ।...୧୫

ନଦୀର ମାଛଟା କଢ଼େଇ ଉପରେ,
ଦେଇ ଚାଲିଥାଏ ଆଶା..
ପଖାଳ କଂସାର ରୂପମା ବଢ଼ାଇ,
ଓଡ଼ିଆ ଗୃହରେ ନିଶା ।...୧୬

ପଖାଳ କଂସାକୁ ବନ୍ଦଇ ପ୍ରଥମେ,
ସ୍ୱାଭିମାନୀ ଚାଲେ ରାସ୍ତା..
ବନ୍ଦେ ମୋ ପଖାଳ, ବନ୍ଦେ ମୋ ସଂସ୍କୃତି,
ମଥା ଆଗେ ରଖି ପ୍ରଥା ।...୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ବୁଲୁ ରଥ

ସ୍ମୃତି ସିନା ଅଭୁଲା ଅନୁଭୂତି,
ସ୍ମୃତି ସିନା ଅତୀତର ଗୀତି ,
ସେଇ ସ୍ମୃତି ନେଇ ତା ବାଟ ଅନେଇ
କଟିଯାଏ ଦିନରାତି ।

ଅଙ୍କାବଙ୍କା ସେଇ ଅଲିଭା ସପନେ
କେତେ କଥା ଭାବି ହସେ ମନେ ମନେ,,
ସେ ସପନେ ହଜି ମନେ ମନେ ମଜି
ଭାବି ଦଉଥାଏ ନିତି
ସ୍ମୃତି ସିନା ଅଭୁଲା ଅନୁଭୂତି ।

ତରାବୋଇ, ବାବଜା ସାହି
ଜଟଣୀ, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛଦ୍ରମ ଭେଳିକି



ତାରା ପ୍ରସାଦ ଜେନା

ଛଦାମ ପଛକେ ନଥାଉ ପାଖରେ ଛ'କୋଟି କୁବେର ଟଙ୍କା
ଛମଣ ଦେଖାଏ ନିଜକୁ ଶ୍ରୀନାଥ ସଳଖି ହେଉନି ବଙ୍କା ।
ଛୋଟିଆ କହୁଛି ଜବର ମୋଟିଆ ହସରେ ବାହାରେ ଛେପ
ଛୋପରା ଲୋକର କିଅବା ରହିଛି ଅଜଣା ଜଣାକି କୋପ ।

ଛାନିଆ ତୁଛାକୁ ଠେଙ୍ଗାକୁ ବାଡ଼ାଏ କଛାଟା ଖସୁଚି ପଛ
ଛାଟିଆ ଲୋଡୁଛି ମାଲିକ ଖାତିରି ହାତରେ ରଗଡ଼ି ମୁଛ ।
ଛଇଳ ଛଟକ ନାଟକ କରୁଛି ଖିଆଲ ସତର ଭ୍ରମ
ଛପର ନଥାଇ ମହଲ ଗଢ଼ିବା କୁହୁଡ଼ି ପହଁରା ଧୂମ ।

ଛଦନ ନଥାଇ ଆକାଶେ ଉଡ଼ିବା ମଦୁଆ ଚପଳ ବାଣ
ଛିଗୁଲା ଲୋକର କଥାରେ ଭାସିବା ଶୂନ୍ୟରେ ଗୋଳକୁ ରଣ ।
ଛଟେଇ ଚାତର ସତର ପ୍ରକାର ଦପ୍ତରଖାନାର ମୁଣ୍ଡି
ଛଅଞ୍ଚା ଆସିନି ଫୁଟାଣି କାହିଁରେ ସଳଖେ ବୋହୁଛି ଗଣ୍ଡି ।

ଛିକାର ଯାହାକୁ ଟିକିଏ କାଟୁନି ସିଏକି ମଣିଷେ ଗଣା
ଛନ୍ନତା ପାଖରେ ବିବେକ ନଥାଏ ପଶୁରେ ହୋଇବ ଗଣା ।

ରଣପୁର(ଗୋଡ଼ିପାଟଣା ସାହି), ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ସୁନନ୍ଦା ମହାନ୍ତି

ଜୀବନରେ ଏତେ ସ୍ୱପ୍ନ କିଏ ଦେଖେ କେମିତି
ଜୀବନରେ ଚିରନ୍ତନ ସତ୍ୟ ସୂର୍ଯ୍ୟ ଚନ୍ଦ୍ର ଯେମିତି
ଜୀବନରେ ଦୁଇନିଆଁ ଥାଇ କେତେ ଧୂଆଁ
ଜୀବନରେ ଆସେ ନିଆଁ ନଥାଏ ତା ଜମା ଧୂଆଁ
ଜୀବନଟା ସତ ମିଛ ସମାହାର କିଏ ଅବା ନଜାଣେ
ଜୀବନଟା ଜଉଘର କିଏ ଜଳେ ଅକାରଣେ
ଜୀବନ ର ପଥ ଅଙ୍କା ବଙ୍କା ଚାଲୁ ଚାଲୁ ଝୁଂଟି
କିଏ ରହିଯାଏ ଅଧାବାଟେ ,କିଏ ଚାଲେ ପଡି ଉଠି
ଜୀବନଟା ଏକ ନଈ କେବେ ଜୁଆର ଭଟ୍ଟା
ଜୀବନର ଦୁଇ କୂଳ କିଏ ମଣେ ସତ କାହାକୁ ଥଟ୍ଟା
ଜୀବନ ସମୁଦ୍ରେ ଥାଏ କେତେ କେତେ ଶାମୁକା
ଜୀବନ ବାଟରେ ଆସେ ଆଉ ଯାଏ କେତେ ମଉକା
ଜୀବନ ଟା କେବେ ଛଳନା କରିବ କେ କଳନା
ଛଳନା ର ଜାଲେ କେବେ ଜୀବନଟା ମାଟି ଖେଳନା
ଛଳନା କୁ କାଟି କାଟି ପହଁରିଛି ଯିଏ ଜୀବନ
ସେଇ ଏକା ପାଇଯାଇଛି ଜୀବନ ଆଶ୍ୱାଦନ
ଛଳନା ର ଛତା ତଳେ ବରଷା କି ବତାସ
ଆସୁ ଯେତେ ଜୀବନରେ ହେବା ନାହିଁ ଜମା ହତାସ ।

ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପତି ପତ୍ନୀ



ସୁରେଶ ଚନ୍ଦ୍ର ପାଢ଼ୀ

ପତି ପତ୍ନୀଙ୍କ ସମ୍ବନ୍ଧ ସାତ ଜନ୍ମ ପାଇଁ

ପତି ପତ୍ନୀକୁ ନିଜର କରେ ମଥାରେ ସିନ୍ଦୁର ଦେଇ

ପାଦରେ ଅଳତା ନାଇ ମୁଣ୍ଡେ ଓଢଣୀ ଦେଇ

ଆସଇ ପତ୍ନୀ ପତିଙ୍କ ନିଜର ହୋଇ

ହାତେ ନାଲି ଚୁଡୀ ଗଳାରେ ମଙ୍ଗଳ ସୁତ୍ର ପତ୍ନୀ ପିନ୍ଧି ଥାଏ

ପତି ସେବା କରି ସ୍ୱର୍ଗ ସୁଖ ସେ ଲଭୁ ଥାଏ

ପିତା ଘର ଛାଡି ପତି ପ୍ରେମ ପାଇବାକୁ ପତ୍ନୀ ଆସିଥାଏ

ପତ୍ନୀର ସୁରକ୍ଷା କରିବା ଦାୟିତ୍ୱ ପତି ଉପରେ ରହି ଥାଏ

ଉତ୍ତମ ବୁଝବଣା ପତି ପତ୍ନୀଙ୍କ ସମ୍ପର୍କକୁ ଯୋଡି ଦେଇଥାଏ

ପତନ ମୁଖରୁ ଉଦ୍ଧାର କରେ ଯେ ପତିକୁ ଶ୍ରେଷ୍ଠ ପତ୍ନୀ ସିଏ

ପତି ବିନା ନାହିଁ ଅନ୍ୟ ଗତି ପତ୍ନୀ ସଦା କହୁଥାଏ

ହାତର ଶଙ୍ଖା ମଥାର ସିନ୍ଦୁର ବଜ୍ର ହେଉ ପତ୍ନୀ ସଦା ମାଗୁ ଥାଏ

ପତି ବିନା ପତ୍ନୀ ଅନ୍ୟ କେଉଁଠି ମନ ନ ଲଗାଏ

ପତ୍ନୀର ବିଶ୍ୱାସ ରଖେ ଯେଉଁ ପତି ଉତ୍ତମ ପତି ସିଏ

ଶ୍ରଦ୍ଧା ବିଶ୍ୱାସରେ ପତିପତ୍ନୀ ସମ୍ବନ୍ଧ

ସବୁ ଦିନ ରହି ଥାଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପତି ପାଇଁ ପତ୍ନୀ ଅଧା ଅଙ୍ଗ ହୋଇ ଚିରଦିନ ରହିଥାଏ

ପତ୍ନୀ ବିନା ଧର୍ମ କାର୍ଯ୍ୟ ପତି କରିପାରେ ନାହିଁ

ପତ୍ନୀ ବିନା ପତି ଜୀବନରେ କେବେ ସଫଳତା ମିଳେ ନାହିଁ

ଗୃହସ୍ଥ ଜୀବନ ପତିପତ୍ନୀଙ୍କୁ ନେଇ

ଆନନ୍ଦରେ ଚାଲିଥାଏ

ଅହ୍ୟ ସୁଲକ୍ଷଣୀ ହୋଇ ଜୁଇକୁ ଯିବାକୁ ପତ୍ନୀ ଚାହିଁ ରହିଥାଏ

ପତ୍ନୀ ସତୀ ଶିରୋମଣି ଯୁଗେ ଯୁଗେ ବୋଲାଏ

ପତ୍ନୀ ପାଇଁ ପତି ତା ପ୍ରାଣ ଜୀବନ ସଦା ସେ କହୁଥାଏ

ପତିପତ୍ନୀଙ୍କ ଅତୁଟ ବନ୍ଧନ କେବେ ବିଛେଦ କରି ପାରେ ନାହିଁ

ପତିପତ୍ନୀଙ୍କ ବିନା ସୃଷ୍ଟି ଆଗକୁ ବଢ଼ି ପାରେ ନାହିଁ

ବୁଗୁଡ଼ା, ଗଞ୍ଜାମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଣ୍ଟିଲୋ ନୀଳମାଧବ



ରାମଚନ୍ଦ୍ର ପ୍ରଧାନ

ବ୍ରହ୍ମାଦ୍ରୀ କନ୍ଦରେ ପ୍ରଜାପତି ବ୍ରହ୍ମା
କରୁଥିଲେ ଯା'ର ପୂଜା
କଣ୍ଟିଲୋ କ୍ଷେତ୍ରର ସେ' ନୀଳ ମାଧବ
ଜଗତେ ଉଡ଼େ ଯା' ଧ୍ୱଜା ।
ଶବରପଲ୍ଲୀର ରାଜା ବିଶ୍ୱାବସୁ
ଥିଲେ ଯା' ଆଦ୍ୟ ସେବକ
ଗୁପ୍ତକ୍ଷେତ୍ର ଭାବେ ବିଦିତ ଆଜି ସେ
କଣ୍ଟିଲୋ ନୀଳ ମାଧବ ।
ଶ୍ରୀ ଜଗନ୍ନାଥଙ୍କ ଆଦି ସ୍ୱରୂପ ସେ'
କୋଟି ପୁଣ୍ୟର ପଖଳା
ନୟାଗଡ଼ ସ୍ଥିତ ଧାଙ୍ଗିଡ଼ି ପାହାଡ଼େ
ସୃଷ୍ଟି ତାଙ୍କ ଆଦ୍ୟଲୀଳା ।

ନୀଳ ମାଧବଙ୍କ ସ୍ୱରୂପରୁ ସୃଷ୍ଟି
ପୁରୀର ତିନି ଠାକୁର
ତାଙ୍କ ବାମ ନଖ  କାଣି ଆଙ୍ଗୁଠିରୁ
ନିର୍ଗତ ଗଙ୍ଗାର ଧାର ।
ଲଳିତା ପ୍ରେମରେ ବିଦ୍ୟାପତି ବାଇ
ଗାଇ ପ୍ରେମ ଚିତ୍ରଗୀତି
ଧାନଚାଙ୍ଗଡ଼ିର ଶିଳାରେ ସାଇତା
ନୀଳ ମାଧବଙ୍କ ସ୍ମୃତି ।
ଶଙ୍ଖ ଚକ୍ର ଧାରୀ  ହେ ନୀଳ ମାଧବ
ଶୁଣ ବାରେ ମୋ ଗୁହାରି
ତୁମ୍ଭ ଶ୍ରୀଚରଣେ କରୁଛି ମିନତି
ଦୁଃଖ ନିଅ ମୋର ହରି ।

ଶିକ୍ଷକ, ସାନ୍ତରାପଲ୍ଲୀ,ଗଞ୍ଜାମ
ମୋ:୯୮୬୨୬୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ବତୀଘର ମୋର



ନୀଳମଣି ଚାନ୍ଦ

କେଉଁ ନିରିଜନ ହୁକିଟୋଲା ଠାରେ
ଆହେ ବତୀଘର ମୋ'ର
କହି କି ପାରିବ ଆମରି ଭିତରେ
ବ୍ୟବଧାନ କେତେ ଦୂର ।

ବୁଡିଛି ସେଇଠି ମୋ ସ୍ମୃତିଜାହାଜ
ଶୋଇ ଯେ ସପନ ଦେଖେ
ତୁମପାଇଁ ରହେ ମମତା ଅଧୁରା
ପ୍ରଣୟର ଗୀତି ଲେଖେ
କେତେ ଢେଉ ଉଠି କେତେ ଭାଙ୍ଗୁଥାଏ
ହୋଇଯାଏ ମୁଁ ବିଭୋର ।

ବିଦାୟ ଦେଇଛ ସାଧବପୁଅଙ୍କୁ
ବୋଇତରେ ଯିବାବେଳେ
ଲାଗେ ଆତ୍ମହରା ହୋଇଯାଅ ତୁମେ
ରହିକି ଶାମୁକା ମେଳେ
କୁହ ରହିଅଛ ମଉନ କାହିଁକି
ବୁହାଇ ଲୋତକ ଧାର ।

ଯେତେ ଦିନ ଥିବ ଅତୀତ ଗାଥାକୁ
କହିବ ନା ନାହିଁ କୁହ
ଭାବନାରେ ମୋ'ର ସଦା ଝଲସିବ
ହୁକିଟୋଲା ତୁମ ମୁହଁ
ତୁମେ । ଥାଅ ସେଠି ସାଗର କହୁଛି
ରଚୁଥାଅ ଅଭିସାର ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯ ମୋ:୯୪୩୭୦୨୩୫୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସମୟ ସ୍ମୃତିର ବାଲି



ଆଶୁତୋଷ
ମେହେର

କେମିତି ସମୟ ବିତିଗଲା, ହେଲା ନାହିଁ ଜାଣି,
ନୀଳ ନୟନା ପ୍ରେମିକା ପ୍ରାୟେ, ମିଛ ଜାଲ ବୁଣି ।
ଛନ୍ଦାଛନ୍ଦି ସପନ ହସଇ, ରଙ୍ଗ ଇନ୍ଦ୍ରଧନୁ
ପଟ୍ଟଚିତ୍ରେ ହସ କାନ୍ଦ ଲୁହ, ନ ଲିଭଇ ମନୁ ।।

ଉଜାଣି ବହେନା ସମୟ ତ,ଆଗେ ବଢ଼ିଚାଲେ,
ଛବି ସବୁ ଅଙ୍କା ହୋଇ ରହେ, ସ୍ମୃତି ମନ ତଳେ ।
ଭୁରୁଭୁରୁ ମାଦକତା ଭରା, ମହମହ ବାସ,
ଅଜାଣତେ ବହିଚାଲେ ଆଗେ,ଜୀବନ ର ରାସ ।।

ବୟସକୁ ବାନ୍ଧିବାକୁ ବନ୍ଧ, ଅପଚେଷ୍ଟା ତୋର,
ଆଜିକୁ ନିଜର କରୁକରୁ, କାଲି ହୁଏ ପର,
ସମୟର ଚକ ବୁଲେ କହେ,ଆରେ ହେ ମଣିଷ,
ଶୂନ୍ୟ ସତ୍ତା ଧାରୀ ତୁହିଁ,ଦେହେ,କିଆଁ ଏତେ ଆଶ ??

ମିଛ ମାୟା ମରିଚିକା ହସେ, ସମୟର ନଇ,
ମୁହୂର୍ତ୍ତ ବିତିଯାଏ ଏମିତି, ସ୍ମୃତି ବାଲି ଧୋଇ ।।

୫୪, ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଧବା



କିରଣ କୁମାର ମହାନ୍ତି

ସୀମାନ୍ତର ସ୍ୱପ୍ନ ଯେବେ ଭାସିଉଠେ
ଲୁହର ସୁଅରେ
ବିକ୍ଷିପ୍ତ କଜ୍ଜ୍ୱଳ ଗାରର ଧାର ସନ୍ଧିରେ
ବହଳ ବହଳ ଅନ୍ଧାର ମାଖି ହୋଇପଡେ ।
ଆଉ ଘଟେ ଦୂରଦିଗନ୍ତର ଦେହାନ୍ତ
ଅଭିଶପ୍ତ ଅତୀତ ଆହୁରି ପଥ ଓଗାଳେ
ବଜାରରେ ଟାହିଟାପରା ହୁଏ
ଆଉ ମୁରବିଶୂନ୍ୟ ଦେହର ନିଲାମୀ ଡକାହୁଏ ॥

ଚୁଡି ସିନ୍ଦୂର ଅଛୁଆଁ ହୁଏ
ଅସଂଖ୍ୟ ଅଳସୀଫୁଲ ଙ୍କ କୋଳାହଳେ
ବିଛଣା ଦୀର୍ଘଶ୍ୱାସ ନିଏ
ମଲ୍ଲୀର ମହମହ ବାସ୍ନାରେ କୁଆଡେ
ଚରିତ୍ରହୀନାର ପ୍ରମାଣପତ୍ର ମିଳେ ॥

ଆଞ୍ଜୁଳା ଆଞ୍ଜୁଳା ରକ୍ତରେ ସ୍ନାନ କରି
ଯେବେ ଦରଜା ଖୋଲେ
ଦୃଶ୍ୟମାନ ହୁଏ କିଛି କ୍ଷୁଧାର୍ତ୍ତ ରାକ୍ଷସଙ୍କ କାମୁକ ଚାହାଣୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିନ୍ତୁ ତାଙ୍କ ପାଖେ ଦେଖେନାହିଁ ମନ
ପାଏ କୁଢକୁଢ କଙ୍କାଳ
ଆତ୍ମାବିହୀନ ଅନ୍ତଃସାରଶୂନ୍ୟ ॥

ଅସହାୟ ପ୍ରଜାପତିର ଅବଶ ଡେଣା
ଖିନଭିନ୍ ହୁଏ ।
ଆପଣା ଛାଇ ଅଚିହ୍ନା ଲାଗେ
ଟକମକ ଜ୍ୱଳନ୍ତ ଅଙ୍ଗାରରେ ହୁଏ ଶୃଙ୍ଗାର
ହୃଦୟରେ ପାଖୁଡା ପରେ ପାଖୁଡା ପୋଡେ
ଆଉ ସେ ଧୂଆଁଳିଆ ଗନ୍ଧରେ ଆକାଶ ଫାଟିଉଠେ ॥

ଗଦା ଗଦା ନିନ୍ଦା ଅପମାନ ଆଉ ଭର୍ତ୍ସନା ପରେ ବି
ନିସ୍ତେଜ ଧମନୀରେ ପ୍ରଖର ହୁଏ ରୁଧିରର ଧାର
ଦୁଃସାହସ କରେ ଦେଖିବାକୁ ସ୍ୱପ୍ନ
ପୀରତି ଅବା ପ୍ରଣୟ ର ନୁହେଁ
ଖାଲି ଚେନାଏ ସମ୍ମାନର
ସଫେଦ ନୁହେଁ, ସ୍ୱପ୍ନ ରକ୍ତଗୋଲାପର ..........

ଓଡିଶା ପ୍ରଶାସନିକ ସେବା ( ଓଏଏସ୍),
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଗଜପତି
ଦୂରଭାଷ :- ୮୧୪୪୪୧୦୫୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଦୃଢ଼କର ମନୋବଳ



ନରେନ୍ଦ୍ର ପ୍ରସାଦ ବେହେରା

ବିଧିର ବିଧାନ ଅଟଇ ସମାନ
ସମସ୍ତେ ବନ୍ଧା ଏଥିରେ
ଜନ୍ମବେଳେ ଏକା ମଲାବେଳେ ଏକା
ନଥାନ୍ତି କେହି ସାଥିରେ ।୧ ।

ମଲାଗଲା ବୋଲି ଦି'ଘଡି କାନ୍ଦନ୍ତି
ଆବୋରନ୍ତି ଅନ୍ୟ ବାସ
ଦଶଦିନ ପରେ ମନରୁ ପାଶୋରି
ଆଣନ୍ତି ମନରେ ହସ ।୨ ।

ବନ୍ଧୁ ବାନ୍ଧବରେ ପୂର୍ଣ୍ଣ ହୁଏ ଘର
କାର୍ଯ୍ୟଶେଷେ ଚାଲିଯାନ୍ତି
ଅବୁଝା ମନକୁ ବୁଝାଇ ହୁଏନି
ଏକଥା ସର୍ବେ ଜାଣନ୍ତି ।୩ ।

ଜନମ ବେଳରେ ସମସ୍ତଙ୍କ ମନ
ଆନନ୍ଦରେ ନାଚି ଉଠେ
ଉଠିଲେ କୋକେଇ ଆତ୍ମୀୟ ସ୍ୱଜନ
ଧରିଥାନ୍ତି ଖଇ ମୁଠେ ।୪ ।

ହରିନାମ ସତ୍ୟ ମୁଖେ ବୋଲି ବୋଲି
ମଶାଣିକୁ ନେବେ ଶବ
ମୁଖାଗ୍ନି ଦେବାକୁ କହିବେ ପୁତ୍ରକୁ
ନିୟମରେ ଚାଲୁଥିବ ।୫ ।

ଅରଜିଛ କେତେ ପାପ ଆଉ ପୁଣ୍ୟ
କରିବ ବିଚାର ଯମ
କାୟା ଶୁଦ୍ଧିପରେ ଯମ ମହାରାଜ
ଚିହ୍ନିଣ ଦେବେ ଜନମ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସାରରେ ଯାହା    ରହିଛି ନିୟମ
କିଏ ତା ପାରିବ ଭାଙ୍ଗି
ସୁନ୍ଦର ତାଲିକା    ସମସ୍ତଙ୍କ ପାଇଁ
ବିଧାତା ଦେଇଛି ଟାଙ୍ଗି  ।୭ ।

ଧର୍ମ ଅଧର୍ମର    ବିଚାର ଏଇଠି
କର୍ମଫଳ ଭୋଗିଥାଏ
ଲଲାଟ ଲିଖନ    କେ କରିବ ଆନ
ଯୁଗଯୁଗ ବିତିଯାଏ  ।୮ ।

ମଶାଣି ଜୁଇରେ    ଜଳିଗଲା ପରେ
ସମସ୍ତେ ହୁଅନ୍ତି ପର
ସବୁ ଘଟଣାର    ଘଟିଥାଏ ଅନ୍ତ
ଅଶାନ୍ତରେ ପରିବାର  ।୯ ।

ମଣିଷ ଜନମ    ଏ ମହୀ ମଣ୍ଡଳେ
କେତେ ତପସ୍ୟାର ଫଳ
ସାମ୍ନା କରିବାକୁ    ହୁଅ ଆଗଭର
ଦୃଢକରି ମନୋବଳ  ।।୧୦ ।।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ - ୯୮୫୩୧୦୪୨୫୧୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଚଇତି



ସତ୍ୟ ନାରାୟଣ ମିଶ୍ର

ଧୂମ୍ର ଆଚ୍ଛାଦିତ ଚଇତି ଜହ୍ନର
ଝାପ୍ସା ଆଲୁଅ ,
ଲାଗୁଥିଲା ସତେଯେମିତି ଫୁଲେଇ ହଉଚି
ଶୁଣିବାକୁ ବୋଧେ ଭଲ ପାଉ ନି
ପରଜା, ବଣ୍ଡା ପୁଅର ସୁମଧୁର ବଂଶୀ ସ୍ୱର  !

ଦେଖିବକୁ ହୁଏତ ପସନ୍ଦ କରେନି
ବନଜଙ୍ଗଲ ଭରା ପଲ୍ଲୀ ଗାଁର
ଧଙ୍ଗିରି ଧଙ୍ଗରା ନ୍‌କ ମାଦଲ୍ ତାଳେ ତାଳେ
ନୃତ୍ୟ କରୁଥିବା ଦୃଶ୍ୟ ।

ମହୁଲି ସଲପର  ଅଜବ ବାସ୍ନା
କୁରେଇ ଫୁଲର ମହ ମହ ସୁଗନ୍ଧ
ତା ସାଙ୍ଗକୁ  ଝାଳନାଳ ଦେହର ମତାଣିଆ ଗନ୍ଧ
ନାଚିବା ପାଇଁ କି  ବଢ଼େଇ ଦିଏ ଅଧିକ ଜୋସ୍  ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାତ୍ର କେଇ ଘଣ୍ଟାର ମିଳାମିଶା

ମନ ସଂଗେ ମନର ମିଳନ

ତାପରେ ଇସାରା ।

ଯୋଡି ଯୋଡି ହେଇ ଚାଲିଯାଉଥିବା

ଧଙ୍ଗରା ବସା ଅଭିମୁଖେ ।

ହୁଏତ ଜଂହର ଆଉ ପସନ୍ଦ ହଉନି ଏ ସବୁ

ପରମ୍ପରାରେ ଚାହେଁ କିଛି ବଦଲାଓ

ଅତୀତକୁ ପଛେରେ ଛାଡି ଦେବାର ପ୍ରଚେଷ୍ଟା

ଆଉ ଅପଣାଇ ନେବାର ବର୍ତ୍ତମାନର

ଷ୍ଟେଟସ ଦୁନିଆ ।

ସତ୍ୟନାରାୟଣ ମିଶ୍ର ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ପ୍ରିୟତମା



ଭବାନୀ ଶଙ୍କର ଦାଶ

ସାମାଜିକ ଗଣମାଧ୍ୟମର ସଖା ନୁହେଁ ,
ମୁଁ ତମ ପ୍ରାଣର ପ୍ରିୟା
ଅର୍ଦ୍ଧାଙ୍ଗିନୀ ହୋ ତୁମେ ମୋର,
ମୁଁ ପରା ତୁମ ହୃଦୟର ଛାୟା ।

ସୂର୍ଯ୍ୟର ପ୍ରାରମ୍ଭ ଆଲୋକେ,
ଅଛି ତୁମ ସହିତ ସୁନ୍ଦରି
ମନ ମନ୍ଦିର ଜଗି ରହିଥିବି,
ଦେଖି ଚେହେରା ଦିବାରାତ୍ରି ।

ପ୍ରେମ ଭାବନାରେ ମନ ମୋର,
ପ୍ରିୟତମା ସନ୍ଦେହ ନକର
ତୁମ ପ୍ରତାରଣେ ବିଖଣ୍ଡିତ ହେବ,
ପ୍ରିୟା ଶରୀର ମୋର ।

ଅମାନିଆ, ମନଉଣା କିମ୍ବା,
କରୁଅଛ ସୁନ୍ଦରୀ ମୋର
ସବୁବେଳେ ରହିଅଛି ରହିଥିବି,
ମନର ପ୍ରିୟତମ ତୁମର ।

ଏ ଜୀବନ ଜନ୍ମ ଆମରି ପରା,
ନୁହେଁ ବରଷ କି ମାସ
ସାତଜନ୍ମକୁ ବାନ୍ଧିଛି ମୁଁ ହୃଦୟ ଭାବନା,
ଏ ଜନ୍ମେ ନହେବ ଶେଷ ।

ଗୌରାଦେଇପୁର, କୋଦଳା, ଗଞ୍ଜାମ,
ଓଡିଶା, ୭୬୧୦୩୨
ଭ୍ରାମ୍ୟଭାଷ : ୯୦୧୯୮୯୬୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ମହାମାନବ



ବେଣୁଧର
ସୁରୁଜାଳ

ଜ୍ଞାନର ପ୍ରତୀକ ହେ ମହାମାନବ !
ବିଶ୍ୱ-ସମାନତା ଶିରୋମଣି ,
ଆଧୁନିକ ଭାରତର ରାଷ୍ଟ୍ରନିର୍ମାତା
ତୁମେ ସର୍ବ -ସୁଗୁଣର ଖଣି । (୧)

ଗୁଣଜ୍ଞ-ପଣ୍ଡିତ, ପ୍ରତିଭା-ମଣ୍ଡିତ
ସାହିତ୍ୟିକ ବାଗ୍ମୀବର ,
ଜାତିର ଗୌରବ, ଜାତିର ସୌରଭ
ବାଣୀଗର୍ଭ-ଯଶସ୍କର । (୨)

ତୁମରି ଲେଖନୀ ଛିଣ୍ଡାଏ ଧମନୀ
ଜଳାଏ ବିପ୍ଳବ ବହ୍ନି ,
ଦୁର୍ନୀତି, ଶୋଷଣ, ପାଖଣ୍ଡବାଦକୁ
ବିନାଶ କରିବା ପାଇଁ । (୩)

ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରିତ
ସମ୍ବିଧାନ କଲ ସଂରଚନା ,
ସମତା, ବନ୍ଧୁତା, ନ୍ୟାୟ, ସ୍ୱତନ୍ତ୍ରତା
ପ୍ରମାଣ କରେ ଯା'ର ପ୍ରସ୍ତାବନା । (୪)

ଆବାଜ୍ ଦେଲ ହେ ମହାନ ସଂଗ୍ରାମୀ
ବିପ୍ଳବର ନୂଆ ସ୍ୱର ,
ମୈତ୍ରୀ ପତାକା ଉଡ଼ି ଫରଫର
ବିବିଧତା ହେଲା ଦୂର । (୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁଜନ ସମାଜର ତ୍ରାଣକର୍ତା
ନାରୀ-ଜାତି ମୁକ୍ତିଦାତା ,
ମାନବତାବାଦ କଲ ପ୍ରତିଷ୍ଠା
ତୁମେ ହେ ରାଷ୍ଟ୍ରନିର୍ମାତା । (୬)

ଭାରତ ମାଟିର ପାଣି ପବନ
ପ୍ରତି ଭାରତୀୟ ହୃଦସ୍ପନ୍ଦନ,
କାଳର ବକ୍ଷରେ ଜାଜ୍ଜ୍ୱଲ୍ୟମାନ
ତୁମେ ହେ ଅମର ସନ୍ତାନ । (୭)

ଆମ୍ବେଦକର ହେ ଜନ-ନାୟକ
ପୃଥିବୀର କ୍ରାନ୍ତି ଜ୍ୟୋତି ,
ସ୍ୱର୍ଣାକ୍ଷରେ ଲେଖା ଅଛି ଇତିହାସେ
ତୁମରି ଅମ୍ଳାନ କୀର୍ତି । (୮)

ତୁମକୁ କା' ସଂଗେ ତୁଳନା କରିବି
ନିଜର ତୁଳନା ନିଜେ ,
ରାଜ ଅଧିରାଜ ରୁପରେ ଆଜି ହେ
କୋଟି ହୃଦୟରେ ବିଜେ । (୯)

ହେ ମହାମାନବ ଦରଦୀ ହୃଦୟ
ପ୍ରଣତି ଜଣାଏ ଜାତି,
ପ୍ରେରଣା ଦାୟକ ତୁମ୍ଭ ଶୁଭାଶିଷ
ମାଗୁଅଛୁ ମଥାପାତି । (୧୦)

ସ.ଶିକ୍ଷକ, ଉଲୁଣ୍ଡା, ସୁବର୍ଣ୍ଣପୁର
ଦୂରଭାଷ- ୯୭୭୮୮୧୭୭୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲ ପାଉଥିବି କାଳ କାଳକୁ



ରାଜେନ୍ଦ୍ର କୁମାର ବିଷୋୟୀ

ମନର ବେଦନା ବୁଝିବ କିଏ ସେ
ବୁଝି ନ ପାରିଲେ ମନୋଇ ପ୍ରିୟା
ଆଖି ଆଇନାରେ ନାଚିବ କିଏ ସେ
ପ୍ରିୟା ମୋ ଦୁଆରେ ନ ହେଲେ ଠିଆ ।।
ସପନ ସାଥିରେ ପୀରତି କରି ମୁଁ
କେତେ ବା କାଟିଚି ଉଆଁସ ରାତି
ଜହ୍ନ ଲୁଚିଯାଏ ତାରା ଋଷି ଯାଏ
ଭାବୁଛି ବୋଲି ମୁଁ ତା କଥା ନିତି ।।
କେତେ ଦୂରେ ପ୍ରିୟା ରହିଛି ମଉନେ
କେମିତି ପାଇବ ବାରତା ମୋର
ଚାତକ ପରି ମୁଁ ଅନାଇ ବସିଛି
କିଏ ଆସି ଦେବ ତାର ଖବର ।।
ହଳଦୀ ବସନ୍ତ ଲୁଚି ବସିଅଛି
ଦେଖିବାକୁ ଆମ ମଧୁ ମିଳନ
କୋକିଳ ଖୋଜୁଛି ଶୁଭ ମୁହୂର୍ତ୍ତକୁ
ଶୁଣାଇବ ବୋଲି ସ୍ତୁତିର ସ୍ୱନ ।।
କେମିତି କେଜାଣି କାହାର ଇଙ୍ଗିତେ
ମୋ ପ୍ରିୟା ମୋ ଠାରୁ ରହିଛି ଦୂରେ
ପ୍ରାଣର ସ୍ପନ୍ଦନ ଖୋଜୁଛି ଅତୀତ
ମନ ପକ୍ଷୀ ସଦା ତାକୁ ହିଁ ଝୁରେ ।
କେଉଁ ରାଇଜରେ ରହିଛି ପ୍ରିୟା ମୋ
ଚୁପି ଚୁପି କଥା ଶୁଭୁନି ଆଉ
ବାହୁ ବନ୍ଧନରେ କାହାକୁ ଛନ୍ଦିବି
କା' ଓଠରୁ ଚୋରି କରିବି ମହୁ ।।
ଜଗି ବସିଛି ମୁଁ ଅଗଣାରେ ମୋର
ପଡିବ ବୋଲି ପ୍ରିୟା ପଦ ଚିହ୍ନ
ସବୁ ନିଦ ମୋର ଚୋରେଇ ନେଇଛି
ଚୋରା ଫଗୁଣରେ ଫୁଲେଇ ସ୍ୱପ୍ନ ।।
କଥା ଦେଇଛି ମୁଁ ଭୁଲିପାରିବିନି
ଭୁଲିଲେ ଭୁଲିବି ଆଉ କାହାକୁ
ଆପଣାର ଭାବି ଭଲ ମୁଁ ପାଉଛି
ଭଲ ପାଉଥିବି କାଳ କାଳକୁ ।।

ପଳାସପଲ୍ଲୀ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କରିବା ସାଧୁସଙ୍ଗତ



ଅମରନାଥ ବାରିକ

କୁସଙ୍ଗ ହେବନି ଜୀବନରେ କେବେ
ହେବନି କୁପଥଗାମୀ
କହିବନି କେବେ ମିଥ୍ୟା କଥା ବାବୁ
ଦେଖୁଛନ୍ତି ଅନ୍ତର୍ଯ୍ୟାମୀ ।

କୁସଙ୍ଗରେ ଅଛି କୁଶିକ୍ଷା କୁକର୍ମ
କୁପଥରେ କଣ୍ଟା ଲହୁ
ମିଥ୍ୟା ବଚନରେ କେବଳ ଆଘାତ
ପାଇବନି କେବେ ମହୁ ।

ଛାଡିଣ କୁସଙ୍ଗ କର ସାଧୁ ସଙ୍ଗ
ହୋଇବ ଅମୃତ ତୁଲ୍ୟ
ଜୀବନ ହୋଇବ ସାର୍ଥକ ସଫଳ
ପାଇବ ତାହାର ମୂଲ୍ୟ ।

କୁସଙ୍ଗତ ସିନା ମିଳଇ ସହଜେ
କଷ୍ଟସାଧ୍ୟେ ମିଳେ ସାଧୁ
ଅବାଟରେ ଯିବା ସହଜ ଉପାୟ
ବାଟେ ଯାଅ ପଛେ ବାଧୁ ।

ଆଚରଣ ତେବେ ଜଣାପଡ଼ିଥାଏ
ସଙ୍ଗତ କେମିତି କା'ର
ଦାମୀ ବସ୍ତ୍ର ଦେହେ ଆବରଣ କଲେ
ଲୁଚେ ନାହିଁ କୁସଂସ୍କାର ।

ସଂସ୍କାର ସଂସ୍କୃତି ଆମ ପରମ୍ପରା
ଭୁଲିବନି ତାକୁ କେବେ
ସଙ୍ଗତ ସର୍ବଦା ରଖିବ ଏମିତି
ଆଦର କରିବେ ସର୍ବେ ।

କଯ୍ଯାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦାଦନ୍



ହେମନ୍ତ ପଧାନ

ବୁଆ କହୁଛେ ପୁଓ କେ
ପଢ଼ିଥା ରେ ପୁତା ଟିକେ ପାଠ୍ , ସାଠ୍

ପାଠ୍ ପଢା କେ ତୁଇ ଯଦି
କଧିର୍ ବୁ ବେଳେ

ଜାଣି ଥାରେ ପୁତା ଧର୍ ବୁ ତୁ ନଙ୍ଗଲ୍, କୁଏଁଟ୍
କର ବୁ ତୁଇ ଖାଲି  ଚାଷ,

ପୁଓ କହୁଛେ ବୁଆକେ
ଛୁଆ ଥିଲା ବେଳେକହିଥିଲୁ ଗୋ ବା

ପଢିଥା ରେ ପୁତା ପାଠ

ପାଠ ପଢି, ବିଏ, ମୁଁଇ
ଆଜି ଧର୍ ଲି ନଙ୍ଗଲ୍, କୁଏଁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିଟ୍ କୁ ଛେଁ ଖାଲି ମାଏ ଟ୍

ପାଠ ପଢି ଥିଲି ବିଏ ଗୋ ବା
କର୍ ମି କାଇଁ ଗୁଟେ ଚାକିରି

ପାଠ ପଢା ତ ସବ୍ ମାଏଟ୍ ହେଇଗଲା

ଯେଭେ ନୁ ଗଲି ମୁଇଁ ତାମିଲ୍
ପର୍ ଦେଶ ସେ ରହି ଦାଦନ ଖଟଲି

ଅଭାବେ, ଦୁଃଖେ କଟେ ଆମର ଦିନ୍
ଚୁଲ୍ କେ ଯାଉ ସେ ପାଠ ପଢ଼ା ଗୋ ବା

ଗରିବ୍ ଘରେ ଜନମ ହେଇ ଥିଲେ
ଭାବନ୍ ଲୋକେ କେଥି ହିନ୍

ଗ୍ରାମ- କେନ୍ଦୁ ପାଲି, ଗଜବନ୍ଧ
ଜିଲ୍ଲା- ସୁବର୍ଣ୍ଣପୁର
ଭ୍ରାମ୍ୟଭାଷୀ : ୬୩୭୨୨୩୪୦୧୫୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଆଖିରେ ଲୁହ



ବିଜୟ କୁମାର ସାହୁ

(ଆମ ସମସ୍ତଙ୍କର ପ୍ରିୟ ମହାନ ଦେଶ ଭାରତବର୍ଷର ଏକ ଦୁଃଖଭରା କାହାଣୀକୁ ନେଇ ଏହି ଆଲେଖ୍ୟଟି)

ଜୟତି ଭାରତବର୍ଷଦେଶଃ
ଅମର-ବୀର-ଯଶସ୍ତୁମାନାମ,
ବଶ୍ୟକର-କଳ-କୁଙ୍କମାନାମ,
ସୁରଭିଭିର୍ଭୂଖଣ୍ଡମଖିଳ ।
ମୋହୟତି ମଦମୁଗ୍ଧବେଷ ।
ଜୟତି ଭାରତବର୍ଷଦେଶଃ ।

ଆଦରଣୀୟ ଯଶସ୍ୱୀ ପୁତ୍ର ଶ୍ରୀମାନ ମୋଦିଜୀ ମୁଁ ତୋର ମା ଭାରତ ବର୍ଷ (ଆର୍ଯ୍ୟଭୂମି) ଆଜି, ମୁଁ ମୋର ଅଙ୍ଗେ ନିଭେଇଥିବା ଜୀବନ ଯନ୍ତ୍ରଣାର ଇତିହାସ ବିଷୟରେ କିଛି କହିବାକୁ ଯାଉଛି । ଯାହା ମୁଁ କହିବାକୁ ଯାଉଛି ତାହା ଯେ, କେବଳ ତୋ ପାଇଁ ନୁହଁ ବରଂ ସମଗ୍ର ଭାରତୀୟ ସତ୍ତା ପାଇଁ, ଯେଉଁ ପୁତ୍ରମାନେ ମୋ ଦୁଃଖରେ ଦୁଃଖୀ ମୋ ସୁଖରେ ସୁଖୀ ହେଉଅଛନ୍ତି । ହଁ ଏକଥା ସତ ଯେ ମହାଭାରତ ଯୁଦ୍ଧଭୂମିରେ ଯେପରି ଭଗବାନ ଶ୍ରୀକୃଷ୍ଣ ସମଗ୍ର ମାନବ ଜାତିର ପ୍ରତିନିଧି ଭାବରେ କେବଳ ଅର୍ଜୁନଙ୍କୁ ନିର୍ବାଚିତ କରି ଗୀତା ଜ୍ଞାନ ଉପଦେଶ ପ୍ରଦାନ କରିଥିଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହିପରି ତୁ ଯେତେବେଳେ ମୋ ଧରାପୃଷ୍ଠରେ ଅବତରିତ ହୋଇ ସର୍ବୋଚ୍ଚ ଶାସକ ପଦ ଅଳଙ୍କୃତ କରିଅଛୁ ସେହି ନ୍ୟାୟରେ ତୋ ପାଖକୁ ଏହି ଭାବଭରା ପତ୍ରଟି ପ୍ରେରଣ କରୁଅଛି । ମୁଁ ଜାଣିଛି ତୁ ହେଉଅଛୁ ଏକମାତ୍ର ସଂସ୍କାରୀ ପୁରୁଷ ସେଥିପାଇଁ ତୋ ପ୍ରତି ମୋର ଅହେତୁକ ଭଲପାଇବା ରହିଛି ଏବଂ ବିଶ୍ୱାସ ମଧ୍ୟ ରହିଛି ମୋର ରୂପରେଖକୁ ତୁ ନୂତନ ଜୀବନ୍ୟାସ ଦେଇପାରିବୁ ।

-୨-

ମୋର ପ୍ରିୟ ପୁତ୍ର ମୋଦି ! ତୁ ଜାଣିଥିବୁ ମୋ କୋଳରେ ଜନ୍ମଲାଭ କରିବା ପାଇଁ ଦେବତାମାନେ ମଧ୍ୟ ଲାଳାୟିତ ହୋଇଥାନ୍ତି । ମୋର ସୃଷ୍ଟି ହେଲା ଦିନଠାରୁ କାହିଁ କେତେ ଯେ ମୁନିଋଷି ସମେତ ଅବତାରୀ ପୁରୁଷମାନେ ଜନ୍ମଲାଭ କରି ମୋ ଧରାପୃଷ୍ଠକୁ ସାର୍ଥକ କରି ଆସିଅଛନ୍ତି । ସବୁଠାରୁ ବଡ କଥା ହେଲା ଭଗବାନ ମୋ ପୃଷ୍ଠରେ ହିଁ ଧରାବତରଣ କରିବାକୁ ଅଙ୍ଗୀକାରବଦ୍ଧ । ଏଇଠି ଅର୍ଥାତ ମୋ ଧରାପୃଷ୍ଠରେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ନାନକ, ତୁଳସୀ, କବୀର, ଚାଣକ୍ୟ ଆଦି ଅନେକ ସୁପୁତ୍ରମାନେ ଜନ୍ମଲାଭ କରି ମୋତେ ସମଗ୍ର ସଂସାରରେ ମହିମାମଣ୍ଡିତ କରିଅଛନ୍ତି ତଥା ଅସୁମାରି ସୁଖ ଏବଂ ଆନନ୍ଦ ପ୍ରଦାନ କରି ଆସିଅଛନ୍ତି ।

କିନ୍ତୁ ଘଟଣାଟା ଏହିପରି । ମୁଁ ସେହି ଦିନଠାରୁ ଲାଞ୍ଛିତା, ଅପମାନିତା, ଅବହେଳିତା, ଅତ୍ୟାଚାରିତା ହୋଇ କ୍ରନ୍ଦନ କରୁଅଛି । ଯେତେବେଳେ ମୁଁ ଧେନୁଟିଏ ହୋଇ ଆନନ୍ଦରେ ଖେଳକୁଦ କରୁଥିଲି । ମୋ ଆଶ୍ରିତ ସକଳ ସନ୍ତାନମାନଙ୍କୁ ମୋ ସ୍ତନରୁ କ୍ଷୀରପାନ କରାଉଥିଲି । ଦିନେ କଳି ମହାରାଜ ଆସି ମୋତେ ଅତ୍ୟାଚାରିତ କରିବାକୁ ଲାଗିଲା । ମୋର ତିନିଟି ଗୋଡ ଭାଙ୍ଗିଦେଲା । ଗୋଟିଏ ଗୋଡରେ ଠିଆ ହୋଇ କ୍ରନ୍ଦନ କରିବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଗିଲି । ବିକଳରେ ରକ୍ଷାକର ରକ୍ଷାକର ବୋଲି କେତେ ମୁଁ ଡାକିଲି । ମୋର ଆର୍ତ୍ତ ଚିତ୍କାର ଶୁଣି ମଧ୍ୟମ ପାଣ୍ଡବ ଅର୍ଜ୍ଜୁନଙ୍କ ପୌତ୍ର ମହାରାଜ ପରୀକ୍ଷିତ ଆବିର୍ଭାବ ହୋଇ ମୋତେ ରକ୍ଷା ତ କଲେ, କିନ୍ତୁ କପଟାଚାରୀ କଳି ମହାରାଜ ପରୀକ୍ଷିତଙ୍କଠାରୁ ନାରୀ, ମଦିରା, ଜୁଆ ଏବଂ ସ୍ୱର୍ଣ୍ଣ ଏହି ଚାରୋଟି ସ୍ଥାନରେ ରହିବାକୁ ଅନୁମତି ନେଇଗଲା । ଏମିତି କେତେକାଳ ଅତିବାହିତ ହୋଇଗଲା । ମହାରାଜ ପରୀକ୍ଷିତ ପରେ ଯେଉଁ ଶାସକଗଣ ଆସିଲେ ସେମାନେ ବିଭିନ୍ନ ଉପାୟରେ ମୋତେ ଅତ୍ୟାଚାରିତ କରିବାକୁ ଲାଗିଲେ ।

ଯାଦବବଂଶୀ ମଦିରା (କାଦମ୍ବରୀ ରସ) ପାନ କରି ପରସ୍ପର ଭିତରେ ଯୁଦ୍ଧ କରି ରାଜ୍ୟ ବିସ୍ତାର କରିବା ଆଶାରେ ନିହତ ହେଲେ । ପାଣ୍ଡବମାନଙ୍କର ମାମୁଁ ଶଲ୍ୟ ରାଜାଙ୍କୁ କପଟାଚାରୀ ଦୁର୍ଯ୍ୟୋଧନ ଯେପରି ନିଜ ପକ୍ଷକୁ ନେଇଯାଇଥିଲା ସେହିପରି ଭାବରେ ବିଶ୍ୱାସଘାତକ ଜୟଚନ୍ଦ୍ର ମୋଗଲ ଶାସକଙ୍କୁ ଆମନ୍ତ୍ରିତ କରି ଆଣିଲା । ମୋ କନ୍ୟାରତ୍ନ ସଂଯୁକ୍ତା ବିଧବା ହେବା ସଙ୍ଗେ ସଙ୍ଗେ ବଳଶାଳୀ ତେଜୋଦୀପ୍ତ ପୁତ୍ର ପୃଥ୍ୱୀରାଜ ଚୌହାନଙ୍କୁ ହରାଇ ବସିଲି ।

-୩-

୧୪୯୮ ମସିହାରେ ପର୍ତ୍ତୁଗାଲ ଦେଶର ନାବିକ ଭାସ୍କୋଡୋଗାମା ମୋ ଦେଶକୁ ଜଳପଥ ଆବିଷ୍କାର କରିବାପରେ ପାଶ୍ଚାତ ଦେଶରୁ ଅନେକ ବ୍ୟକ୍ତି ଆସିବାକୁ ଲାଗିଲେ । ବାଣିଜ୍ୟ କରିବା ବାହାନାରେ ମୋ ଉପରେ ପର୍ତ୍ତୁଗୀଜ, ଫରାସୀ, ଇଂରେଜ, ଓଲନ୍ଦାଜ, ଦିନାମାର ମାନେ ଦାଉ ସାଧିଲେ । ପ୍ରକାରାନ୍ତରେ ସେହି ଦିନଠାରୁ ମୁଁ ପରାଧୀନ ହୋଇଗଲି । ମୋ ସନ୍ତାନମାନଙ୍କ ମଧ୍ୟରୁ ଶଙ୍କର, କବୀର, ନାନକ, ଶ୍ରୀଚୈତନ୍ୟ, ତୁକାରାମ, ମୀରାବାଈ, ତୁଳସୀଦାସ, ଅରବିନ୍ଦ, ବିବେକାନନ୍ଦ ଭଳି ଜ୍ଞାନୀ ପୁତ୍ରମାନେ ମୋତେ ଆଶ୍ୱାସନା ଦିଅନ୍ତି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋ ପଣତକାନୀରେ ଲୁହ ପୋଛିଦିଅନ୍ତି । ପଠାଣ ରାଜା ଔରଙ୍ଗଦେବ ମୋର ବୀର ପୁତ୍ର ତେଗବାହାଦୁରକୁ ହତ୍ୟା କଲା । ଅମିତ ବିକ୍ରମଶାଳୀ ଛତ୍ରପତି ଶିବାଜୀ, ନାନାସାହେବ, ତାନ୍ତିଆଟୋପେ, କନଜ୍ଞାର ସିଂହ, ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମୀବାଈ ନିଜର ଜୀବନ ଆହୁତି ଦେଲେ ।

ପାରସ୍ୟର ସମ୍ରାଟ ନାଦିରଶାହ ୧୭୩୯ ମସିହାରେ ଇନ୍ଦ୍ରପ୍ରସ୍ଥର ମୟୂର ସିଂହାସନ ଏବଂ କୋହିନୁର ହୀରା ସମେତ ପ୍ରାୟ ୫୦ କୋଟି ସମ୍ପଦର ଧନରତ୍ନ ଲୁଣ୍ଠନ କରିନେଇଗଲା । ମୋର ପ୍ରିୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅନେକ ଦୁର୍ମୁଲ୍ୟ ଜ୍ଞାନ ଭଣ୍ଡାରକୁ ଜାଳିପୋଡି ଧ୍ୱଂସ କରିଦିଆଗଲା । ମୋର ଆର୍ଯ୍ୟ ପୁତ୍ରମାନଙ୍କୁ ଜୋର ଜବରଦସ୍ତି ଧର୍ମାନ୍ତରୀକରଣ କରିଦିଆଗଲା । କ୍ରୂର ଶାସକ ମାମୁଦ ସୋମନାଥ ମନ୍ଦିର ସମେତ ହଜାର ହଜାର ହିନ୍ଦୁ ମନ୍ଦିର ଗୁଡିକୁ ଧ୍ୱଂସ କରି ତା ମଧ୍ୟରେ ଥିବା ସ୍ୱର୍ଣ୍ଣାଦି ଅମୂଲ୍ୟ ସମ୍ପଦ ଚୋରୀ କରିନେଇଗଲା । ବଡ ପରିତାପର ବିଷୟ ମୋ କୋଳରୁ ଜନ୍ମିତ କଳାପାହାଡ ମୁସଲମାନ କନ୍ୟାକୁ ବିବାହ କରି ଓଡିଶାର ଅନେକ ମନ୍ଦିରମାନ ଭାଙ୍ଗି ଚୁରମାର କରିଦେଲା । ବର୍ବର ଇଂରେଜ ଶାସକ ୧୯୧୯ ମସିହାରେ ଅପ୍ରେଲ ୧୩ ତାରିଖ ଦିନ ଜାଲିଆନବାଗଠାରେ ମୋର ନିରୀହ ସନ୍ତାନମାନଙ୍କୁ ଆଖିବୁଜା ଗୁଳି କରି ହତ୍ୟା କଲା । ସେହି କରୁଣ ଦୃଶ୍ୟ ଏବେ ବି ମୋର ହୃଦୟକୁ ଆନ୍ଦୋଳିତ କରୁଅଛି । ପରେ ଅବଶ୍ୟ ସେହି ଜଘନ୍ୟ ଗଣ ଅପରାଧର ପ୍ରତିଶୋଧ ନେବାକୁ ଯାଇ ଉଦ୍ଧାମ ସିଂହ ଜେନେରାଲ ଡାୟାରକୁ ହତ୍ୟା କରି ଶହୀଦ ହୋଇଗଲା । ସେଦିନ ମୋ ଛାତି ଆନନ୍ଦରେ ଫୁଲିଯାଇଥିଲା । ମୁଁ ତା ପାଇଁ ଗର୍ବିତ ହୋଇଥିଲି ।

ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର, ରାଜା ରାମମୋହନ ରାୟ, ଦୟାନନ୍ଦ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରାମକୃଷ୍ଣ, ବିବେକାନନ୍ଦ, ସୁରେନ୍ଦ୍ରନାଥ ବାନାର୍ଜୀ, ମହାଦେବ ଗୋବିନ୍ଦ ରଣାଡ଼େ, ଗୋପାଳକୃଷ୍ଣ ଗୋଖେଲ, ବାଲ ଗଙ୍ଗାଧର ତିଳକ, ଲାଲ ଲାଜପତ ରାୟ, ବିପିନ ଚନ୍ଦ୍ର ପାଲ, ମଦନ ମୋହନ ମାଲବ୍ୟ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ, ଗୋପବନ୍ଧୁ ଦାସ ଆଦି ସୁଯୋଗ୍ୟ ସନ୍ତାନ ମୋତେ ପରାଧୀନତାରୁ ମୁକ୍ତ କରିବା ପାଇଁ ଅହିଂସା ଅସ୍ତ୍ର ଧାରଣ କରି ସଂଗ୍ରାମ କଲେ ।

-୪-

ଏହି ସଂଗ୍ରାମରେ କେତେ ଯେ ସନ୍ତାନଗଣଙ୍କୁ ମୁଁ ହରାଇ ବସିଲି ସେ କଥା ଭବିଲାବେଳକୁ ହୃଦୟ ମୋର ବିଦୀର୍ଣ୍ଣ ହୋଇଯାଏ । ଭଗତ ସିଂହ, ଶୁକଦେବ, ଜୟୀ ରାଜଗୁରୁ, ଲକ୍ଷ୍ମଣ ନାଏକ ଭଳି ସାହସୀ ପୁତ୍ରମାନଙ୍କୁ ବର୍ବର ଇଂରେଜ ଶାସକ ଫାଶୀଖୁଣ୍ଟରେ ଝୁଲାଇଦେଲା । ସେ ଘଟଣା ମୁଁ ମୋର ସ୍ୱଚକ୍ଷୁରେ ଦେଖିଛି । ସେମାନଙ୍କ ରକ୍ତରେ ମୋ ପିନ୍ଧିବା ବସନ ରକ୍ତରଞ୍ଜିତ ହୋଇଗଲା । ମୋର ମସ୍ତକର କେଶଗୁଚ୍ଛ ମୁକୁଳିତ କରିଦେଲି । ଅସହ୍ୟ ବେଦନାରେ ନିଜର କୋହକୁ ଛାତି ଭିତରେ ଚାପିରଖି ଭଗବାନଙ୍କୁ ପ୍ରାର୍ଥନା କଲି ହେ ଭଗବାନ ! ମୋତେ ଅତ୍ୟାଚାରିତ ପାଶ୍ଚାତ୍ୟ ଶାସକଠାରୁ ରକ୍ଷାକର ।

ମୋର ବୀର ପୁତ୍ର ସୁଭାଷଚନ୍ଦ୍ର ବୋଷ ଭୀଷ୍ମ ପ୍ରତିଜ୍ଞା କରି ମୋତେ ସ୍ୱାଧୀନ କରିବାକୁ ଯାଇ ଦିଲ୍ଲୀ ନିକଟବର୍ତ୍ତୀ ହୋଇଥିଲା । ସେ କହୁଥିଲା ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ପ୍ରଦାନ କରିବି । ହାୟ! ହାୟ! ସେହି ବୀର ପୁତ୍ର ମୋର କେଉଁଆଡେ ନିଖୋଜ ଯେ ହୋଇଗଲା ତାହାର ପତ୍ତା ମିଳିଲା ନାହିଁ । କୁଆଡେ କୁହାଯାଉଛି ସେ ଆକାଶ ମାର୍ଗରେ ମୃତ୍ୟୁ ବରଣ କଲା କିନ୍ତୁ ତାହା ମୁଁ କେବେବି ବିଶ୍ୱାସ କରିବି ନାହିଁ । ପରିଶେଷରେ ମୋର ଭଦ୍ର ଓ ସାହସୀ ପୁତ୍ରମାନଙ୍କ ପରିଶ୍ରମ ଏବଂ ଲହୁଲୁହ ବଦଳରେ ମୁଁ ପରାଧୀନତାରୁ ମୁକ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲି । ମୋର ଅଖଣ୍ଡ ସାମ୍ରାଜ୍ୟ ବିଖଣ୍ଡିତ ହୋଇ ପାକିସ୍ଥାନ ଏବଂ ଭାରତ ଦୁଇ ଭାଗରେ ବିଭକ୍ତ ହୋଇଗଲା । ସବୁଠାରୁ ବିଡମ୍ବନା ବିଷୟ ଯା ଥିଲା ଯେ; ପାକିସ୍ଥାନ ସର୍ବ ପ୍ରଥମେ ସ୍ୱାଧୀନତା ଲାଭ କଲା ଏବଂ ମୁଁ ପରଦିନ ଅର୍ଥାତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ମଧ୍ୟ ରାତ୍ରିରେ ଏକ ଜର୍ଜ୍ଜରିତ ଅବସ୍ଥାରେ ପ୍ରକାଶିତ ହେଲି । କିନ୍ତୁ ପରିତାପର ବିଷୟ ମୋ ଅଖଣ୍ଡତାକୁ ଇଂରେଜ ଶାସକ କୂଟକପଟ କରି ଖଣ୍ଡବିଖଣ୍ଡିତ କରିଦେଲା । ଏହି ବିଭାଜନରେ ମୁଖ୍ୟ କାର୍ପଟଦାର ଥିଲା ଜିନ୍ନା । ମୋ ଗୁଣବନ୍ତ ପୁତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିଲା । ଏପରିକି ସେ ତତ୍କାଳୀନ କଂଗ୍ରେସର ମତ ସହିତ ଏକମତ ହୋଇନଥିଲା । କିନ୍ତୁ ହାୟ! ମୋତେ ଧର୍ମନିରପେକ୍ଷ ଦେଶ ଭାବରେ ଚିତ୍ରଣ କରାଗଲା । ପଟେଲକୁ ପ୍ରଧାନମନ୍ତ୍ରୀ ନ କରି ଜବାହାରଲାଲକୁ ଦିଲ୍ଲୀ ରାଜ ସିଂହାସନରେ ଅଭିଷିକ୍ତ କରାଗଲା । କିନ୍ତୁ ମୁଁ ସେଥିରେ ସୁଖୀ ନଥିଲି । ମୋ ପୁତ୍ର ପଟେଲ ଯଦି ପ୍ରଧାନମନ୍ତ୍ରୀ ହୋଇଥାନ୍ତା ତେବେ ହୁଏତ ଆଜି ମୋର ଏପରି ଦୟନୀୟ ଦଶା ହୋଇନଥାନ୍ତା । ସେହିପରି ମୋର ଅନ୍ୟ ଜଣେ ପୁତ୍ର ଲାଲବାହାଦୁର ଶାସ୍ତ୍ରୀର ମୃତ୍ୟୁ ମୋତେ ଯେତିକି ଆଶ୍ଚର୍ଯ୍ୟଚକିତ କରୁଛି ସେତିକି ସନ୍ଦେହ ମଧ୍ୟ କରୁଛି । ସେ ସତରେ କ'ଣ ସ୍ୱର୍ଗଲାଭ କଲା ନା ତାକୁ ମାରିଦିଆଗଲା ତାହା ଏବେ ବି ସନ୍ଦେହଘେରରେ ।

-୪-

ସ୍ୱାଧୀନତା ପରେ ତଥାପି ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କାଶ୍ମୀରରେ ୩୭୦ ଧାରାର ତୁଷ୍ଟିକରଣ ନୀତି ଅବଲମ୍ବନ କରାଗଲା । ଯଦ୍ୱାରା ମୁସଲମାନ ବହୁଳ ରାଜ୍ୟରେ ହିନ୍ଦୁମାନେ ସଂଖ୍ୟାଲଘୁ ହୋଇ ନାନାଦି କଷଣ ପାଇଲେ । ଏପରିକି ୧୯୯୦ ମସିହାରେ ହିନ୍ଦୁ ପଣ୍ଡିତମାନଙ୍କ ଉପରେ ଯେଉଁ ପ୍ରକାର ବର୍ବର ଏବଂ ଅମାନୁଷିକତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦମନଲୀଳା ମୌଳିବାଦୀ ମୁସଲମାନମାନଙ୍କ ତରଫରୁ କରାଗଲା ତାହା ମୋ ମାତୃ ହୃଦୟକୁ ଦୁଃଖରେ ବିଗଳିତ କରିଦେଲା । ମୋ ଛାତି ଫାଟିପଡୁଥାଏ । ଭୂସ୍ୱର୍ଗ କାଶ୍ମୀରରୁ ବାଛି ବାଛି ହିନ୍ଦୁ ପଣ୍ଡିତମାନଙ୍କୁ ବିତାଡିତ କରିଦିଆଗଲା ଏବଂ ମୋର ଅତି ଆଦରର ହିନ୍ଦୁ ସୁନ୍ଦରୀ କନ୍ୟାମାନଙ୍କର ଇଜ୍ଜତ ଲୁଣ୍ଠନ କରାଗଲା । କ୍ଷମତା ଲୋଭରେ ତତକାଳୀନ ସରକାର ନୀରବ ଦ୍ରଷ୍ଟା ହୋଇ ଏ ପ୍ରକାର ବର୍ବର କାର୍ଯ୍ୟକଳାପକୁ କେବଳ ଦେଖି ଚାଲିଲେ ଦେଖି ଚାଲିଲେ । ମୋର ସନାତନ ସଂସ୍କୃତିକୁ କଦର୍ଥ କରିଦିଆଗଲା । ଭାରତୀୟ ଜାତୀୟତା ବିପନ୍ନ ହୋଇଗଲା । ଶିକ୍ଷାନୀତିକୁ ଏଭଳି ଭାବରେ ପ୍ରଚଳିତ କରାଗଲା ଯେ ନୈତିକତା ସେଥିରେ ରହିଲା ନାହିଁ କି ମୋର ଅତୀତ ସନାତନ ସଂସ୍କୃତି ଉପରେ ସମ୍ୟକ ଦର୍ଶନର ଆଲୋକପାତ କରାଗଲା ନାହିଁ । ଆଜି ହୁଏତ ଗାନ୍ଧୀ ବଞ୍ଚିଥିଲେ ସେ ଦେଖିଥାନ୍ତେ ତା'ର ରାମରାଜ୍ୟ ପରିକଳ୍ପନା କେମିତି ଭାଙ୍ଗିଚୁରମାର ହୋଇଯାଇଛି ।

କିନ୍ତୁ ହାୟ ! ମୋ ଜନ୍ମିତ ସନ୍ତାନମାନଙ୍କର ଲୁହ ନୁହେଁ ବରଂ ରକ୍ତ ବଦଳରେ ମୋଗଲ ସମ୍ରାଟମାନଙ୍କଠାରୁ ଏବଂ ଇଂରେଜଶାସକଠାରୁ ମୁକ୍ତି ପାଇଲି ସିନା ସେତିକିରେ ମୋର ଦୁଃଖ ସରିଲା ନାହିଁ । ଭାବିଥିଲି ମୋ ସନ୍ତାନମାନେ ମୋତେ ଅପରୂପା ସୌନ୍ଦର୍ଯ୍ୟମୟୀ ଭାବରେ ସଜାଇ ରତ୍ନ ସିଂହାସନ ଉପରେ ବସାଇ ପୂଜା କରିବେ । ହେଲେ ତାହା ହେଲା ନାହିଁ । ଶାସନ ଗାଦିରେ ବସି ମୋର ସନ୍ତାନଗଣ ନାନା ପ୍ରକାର ପଞ୍ଚବାର୍ଷିକ ଯୋଜନା ପରେ ଯୋଜନା ରୂପାୟନ କଲେ ସିନା ତାଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ଭିନ୍ନ ଥିଲା । ବିକ୍ରମାଦିତ୍ୟ, ଅଶୋକ, ଶିବାଜୀ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ରାଣା ପ୍ରତାପ ସିଂହ, କପିଳେନ୍ଦ୍ର ଦେବ, ସଦୃଶ ଶାସକ ନା ଚାଣକ୍ୟ ପରି ମନ୍ତ୍ରୀ ରହିଲେ । ଭୋଟ ଲୋଭରେ ସ୍ୱାଧୀନତା ପରବର୍ତ୍ତୀ ସମ୍ରାଟମାନେ ଅଳ୍ପ ସଂଖ୍ୟକ ଲୋକମାନଙ୍କୁ କ୍ଷୟ ମାର୍ଗରେ ଗତି କରିବା ନିମିତ୍ତ ବାଧ୍ୟ କରୁଅଛନ୍ତି । ମୋ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଳରେ ଜନ୍ମିତ ସମସ୍ତ ସନ୍ତାନମାନେ ପ୍ରଥମେ ମୁଁ ଭାରତୀୟ ବୋଲି ଗର୍ବ କରୁନାହାଁନ୍ତି ବରଂ ଶ୍ରେଣୀବାଦ, ଜାତିବାଦ, ଭାଷାବାଦ, ଆଞ୍ଚଳିକବାଦର ନାରା ଦେଇ ପରସ୍ପର ଘୃଣା ଓ ବିଦ୍ୱେଷ ବପନ କରିବାରେ କୁଣ୍ଠିତ ହେଉନାହାଁନ୍ତି । ଯାହା ମୋର ମାତୃ ହୃଦୟକୁ ଖିନଭିନ କରିଦେଉଅଛନ୍ତି । ରାଜନୀତିରେ ଲିପ୍ତ ଭୋଟ ଭୋକିଲା ନେତାମାନେ ପ୍ରତି ପାଞ୍ଚ ବର୍ଷରେ ଗରିବ ନିଃସହାୟ ମୋ ସନ୍ତାନମାନଙ୍କର ଚରଣ ଚୁମ୍ବନ କରିଥାନ୍ତି କେବଳ କ୍ଷମତାଭୋଗ କରିବାପାଇଁ । ରାଜା ହୋଇଗଲେ କିମ୍ବା ମନ୍ତ୍ରୀ ହୋଇଗଲାପରେ ଲୋକମାନଙ୍କୁ ଶୋଷଣ କରନ୍ତି । ଏହା କି ପ୍ରକାର ସ୍ୱାଧୀନତା କେଜାଣି ?

-୬-

ମୁଁ ଦେଖୁଛି କିଏ କେତେ ପ୍ରକାରେ ଧନୀରୁ ଧନବାନ ହେବେ ତା'ର ପ୍ରତିଯୋଗିତା ଚାଲିଛି । ନ୍ୟାୟ ଆଖିରେ ଯଦି କିଏ ବା କେତେବେଳେ ଧରାପଡିଲା ତେବେ ସେଥିରୁ ମୁକ୍ତି ପାଇବା ପାଇଁ ନାନପ୍ରକାର କଳକୌଶଳ ଅବଲମ୍ବନ କରି କୌଣସି ନା କୌଣସି ଛିଦ୍ର ଦେଇ ବାହାରି ଯାଉଅଛନ୍ତି । ସତରେ ଆଇନଟା ଅନ୍ଧ ନଚେତ ନିକିତି ଧରି ଆଖିରେ ଅନ୍ଧୁ ପୁଟୁଳି ମାରି ସେ ନ୍ୟାୟ ପ୍ରଦାନ କରୁନଥାନ୍ତା, ହୋଇପାରେ ତାହା ହେଉଛି ତା'ର ନିରପେକ୍ଷତା, ସେଥିରେ ମୋର କହିବାର ନାହିଁ । ନ୍ୟାୟପାଳିକାରେ ମୋର ପୁତ୍ରମାନେ ହିଁ ତ ନ୍ୟାୟ ପ୍ରଦାନ କରିଥାନ୍ତି ନା ।

ଜମି, ଜଳ, ଜଙ୍ଗଲ, ଖଣିଜ ସମ୍ପଦକୁ ସ୍ୱେଚ୍ଛାଚାର ଭାବରେ ଲୁଣ୍ଠନ କରୁଅଛନ୍ତି । ମୋ ବକ୍ଷରେ ପ୍ରବାହିତ କ୍ଷୀରସାଗରରେ ବିଷ ମିଶାଇ ଦେଉଅଛନ୍ତି । ରତ୍ନପ୍ରସୂ ମହୋଦଧି ଆଜି ଉଦବେଳିତ । କୁଆଡେ ମୋତେ କହୁଅଛନ୍ତି ମା ଦୁଃଖ କରନାହିଁ । ତୋ ସନ୍ତାନମାନଙ୍କୁ ସୁଖୀ କରିବାକୁ ହେଲେ ତୋତେ ଏସବୁ ସହିବାକୁ ହେବ । ତୁ ପରା ଜନ୍ମଦାତ୍ରୀ । ମୁଁ କୁଆଡେ ଯୁଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିୟମାନୁସାରେ ବୁଢୀ ହୋଇଗଲିଣି । ମୋ ପୃଷ୍ଠରେ ପାରିସ୍ଥିତିକ ସନ୍ତୁଳନ ରକ୍ଷା ନିମନ୍ତେ ପ୍ରାଣୀ ଓ ଉଦ୍ଭିଦ ଜଗତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୈବ ବିବିଧତାର ସୁରକ୍ଷା ମୋର ମଧ୍ୟ ସୁରକ୍ଷା ।

ସ୍ୱଚ୍ଛ ଭାରତ ସୁସ୍ଥ ଭାରତ କେବଳ କହିଲେ ହେବନାହିଁ ବରଂ ଆମର ମାନସିକତାକୁ ମଧ୍ୟ ସ୍ୱଚ୍ଛ କରିବାକୁ ହେବ ତେବେ ଯାଇ ମୋର ବିକାଶ ହେବ । କଳକାରଖାନା ଓ ସହରର ବିସ୍ତାର, ଗାଡି ମଟର ଚଳାଚଳ, ରାସାୟନିକ ସାର, କୀଟନାଶକ ଦ୍ରବ୍ୟର ବ୍ୟାପକ ବ୍ୟବହାର, ତାପଜ ବିଦ୍ୟୁତ, ବାୟୁ ପ୍ରଦୂଷଣ, ଗନ୍ଧକ, ନାଇଟ୍ରୋଜେନଅକ୍ସାଇଡ, କାର୍ବନ ମନୋକସାଇଡ୍, ସୀସା ଏବଂ ଅଧୁନା ବିଭିନ୍ନ ପ୍ରକାର ଇଲେକ୍ଟ୍ରୋନିକ ବସ୍ତୁର ବ୍ୟବହାର ଏସବୁ ବସ୍ତୁ ମୋତେ ଅସହ୍ୟ ଦୁଃଖ ଓ ଯନ୍ତ୍ରଣା ଦେଉଅଛନ୍ତି । ମୋଟାମୋଟି କହିବାକୁ ଗଲେ ମୋର ପୁତ୍ରମାନେ ଆଧୁନିକ ବିଜ୍ଞାନକୁ ନେଇ ଗର୍ବ କରୁଅଛନ୍ତି ଏବଂ ତଦନୁରୂପ ଚଳଣି ମଧ୍ୟ କରୁଅଛନ୍ତି । ମୋତେ ଧରିରଖିଥିବା ଅନନ୍ତ ନାଗ ମଝିରେ ମଝିରେ ସମ୍ଭାଳି ନପାରି ତା ସହସ୍ର ମୁଖରୁ ଗରଳ ଉଦଗାର କରେ । ସେହି ବିଷଜ୍ୱାଳାରୁ ଭୂମିକମ୍ପ, ମହାବାତ୍ୟା, ମରୁଡି, ସୁନାମୀ, କରୋନା ଭଳି ବିପର୍ଯ୍ୟୟ ସୃଷ୍ଟି ହୋଇ ଜନଜୀବନ ଅସ୍ତବ୍ୟସ୍ତ ହେଉଥିଲେ ସୁଦ୍ଧା ମୋ ଅଂହକାରୀ ପୁତ୍ରମାନେ ସତର୍କ ହେଉନାହାଁନ୍ତି । ପାଣି, ପବନ ଓ ଅଗ୍ନିର ସ୍ୱଭାବ ଏବଂ ସ୍ୱରୂପ କ'ଣ ଆଜିର ବୈଜ୍ଞାନିକ ପୁତ୍ରମାନେ ଜାଣିବି ଅଜଣା । ମୋ ପୁତ୍ର ସନ୍ଥ ତୁଳସୀ ଦାସ କହିଥିଲା – ଜଡ ଚେତନ ସମଗ୍ର ଜଗତ ଯେଣୁ ବ୍ରହ୍ମମୟ ଜାଣିଛି । ତେଣୁ ସବୁରି ପାଦପଦ୍ମକୁ ମୁଁ ଦୁଇ ହାତ ଯୋଡି ପ୍ରଣାମ କରୁଛି । "ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥

-୭-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପୁତ୍ରମାନଙ୍କ ମଧ୍ୟରୁ ଆଦି ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟ, ତୁଲସୀ, ବିବେକାନନ୍ଦ, ଅରବିନ୍ଦ, ରାମକୃଷ୍ଣ, ଶିବାନନ୍ଦ ଆଦି ଋଷିମାନେ କେବଳ ତତ୍କାଳ ସ୍ୱାର୍ଥକୁ ନେଇ ନୁହେଁ ବରଂ ଚିରନ୍ତନ ମୂଲ୍ୟବୋଧରେ ଜାତିର ଅନ୍ତରାତ୍ମାକୁ ଦିବ୍ୟ ମନ୍ତ୍ର ଓ ସଂସ୍କୃତି ଦ୍ୱାରା ଅଭିମନ୍ତ୍ରିତ କରି ବିଶ୍ୱ ଜୀବନର ଆଶା ଓ ଆଲୋକର ଉତ୍ସ ପାଲଟି ଯାଇଅଛନ୍ତି । ସେମାନେ ଜାଣିଥିଲେ ମା'ର ହୃଦୟର ବ୍ୟଥାକୁ । ସେମାନେ ଏକଥା ବି ଜାଣିଥିଲେ ଭାରତ ମା'ର ପାଣି, ପବନ, ଆକାଶ, ସାଗର, ଜମି ଓ ଜଙ୍ଗଲର ସୁରକ୍ଷା, ଅଧ୍ୟାତ୍ମିକତା ବୈଭବର ସୁରକ୍ଷା, ସଂସ୍କୃତିର ସୁରକ୍ଷା, ସନାତନ ଧର୍ମର ସୁରକ୍ଷା, ପରିବେଶର ସୁରକ୍ଷା, ଗଣତନ୍ତ୍ରର ସୁରକ୍ଷା ସମଗ୍ର ବିଶ୍ୱ ପାଇଁ ଆବଶ୍ୟକ । 'ବସୁଧୈବ କୁଟୁମ୍ବକମ୍' । ବିଜ୍ଞାନ ନୁହଁ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ତଥା ସହନଶୀଳତା ଭ୍ରାତୃତ୍ୱବୋଧ ସଂହତିର ଏକ ମାତ୍ର ସଞ୍ଜିବନୀ । ରାମ ରାଜ୍ୟର ବାସ୍ତବ ରୂପାୟନରେ ମୁଁ ସୁଖୀ ହେବି ନଚେତ ଦୈତ୍ୟାକାର ଡାୟନାସୋର ଭଳି ମୋର ସନ୍ତାନମାନେ ବିଶ୍ୱ ମାନଚିତ୍ରରୁ ନିଜର ଅସ୍ତିତ୍ୱ ହରାଇବେ ।

ପୁତ୍ର ମୋଦୀ ! ତଥାକଥିତ ଶିକ୍ଷିତ ଓ ଶିକ୍ଷିତା ସନ୍ତାନଗଣ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାର କରି ପ୍ରାତଃ ବନ୍ଦନା କରିବା ପରିବର୍ତ୍ତେ ଅଶ୍ଳୀଳ ସଙ୍ଗୀତର ମୂର୍ଚ୍ଛନାରେ ତାଳ ଦେଇ କ୍ଲବମାନଙ୍କରେ ନୃତ୍ୟ ପରିବେଷଣ କରୁଅଛନ୍ତି । ସନ୍ଧ୍ୟା ସମୟରେ ଭାଗବତ ଗାଥା ଶୁଣିବାରୁ ମୁଁ ବଞ୍ଚିତ ହେଉଛି । ସାତ୍ତ୍ୱିକ ଭୋଜନ ପରିବର୍ତ୍ତେ ମୋ ସନ୍ତାନମାନେ ତାମସିକ ଭୋଜନ କରୁଅଛନ୍ତି । ମୋର ପୁଅ ଝିଅମାନେ ପରସ୍ପର ଯୌନ ତୃପ୍ତି ମେଣ୍ଟାଇବା ପାଇଁ ସ୍ୱଧର୍ମକୁ ଉପେକ୍ଷା କରୁଅଛନ୍ତି । ନାନା ପ୍ରକାର ଜଟିଳ ରୋଗ ଯଥା – ଫୁସଫୁସ ଜନିତ ରୋଗ, ହୃଦରୋଗ, ସ୍ନାୟୁବିକ ରୋଗ, ପେଟରୋଗ, ଚର୍ମରୋଗରେ ଏପରିକି ଜଣାନଥିବା କି ଶୁଣାନଥିବା ଜଟିଳ ରୋଗରେ ମୋ ସନ୍ତାନମାନେ ଆଜି ସନ୍ତୁଳିତ, ତଥାପି ସେମାନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଚେତନ ହେଉଥିବାର ମୁଁ ଦେଖୁନାହିଁ ।

ଆଧୁନିକ ନାରୀମାନେ ଷ୍ଟାଟସ ମେଣ୍ଟାଇବାକୁ ଯାଇ ଜୁଆ, ମଦ୍ୟ ସମେତ ପରପୁରୁଷ ସହିତ ମିଳିତ ହେଉଅଛନ୍ତି । ସବୁଠାରୁ ବଡ ବିଡମ୍ବନାର ବିଷୟ ଯେ, ମୋ ଦେଶରେ ତ ବେଶ୍ୟାଳୟମାନ ଖୋଲି ଏ ଦିଗରେ ବ୍ୟବସ୍ଥାମାନ କରାଗଲାଣି । ଯେଉଁ ଦେଶର ନାରୀମାନଙ୍କର ଲଜ୍ୟା ହିଁ ଭୂଷଣ ଥିଲା ସେହି ଦେଶରେ କତିପୟ ନାରୀଗଣ ଅଙ୍ଗ ପ୍ରଦର୍ଶନ କରି ବିଶ୍ୱସୁନ୍ଦରୀ ହେବାର ଗୌରବ ଅର୍ଜ୍ଜନ କରୁଅଛନ୍ତି । ଶୁଭପରିଣୟ ଉତ୍ସବରେ ଝିଅ ଜ୍ୱାଇଁ ସହିତ ଶାଶୁ ଏବଂ ଶଶୁର ଏକତ୍ର ନୃତ୍ୟ ପରିବେଷଣ କରୁଥିବାର ମୁଁ ଦେଖୁଅଛି । ବଣିକଗୋଷ୍ଠୀ ନାରୀଜାତିକୁ ଖୁଲମଖୁଲା ଭାବରେ ଅର୍ଦ୍ଧଲଗ୍ନ ପୋଷାକରେ ସଜ୍ଜିତ କରି ବିଜ୍ଞାପନ ମାଧ୍ୟମରେ ପ୍ରଚୁର ଅର୍ଥ ଉପାର୍ଜ୍ଜନ କରୁଥିବାର ମୁଁ ମଧ୍ୟ ଦେଖୁଅଛି । ଅତୀତର ଗାର୍ଗୀ, ମୈତ୍ରେୟୀ, ଅରୁନ୍ଧତୀ, ସୀତା, ସାବିତ୍ରୀ, କୁନ୍ତୀ ପରି କନ୍ୟା ଆଉ ଦେଖିବାକୁ ପାଉନାହିଁ ।

-୮-

ଧର୍ମ ଜଗତରେ ମଧ୍ୟ ବିଶୃଙ୍ଖଳତା ଦେଖାଯାଉଅଛି । ଧର୍ମ ଓ କର୍ମର ସଜ୍ଞାକୁ କଦର୍ଥ କରୁଥିବା ହାଇଟେକ ଧାର୍ମିକ ଗୁରୁମାନେ ବାନପ୍ରସ୍ଥ ଓ ସନ୍ନ୍ୟାସ ଆଶ୍ରମର ନୀତିନିୟମକୁ ଉଲଂଘନ କରି ସହରମାନଙ୍କରେ ନଭଶ୍ଚୁମ୍ବୀ ଶୀତତାପ ନିୟନ୍ତ୍ରିତ ପ୍ରାସାଦରେ ସବୁ ପ୍ରକାର ଭୌତିକ ସୁଖ ଆସ୍ୱାଦନ କରୁଅଛନ୍ତି । ରାବଣ ପରି ଛଦ୍ମ ସାଧୁମାନେ ଧର୍ମ ନାଁରେ ନାନା ପ୍ରକାର କୁକର୍ମ କରୁଅଛନ୍ତି, କିନ୍ତୁ ମୋର କେତେକ ପ୍ରଜ୍ଞାଚକ୍ଷୁ ସମ୍ପନ୍ନ ସାଧୁ ସନ୍ନ୍ୟାସୀ ଏବେ ବି ତପସ୍ୟା କରି ମୋର ମଙ୍ଗଳବିଧାନ କରୁଥିବାରୁ ମୁଁ ତିଷ୍ଠି ରହିଅଛି । ତପୋଭୂମି ହିମାଳୟରେ ଆଜି ବି ମୋର ଅନେକ ପୁତ୍ର ସାଧୁ ହୋଇ ତପସ୍ୟା କରୁଅଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁତ୍ର ମୋଦୀ ! ତଥାକଥିତ ଇନ୍ଦ୍ରିୟଲିପ୍ସୁ ପୁତ୍ରମାନେ ବିଶ୍ୱାସ କରନ୍ତି ଯେ, ଜୀବନକାଳ ଶେଷ ପର୍ଯ୍ୟନ୍ତ ଅର୍ଥାତ ମୃତ୍ୟୁ ପର୍ଯ୍ୟନ୍ତ ଇନ୍ଦ୍ରିୟମାନଙ୍କୁ ସୁଖ ଦେବା ହିଁ ମାନବ ସଭ୍ୟତାର ପରମ ଧର୍ମ ଅଟେ । ଏହିପରି ଭାବରେ ସେମାନଙ୍କର ଚିନ୍ତାର ଅନ୍ତ ନଥାଏ । ଅନନ୍ତ କାମନା ଏବଂ କାମ, କ୍ରୋଧର ବଶବର୍ତ୍ତୀ ହୋଇ ସେମାନେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ଅନ୍ୟାୟ ଭାବରେ ଅର୍ଥ ସଞ୍ଚୟ କରିଚାଲିଛନ୍ତି । "ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତା ମୁପାଶ୍ରିତାଃ । କାମୋପଭୋଗ ପରମା ଏତବିଦିତ ନିଶ୍ଚିନ୍ତାଃ ॥ ଆଶାପାଶ ଶତୈର୍ବାଦ୍ଧା କାମ କ୍ରୋଧ ପରାୟଣାଃ । ଇହନ୍ତେ କାମ ଭୋଗାର୍ଥ ମନ୍ୟାୟେନାର୍ଥ ସଂଚୟାନ ॥

ଶିକ୍ଷାକ୍ଷେତ୍ରରେ ଅଧ୍ୟାତ୍ମିକତାକୁ କବର ଦିଆଗଲାଣି । ଶିକ୍ଷାକ୍ଷେତ୍ର ପୁଅ ଝିଅମାନଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି । ଏଠାରେ ତ ଗୁରୁ ଶିଷ୍ୟା ଭିତରେ ପ୍ରଣୟର ସାହାନାଇ ବାଜୁଛି । ଚରିତ୍ର, ବିନୟ, ଧୀଶକ୍ତି ବଦଳରେ ଏଠାରେ ଉଶୃଙ୍ଖଳାର ସମାରୋହ ଅନୁଷ୍ଠିତ ହେଉଛି । ଅବଶ୍ୟ ମୁଁ ସବୁ ଶିକ୍ଷାକେନ୍ଦ୍ର କଥା କହୁନାହିଁ । ଏବେ ବି ମୋ ପୃଷ୍ଠରେ ଧର୍ମୀୟ ବାତାବରଣ ସହିତ ବିଜ୍ଞାନର ଶିକ୍ଷା ପ୍ରଦାନ କରାଯାଉଅଛି । ନୈତିକତା ଶିକ୍ଷା ହେଉଛି ପ୍ରକୃତ ଶିକ୍ଷା । ନୈତିକତାର ଅଭାବ ହେତୁ ଏଠି ଅର୍ଥ ବିନିମୟରେ ଡାକ୍ତର ପୂତ୍ରଟି ରୋଗୀ ଚିକିତ୍ସା କରେ, କେତେକ ଉଚ୍ଚପଦସ୍ଥ ଅଧିକାରୀମାନେ ରାଜକୋଷ ଲୁଣ୍ଠନ କରନ୍ତି, ନ୍ୟାୟ ବି ବାଟବଣା ହୋଇଯାଏ ଇତ୍ୟାଦି ଇତ୍ୟାଦି ।

-୯-

ପତିତପାବନୀ, କଲ୍ୟାଣମୟୀ, ମୁକ୍ତିପ୍ରଦାୟିନୀ ଗଙ୍ଗାକୁ ମୋର ପୁତ୍ର ଭଗୀରଥ ହଜାର ହଜାର ବର୍ଷ ତପସ୍ୟା କରି ମୋ କୋଳକୁ ଆଣିଥିଲା, ଆଜି ସେ ବି କଳୁଷିତ ହେଉଅଛି । ନାନା ପ୍ରକାର ଆବର୍ଜନା ବସ୍ତୁ ଗଙ୍ଗାରେ ପକାଇ ଦିଆଯାଉଛି । କଳକାରଖାନା ମାନଙ୍କରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିର୍ଗତ ରାସାୟନିକ ବସ୍ତୁ ଏବଂ ଜୀବଜନ୍ତୁମାନଙ୍କର ଶବ ଦ୍ୱାରା କାହିଁ କେତେଦୂର ପର୍ଯ୍ୟନ୍ତ ଅତି ମାତ୍ରାରେ ପ୍ରଦୂଷିତ ହୋଇଛି ଗଙ୍ଗା, ସେଥିପାଇଁ ତା ଚକ୍ଷୁରେ ଲୋତକ ଝରୁଛି । ମୋର ଅନ୍ୟ ଏକ ପୁତ୍ରୀ ଯମୁନା କୃଷ୍ଣଙ୍କର ପାଦଧୌତ କରି ମୋ ବକ୍ଷକୁ ଶସ୍ୟଶ୍ୟାମଳ କରି ପରମ ଆହ୍ଲାଦରେ ଖେଳୁଥିଲା କିନ୍ତୁ ତା ଦୁଃଖ କଥା ନ କହିବା ଭଲ । ଶ୍ରୀକୃଷ୍ଣଙ୍କ ଲୀଳାଭୂମି ଯମୁନା ଆଜି ନର୍ଦ୍ଦମାରେ ପରିଣତ । କାଶୀକ୍ଷେତ୍ରର ଗୌରବ ନଷ୍ଟ । ଯାହାହେଉ ତୁ ଏବଂ ମୋର ଅନ୍ୟ ଏକ ପୁତ୍ର ବ୍ରହ୍ମଚାରୀ ଯୋଗୀ ଆଦିତ୍ୟ ମିଳିତ ହୋଇ କାଶୀକ୍ଷେତ୍ରକୁ ପୁନଃଉଦ୍ଧାର କରି ମୋର ଶୋଭାବର୍ଦ୍ଧନ କରିଅଛ । ଯେଉଁ ରତ୍ନାକର ପ୍ରଭୂତ ରତ୍ନ ସମେତ ଉଚ୍ଛୈଶ୍ରବା ଅଶ୍ୱ, ଐରାବତ ହସ୍ତୀ, ଚନ୍ଦ୍ର, ଅମୃତ ଏବଂ ମହାଲକ୍ଷ୍ମୀଙ୍କୁ ଉଦଗାର କରିଥିଲା ସେହି ମହୋଦଧିକୁ ଆଜିର ସନ୍ତାନ ନାନା ପ୍ରକାର ଭାବରେ ଅତ୍ୟାଚାର କରୁଅଛନ୍ତି । ମୋ ମସ୍ତକର ମଉଡମଣି ହିମାଳୟ ଆଜି ବିପନ୍ନ । ତା ଛାତିରେ କେଉଁଟି ନା କେଉଁଠି ଯୁଦ୍ଧାସ୍ତ୍ରର ଅଭ୍ୟାସ ହେଉଛି, ଏ ମଣିଷଗୁଡାକ ତାକୁ ମଧ୍ୟ ବିପନ୍ନ କରିଦେଲେଣି । ନାନାପ୍ରକାର ଔଷଧୀୟ ବନରାଜି ସମ୍ପନ୍ନ ଏବଂ ତପୋଭୂମି ହିମାଦ୍ରି ଆଜି କାନ୍ଦୁଅଛି ।

ଏହିପରି ଭାବରେ ଅଙ୍ଗେଲିଭା କଥା କେତେ କହିବି । ହଁ ଏତିକି କହିବି କେତେ ଜଣ ସିଦ୍ଧସାଧକ ଏବଂ ସତୀନାରୀଙ୍କ ପ୍ରବୋଧନାରେ ମୁଁ ଆଶ୍ୱସ୍ତ ହେଉଛି । ଯେଉଁ ଦିନ ସତୀନାରୀ ବାହୁନି ବାହୁନି ଅଶ୍ରୁ ବିସର୍ଜନ କରିବ, ଯେଉଁ ଦିନ ମୋ ମହାତ୍ମା ପୁତ୍ରମାନଙ୍କ ନୟନରୁ ଲୋତକ ଝରିବ, ଯେତେବେଳେ ଅସହାୟ ପୁତ୍ରମାନେ ସବଳ ପୁତ୍ରମାନଙ୍କ ଦ୍ୱାରା ଅତ୍ୟାଚାରିତ ହୋଇ କ୍ରନ୍ଦନ କରିବେ ସେତେବେଳେ ମୁଁ ଆଉ ନିଜକୁ ସଂଯତ କରି ପାରିବି ନାହିଁ । ସମସ୍ତ ଚରାଚର ଭୂଖଣ୍ଡକୁ ଗର୍ଭସାତ କରି ପୁଞ୍ଜିଭୂତ ଦୁଃଖ ଅଶାନ୍ତିକୁ ବିଲୁପ୍ତ କରିଦେବି । ଠିକ ପ୍ରାଚୀନ ମହେଞ୍ଜୋଦାର ହରପପା ସଭ୍ୟତା ସଦୃଶ ମାନବ ସଭ୍ୟତାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ଲେଲିହାନ ଜିହ୍ୱାରେ ଅବଶ୍ୟ ଆସ୍ୱାଦନ କରିବି । ଧର୍ମୀୟ ପରମ୍ପରା ଓ ସଂସ୍କୃତିକୁ କେହି କ୍ଷତବିକ୍ଷତ କଲେ ମୁଁ ସହ୍ୟ କରିପାରିବି ନାହିଁ । ଯଦୁବଂଶ ପରି ତୁମେ ବି ଦିନେ ନା ଦିନେ ଧ୍ୱଂସ ହୋଇଯିବ । ମୋ କୋଳରେ ଥିବା କେବଳ ମନୁଷ୍ୟ ଯେ ମୋ ନିଜର ତାହା ନୁହଁ ବରଂ ସମସ୍ତ ପ୍ରାଣୀ ଜଗତ, ଉଦ୍ଭିଦ ଜଗତ, ଆକାଶ, ଜଳ, ବାୟୁ, ଅଗ୍ନି ଏମାନେ ସମସ୍ତେ ମୋ ନିଜର । ଶ୍ରୀକୃଷ୍ଣଚନ୍ଦ୍ରଙ୍କ ଅମୃତ ବଚନ ହେଲା ସମସ୍ତ ଜୀବ ମୋର ଅଂଶ ବିଶେଷ ଏବଂ ସନାତନ ଅଟେ । ସେ ମନୁଷ୍ୟ ହେଉ କି କୀଟ ହେଉ, ସେ ଚର ହେଉ କି ଅଚର ।

-୧୦-

ପୁତ୍ର ମୋଦୀ ! ମୋର ସଂରକ୍ଷଣ କରିବା ମନୁଷ୍ୟର ଧର୍ମ । ହଁ ଏକଥା ମନେରଖ ରାଜାନୁଗତ ଧର୍ମ ବଳିଷ୍ଠ ହୋଇଥାଏ । ତୁ ଯଦି ଶାସକ ହୋଇ ମଦମତ୍ତ ହୋଇଯିବୁ ନା ତେବେ ଶାସିତ ପ୍ରଜାଗଣ ମଧ୍ୟ ଅବାଟରେ ଗତି କରିବେ । ରାଜନୀତି ହେଉଛି ଶ୍ରେଷ୍ଠନୀତି କିନ୍ତୁ ତୋ ମନ୍ତ୍ରୀମଣ୍ଡଳରେ ବିଦୁର ପରି ମନ୍ତ୍ରୀ ରହିବା ନିହାତି ଆବଶ୍ୟକ । ଅବଶ୍ୟ ଅମିତ ଶାହା ପରି ପୁତ୍ରକୁ ତୋ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦେଇଅଛୁ । ଅଖଣ୍ଡ ଭାରତକୁ ତୁ ହିଁ ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ କରିବୁ ବୋଲି ମୋର ଆଶା ଓ ବିଶ୍ୱାସ ରହିଛି । କାରଣ ତୁ ନିଜର ପରିବାରକୁ ପରିତ୍ୟାଗ କରି ସର୍ବଜନ ହିତ ନିମିତ୍ତ କାର୍ଯ୍ୟ କରୁଥିବାରୁ ମୁଁ ଆଶାବାଦୀ । ଯୋଗୀ ଆଦିତ୍ୟନାଥ ଏବଂ ଅମିତ ଶାହା ପରି ବିଜ୍ଞ ପୁତ୍ରମାନଙ୍କ ସାହାଯ୍ୟରେ ତୁ ମୋର ଶୋଭା ବର୍ଦ୍ଧନ କରିପାରିବୁ, ମୋର ଖଣ୍ଡ ବିଖଣ୍ଡିତ ଅଂଶକୁ ପୁନଃଉଦ୍ଧାର କରିପାରିବୁ । ମୋର ଶୌର୍ଯ୍ୟ ବୀର ସୈନିକମାନଙ୍କର ଅଶେଷ କଲ୍ୟାଣ କାମନା କରୁଛି । ସେମାନେ ପ୍ରଚଣ୍ଡ ରୌଦ୍ର, ଭୀଷଣ ଶୀତ ଏବଂ ବର୍ଷାକୁ ଭ୍ରୂକ୍ଷେପ କରି ମୋର ସୁରକ୍ଷା କରୁଅଛନ୍ତି । ପୁତ୍ର ମୋଦୀ ! ତୁ କେବେ ବି ଆମେରିକା, ପାକିସ୍ଥାନ ଏବଂ ଚୀନକୁ ବିଶ୍ୱାସ କରିବୁ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ପେଟରେ ପେଟେ ଗରଳ ।

ପୁତ୍ର ମୋଦୀ ! ତୁ ଜାଣିଛୁ ନା ବେଦ କ'ଣ କହନ୍ତି ? ବେଦ କହନ୍ତି – 'ସଂ ଗଚ୍ଛଧ୍ୱ । ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ' । ହେ ମନୁଷ୍ୟ ! ତୁମେ ମିଳିମିଶି ଚଳ, ମିଳିମିଶି ବାର୍ତ୍ତାଳାପ କର, ପରସ୍ପର ସହଯୋଗ ପୂର୍ବକ ଜ୍ଞାନଲାଭ କର । ଭୌତିକ ପରିବେଶ ଏବଂ ଜୈବ ବିଭିନ୍ନତାର ସଂରକ୍ଷଣ ସମେତ ଆଧ୍ୟାତ୍ମିକ ସମ୍ପଦର ସଦ ବିନିଯୋଗ ହେଉଛି ମୋ ପିଲାଙ୍କ କର୍ତ୍ତବ୍ୟ । କେବେ ସେହି ସୁଦିନ ଆସିବ ସମ୍ରାଟ ଯୁଧିଷ୍ଠିର, ସମ୍ରାଟ ଅଶୋକ, ସମ୍ରାଟ ବିକ୍ରମାଦିତ୍ୟ, ସମ୍ରାଟ ହର୍ଷବର୍ଦ୍ଧନ, ଭରତ ପରି ଶାସକ ପାଇବି, ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ, ଶଙ୍କର, କାଳିଦାସ, ଭର୍ତ୍ତୃହରି, ଚାଣକ୍ୟ ପରି ସୁପୁତ୍ର ପାଇବି ? ଯେଉଁମାନେ ମୋ ଆଖିରୁ ଲୁହ ପୋଛିଦେବେ । ଏକଦା ମୋର ପୁତ୍ର ଚାଣକ୍ୟ ବର୍ବର ନନ୍ଦବଂଶକୁ ଧ୍ୱଂସ କରି ଚନ୍ଦ୍ରଗୁପ୍ତକୁ ସମ୍ରାଟ କରିଥିଲା । ଆହା ସେଦିନ ମୁଁ ସତରେ କେତେ ଆଶ୍ୱସ୍ତ ହୋଇନଥିଲି ।

ଆଜି ବି ଖୋଜୁଛି ମୋର ପ୍ରିୟ ପୁତ୍ର ଅଟଳ ବିହାରୀ, ଶାସ୍ତ୍ରୀ ଏବଂ ସୁଭାଷ ବୋଷକୁ । ମୋ ବକ୍ଷରୁ ସ୍ତନ୍ୟପାନ କରି ସେମାନେ କେତେ ଶକ୍ତିମାନ ସତରେ ହୋଇନଥିଲେ । ତୋ ମା'ର କେତେ ଯେ ଶକ୍ତି ତାହା ଅଟଳ ବିହାରୀ ସମଗ୍ର ବିଶ୍ୱରେ ଦେଖାଇ ଦେଇଥିଲା । ଅଟଳ କ୍ଷମତାଲୋଭୀ ନଥିଲା ନଚେତ ସେପରି ସୁପୁତ୍ରକୁ ଗୋଟିଏ ଭୋଟରେ ପରାଜିତ କରି କଂଗ୍ରେସ ଆନନ୍ଦିତ ହୋଇନଥାନ୍ତା ।

-୧୧-

ପୁତ୍ର ମୋଦୀ ! ଅଟଳ ବିହାରୀର ଏଇ କଥାଟି ମନେ ରଖିଥିବୁ । କଥାଟି ହେଲା – "ମେରେ ପ୍ରଭୁ ମୁଝେ ଇତିନି ଉଚାଇ କଭିମତ ଦେନା, ଗୈରୋ କୋ ଗଲେ ନା ଲଗାସକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇତିନି ରୁଖାଇ କଭିମତ ଦେନା ।” ହେ ପ୍ରଭୁ ! ମୋତେ ଏତେ ଉଚ୍ଚସ୍ଥାନରେ ରଖିବୁନି ଯାହା ଫଳରେ କି ମୁଁ ଆଉ ଜଣେ ବ୍ୟକ୍ତିକୁ କୋଳାଗ୍ରତ କରିପାରିବି ନାହିଁ । ମୋତେ ସବୁବେଳେ ଏପରି ଅହଂକାରରୁ ରକ୍ଷା କରିବୁ । ସେ କହିଥିଲା “ମେଂ ମୃତ୍ୟୁ ସେ ନହିଁ ଡରତା, ଡରତା ହୁଁ ତୋ ବଦନାମୀ ସେ ।” ସେହିପରି ଭଗବାନ ଶ୍ରୀରାମ କୌଶଲ୍ୟାଙ୍କୁ କହିଥିଲେ ମା “ମୁଁ ମୃତ୍ୟୁକୁ ଭୟ କରେନାହିଁ କିନ୍ତୁ ଅଯୋଧ୍ୟାର ଜନତାଙ୍କର ବଦନାମକୁ ଡରେ ।” ମୋ ଗୁଣବନ୍ତ ପୁଅ ଅଟଳବିହାରୀ ତା ୧୬.୦୩.୧୯୯୯ ରିଖରେ ପାକିସ୍ଥାନକୁ ବସ ସେବା କରି ଅମୃତସରଠାରୁ ଲାହୋର ଯାଇଥିଲା । ସେଠାରେ ଥିବା ଗଭର୍ନ୍‌ସହାଉସରେ ଭାଷଣ ଦେଇଥିଲା । ଏକ ରୋଚକ ଘଟଣାକ୍ରମରେ ଜଣେ ପାକିସ୍ଥାନୀ ମହିଳା ସାମ୍ବାଦିକ ଅଟଳକୁ କହିଲା ଆପଣ ଅବିବାହିତ ଅଛନ୍ତି ହେଲେ ମୁଁ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି ହେଲେ ମୋତେ ମୁହଁ ଦେଖେଇରେ କାଶ୍ମୀର ଦରକାର । କାଳକ୍ଷେପଣ ନକରି ମୋ ଗୁଣମଣି କହିଥିଲା ମୁଁ ବିବାହ କରିବାକୁ ରାଜି ଅଛି ହେଲେ ମୋତେ ଯୌତୁକ ରୂପରେ ପୁରା ପାକିସ୍ତାନ ଦରକାର । କ’ଣ ଦେଇ ପାରିବେ ଆପଣ ? ଏଭଳି ଉତ୍ତରରେ ଶୁଣି ମହିଳା ସାମ୍ବାଦିକ ଲାଜରେ ମୁହଁ ତଳକୁ କରିଥିଲା । ସେ ଏକ ସାଧାରଣ ପରିବାରରୁ ଆସିଥିଲା ତୁ ମଧ୍ୟ ଚାହା ବିକାଳୀରୁ ଦିଲ୍ଲୀ ସିଂହାସନ ଆରୋହଣ କରିଅଛୁ । ରେ ପୁତ୍ର ! ମନୁଷ୍ୟ ଯେତେବେଳେ ଥରେ ପରମେଶ୍ୱରଙ୍କ ଦରବାରରେ ଉପସ୍ଥିତ ହୋଇଯାଏ ସେତେବେଳେ ସେ ମାନନୀୟ ହୋଇଯାଏ । ଯେପରି ଧ୍ରୁବ । ତୋର ସନ୍ଧାନ ସବୁବେଳେ ଅମୃତମୟ ଦିଗରେ ଅଗ୍ରସର ହେଉ । ମୋର ଭାବନାକୁ ତୁ ଅବଶ୍ୟ ସମ୍ମାନ ଦେବୁ । ମୁଁ ତୋ ଉପରେ ଏବଂ ଯୋଗୀ ଆଦିତ୍ୟନାଥ ତଥା ଅମିତ ଶାହା ଉପରେ ଅତ୍ୟନ୍ତ ସନ୍ତୁଷ୍ଟ । ୩୭୦ ଧାରା ଉଠାଇ ଦେଇ ଏକ ମହତ କାମ କରିଅଛୁ । ଅନେକ ଦିନର ସ୍ୱପ୍ନ ଶ୍ରୀରାମ ଜନ୍ମଭୂମିକୁ ତୁ ଉଦ୍ଧାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛୁ । ଆହୁରି ଅନେକ ମହତ କାମ କରିବାର ବାକି ଅଛି । ମୋର ସୁନ୍ଦର ଭୂଖଣ୍ଡକୁ ତୁ ଅପୂର୍ବ ରୂପରେ ରୂପାୟିତ କରିବୁ ଏ ଆଶା ଓ ଭରଷା ତୋ ଉପରେ ମୋର ଅଛି । ଦୁର୍ନୀତିକୁ କଠୋର ହସ୍ତରେ ଦମନ କରିବୁ । ମୋର ଜଣେ ଭୂମିପୁତ୍ର ଭୀମଭୋଇ କହିଥିଲା – " ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"

-୧୨-

ପରିଶେଷରେ ଏତିକି କହିବି ତୁ ଜନକ ସଦୃଶ ରାଜର୍ଷି ନହୋଇପାରୁ କି ହରିଶ୍ଚନ୍ଦ୍ର ପରି ସମ୍ରାଟ ନହୋଇପାରୁ କିନ୍ତୁ କର୍ମଯୋଗୀଟିଏ ତ ହୋଇପାରିବୁ । ତୋ ଦୃଷ୍ଟିରେ ମୋର ସମଗ୍ର ସତ୍ତାର ଦାୟିତ୍ୱ । ପ୍ରଜାନୁକୁଳ ଶାସକ ହୋଇ ମୋର ବିଭୂତିକୁ ସୁବାସିତ କରିବୁ । ଦୁର୍ନୀତିକୁ ମୂଳୋତ୍ପାଟନ କରିବା ସଙ୍ଗେ ସଙ୍ଗେ ମୋ କୋଳରେ ଥିବା ସମସ୍ତ ପ୍ରାଣୀମାନଙ୍କର ସେବା କରିବୁ । ତୁ ନିଜେ ପରା କହିଛୁ ମୁଁ ହେଉଛି ଜନତାଙ୍କର ସେବକ । ହଁ ରେ ପୁଅ ! ସେବକଧର୍ମ ବଡ କଠିନ । ଭରତ ଏବଂ ହନୁମାନଙ୍କର ଚରିତ ହେଉଛି ବଳିଷ୍ଠ ଉଦାହରଣ । ଯଦି ସାମନ୍ତବାଦୀୟ ଚିନ୍ତାଧାରା ରହେ ତେବେ ତୋର ବି ଅଧଃପତନ ହୋଇଯିବ । କେହି ଜଣେ କହିଥିଲେ – "ଭାରତ ହେଉଛି ଇତିହାସର ମା, କିମ୍ବଦନ୍ତୀର ଆଇମା, ପରମ୍ପରାର ଅଣ ଆଇମା ।" ଅସ୍ତୁ ।

ମୁଁ ତୋର ହତଭାଗିନୀ ମା ଭାରତବର୍ଷ ।

ଗ୍ରାମ / ପୋ : ବିଜିଗୋଳ ,ଥାନା : ଏନ ଟି ପିସି
ଜିଲ୍ଲା : ଅନୁଗୋଳ , ପିନ – ୭୫୯୧୧୭ , ଓଡିଶା
ମୋ – ୮୭୬୩୧୪୬୭୨୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଲମଣିଷ ଖୋଜା ଚାଲିଛି



ଡଃ ମନୋରଞ୍ଜନ ବିଷୋୟୀ

ଭଲ ମଣିଷର ଦେଶ ଭାରତ । ହଜାର ହଜାର ବର୍ଷ ଧରି ଏ ଭାରତବର୍ଷ ବିଶ୍ୱକୁ ଦେଇଆସିଛି ଦିଗ୍‌ଦର୍ଶନ । ଏ ସଂସ୍କୃତିର ଆଦ୍ୟବାଣୀ ଅପୁରୁଷେୟ ବେଦରେ ଶୁଣାଇଥିଲା - 'ଅଗ୍ନିମିଳେ ପୁରୋହିତଂ । ସେହି ମହନୀୟ ଆଭିମୁଖ୍ୟର ଅନୁରଣନ ବିଶ୍ୱକୁ ଦେଇଛି ମାନବ ଅଭ୍ୟୁଦୟର ମୂଳମନ୍ତ୍ର । ବେଦ, ଉପନିଷଦ୍, ପୁରାଣ, ମହାକାବ୍ୟର ଧାରା ଦେଇ ଯୁଗ ଓ ଜାତିକୁ ସମୃଦ୍ଧ କରିଛି ଭାରତବର୍ଷ । ଏ ମାଟିରେ ଦେବତା ବି ଧରାବତରଣ କରି ମାନବିକତାର ମନ୍ତ୍ର ଶୁଣାଇଥିବା ବିଶ୍ୱାସ କରାଯାଏ । ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ପରମ ପୁରୁଷ ତଥା ଶ୍ରୀମଦ୍ ଭାଗବତ ଗୀତାର ପ୍ରବକ୍ତା ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭ କରି ମହାନ୍ ଯୋଗୀ ରାମକୃଷ୍ଣ ପରମହଂସ, ଭାରତୀୟ ଅସ୍ମିତାର ପ୍ରବକ୍ତା ସ୍ୱାମୀ ବିବେକାନନ୍ଦ, ଅତିମାନସତତ୍ତ୍ୱର ବ୍ୟାଖ୍ୟାକାର ମହାଯୋଗୀ ଶ୍ରୀ ଅରବିନ୍ଦ ଏ ଭାରତବର୍ଷରେ ଜନ୍ମନେଇ ବିଶ୍ୱକୁ ଦେଇଛନ୍ତି ମାନବୀୟ ଉତ୍ଥାନର ଚରମବାଣୀ । ସମୟର ଧାରାରେ ଦୀର୍ଘଦିନର ପରାଧୀନତା ଭିତରେ ଅବଶ୍ୟ ଏ ଆର୍ଯ୍ୟାବର୍ତ୍ତ କ୍ରମେ ମୁମୂର୍ଷୁପ୍ରାୟ । ଆତଙ୍କବାଦ, ସାଂପ୍ରଦାୟିକ ବିଦ୍ୱେଷ, ଭ୍ରଷ୍ଟାଚାର ଏ ମାଟି ଓ ଜାତିର ଆତ୍ମାକୁ କଳୁଷିତ କରିଛି । ସବୁଠାରେ ଯେପରି ନୈରାଶ୍ୟବାଦର ଏକଛତ୍ର ଆଧିପତ୍ୟ । କିନ୍ତୁ କରାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାତ୍ରୀର ଯବନିକା ପରେ ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଫୁଟି ଉଠିଥାଏ ନିଶ୍ଚୟ । ଭାରତ ପାଇଁ ଏକବିଂଶର ବିଶ୍ୱ ଯେ ନୂତନ ସମ୍ଭାବନା ସୃଷ୍ଟି କରିଛି - ଏ ବିଶ୍ୱାସକୁ ନେଇ ଆଜି ସମଗ୍ର ବିଶ୍ୱବାସୀ ଆତୁରତାର ସହ ଅପେକ୍ଷା କରିଛନ୍ତି । ଆଜି ଜଗତୀକରଣ ପ୍ରେକ୍ଷାପଟ୍ଟରେ 'ବସୁଧୈବ କୁଟୁମ୍ବକମ୍' ଅଧିକ ସତ୍ୟ ମନେହୁଏ । ବ୍ୟକ୍ତିବିଶ୍ୱରୁ ଉର୍ଦ୍ଧ୍ୱରେ ବିଶ୍ୱବ୍ୟକ୍ତିର ପ୍ରକାଶ ପ୍ରତିଶ୍ରୁତିର ପର୍ବ ଆରମ୍ଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ପରିପ୍ରେକ୍ଷୀରେ ବାସ୍ତବିକ ଆଜିର ତରୁଣ ଖୁବ୍ ଗମ୍ଭୀରତାର ସହ ନିଜର ଭୂମିକା ନିର୍ବାହ କରିବା ଆବଶ୍ୟକ ମନେହୁଏ । ପରମ୍ପରା କହେ- ଏ ମାଟିର ନଚିକେତା ଦିନେ 'ଯମ'ଙ୍କ ନିକଟରେ ପ୍ରଶ୍ନିଳ ମନ ନେଇ ଜୀବନର ଗୁଢ଼ ରହସ୍ୟ ଉଦ୍ଘାଟନ କରିଥଲେ । ଜାଗତିକ ସତ୍ୟଠାରୁ ଉର୍ଦ୍ଧ୍ୱରେ ସନାତନ ସତ୍ୟର ସନ୍ଧାନ କରିଥିଲେ । ଆଜିର ପୃଥିବୀ ପୁନଶ୍ଚ ଏପରି ଏକ ସତ୍ୟ ସନ୍ଧାନୀର ଅପେକ୍ଷା ରଖିଛି । ଆଜି ଅନେକ ବଡ଼ମଣିଷ ଆମ ଭିତରେ ଠିଆ ହୋଇଛନ୍ତି । କିନ୍ତୁ ଭଲ ମଣିଷ ଖୋଜାଚାଲିଛି ଅନବରତ । 'ସର୍ବେ ଭବନ୍ତୁ ସୁଖୀନଃ, ସର୍ବେସନ୍ତୁ ନିରାମୟା / ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାକ୍‌ଭବେତ୍' ମୂଳମନ୍ତ୍ରକୁ ପ୍ରତିଷ୍ଠା କରିବା ଦିଗରେ ଅବିଶ୍ରାନ୍ତ ଚେଷ୍ଟା ଚାଲିଛି । ଏ ଦିଗରେ ତରୁଣ ଭାରତ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛି- ଏଥିରେ ସନ୍ଦେହ ନାହିଁ । ଏହି ଅଭିଯାନର ସୂତ୍ରଧାର ଭାବରେ ଆଗାମୀ ଭାରତର ତରୁଣମାନଙ୍କ ଆଗରେ ମୁଣ୍ଡ ଟେକିଛି ଅନେକ ସମ୍ଭାବନା । ଦେଶର କୋଣ ଅନୁକୋଣରେ ଖେଳିଯାଇଛି ଜାଗରଣର ପ୍ଲାବନ । 'ଭାରତୀୟତା' ଆଧାରରେ ଏକ ସୁପ୍ରାଚୀନ ମାନବଗୋଷ୍ଠୀ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ନିମନ୍ତେ ଜୟଯାତ୍ରା ଆରମ୍ଭ କରିଛନ୍ତି । ଏହି ଧାରାରୁ ଉତ୍କଳୀୟ ତରୁଣ ଭିନ୍ନ ନୁହଁନ୍ତି ନିଶ୍ଚୟ । ଦିନେ କପିଳ ସଂହିତା ଯାହା କହିଥିଲା - 'ବର୍ଷଣାଂ ଭାରତ ଶ୍ରେଷ୍ଠ, ଦେଶନାଂ ଉତ୍କଳୋଶ୍ରୁତ୍ୟ / ଉତ୍କଳସ୍ୟ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ସମୋଦେଶ, ଦେଶନାସ୍ତି ମହୀତଳେ' । ଉତ୍କଳ ମାଟିର ଉଜ୍ଜ୍ୱଳ ତାରକା ଭାବରେ ଆମ ଯୁବଗୋଷ୍ଠୀ ଏହି ମହାଯାତ୍ରାରେ ନିଜକୁ ସାମିଲ କରି ଆଗାମୀ ଧରାର ମୁଖୋଜ୍ଜ୍ୱଳ ଯେ କରିବେ- ଏଥିରେ ସନ୍ଦେହ ନାହିଁ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଫୋନ୍: ୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଭାବକବି ଗଙ୍ଗାଧର ମେହେର



ଅକ୍ଷୟ କୁମାର
ରାଉତ

ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ । କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ । କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି, ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭବରେ ବ୍ୟକ୍ତିତ୍ୱର ଆରୋପ । କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି । ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ । କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ । ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ । ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା । ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ । ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ ।

ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା । ସେ ସାତବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ । କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଂଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ । ଦାରିଦ୍ରର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା । ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ ।

ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ । ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା । ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ । ବ୍ରାଂଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ । ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ । ପାଠପଢା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ ।

ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ୍ୟ ଜୀବନ ଆରମ୍ଭ ହେଲା । ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା । ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ । ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ । ଠିକ୍ ଏତିକି ବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା । ଗଙ୍ଗାଧରଙ୍କ ଦାରିଦ୍ର, ବେଡ଼ି ଉପରେ ନଳିତା ବିଡାପରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଉଠିଲା । ପରେ ଗଙ୍ଗାଧର ତନ୍ତ୍ର ଓ ଉପକରଣ ଗୁଡିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ ।

୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ । ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ୍ୟ ବୁଝୁଥିଲେ । ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ । ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ । ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ । ଏହି ପଦ୍ମପୁରରୁ ଚାକିରୀରୁ ଅବସର ଗ୍ରହଣ କରିଥିଲେ ।

ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗ ଦେଇଥିଲେ । କଟକର ଇଦ୍ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ । କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ । ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ । ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ ।

ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା । ୧୪.୦୭.୧୮୯୭ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ । ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ । ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେ ବି, ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ । ବରପାଲିର ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ । ସେଠାରେ ସେ ଜନକଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି' ।

ଗଙ୍ଗାଧରଙ୍କର ପାରିବାରିକ ଜୀବନ ଦୁଃଖପୂର୍ଣ୍ଣ ଥିଲା । ଅଭାବ ଅନଟନ ମଧ୍ୟରେ ଅତିବାହିତ କରୁଥିଲେ । ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍ଟେଷିତ ହୋଇ ମଧ୍ୟ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ । ଅସାଧାରଣ ଧୈର୍ଯ୍ୟ କର୍ତ୍ତବ୍ୟନିଷ୍ଠା ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା । ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ୍ୟ ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ ।

ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା । ତାଙ୍କର ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା'ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ । ସେ ପ୍ରଧାନତଃ କାବ୍ୟର କବି ଥିଲେ । କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ, ରସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର, ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି । ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି ।

ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇରହିବେ । କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

“ ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁଁ ଅନ୍ତର୍ହିତ ।
କିନ୍ତୁ ତୁମ୍ଭେ ଦିନ କବି ରହିବ ଜୀବିତ
ଯେତେଦିନ ଭବେ ଥିବ ଓଡିଆ ସାହିତ୍ୟ ।”

ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍ସିଂହପୁର
ମୋ-୯୯୩୭୬୨୯୧୪୭୫

ଆହ୍ୱାନ-ପତ୍ରିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପୁରୁଷ କମିଶନ କେବେ ?



ନିଗମ ବେହେରା

କୌଣସି ନାରୀ କିମ୍ବା ଯୁବତୀଙ୍କ ପ୍ରତି ଅନ୍ୟାୟ ଓ ଅତ୍ୟାଚାର ସଂଗଠିତ ହେବା ମାତ୍ରେ ସମାଜସେବୀଙ୍କ ଠାରୁ ଆରମ୍ଭ କରି ଗଣମାଧ୍ୟମ ମାନେ ରାଜ୍ୟ ତଥା ଦେଶରେ ଉକ୍ତ ଘଟଣା ବହୁଚର୍ଚ୍ଚିତ ଘଟଣାର ରୂପ ଦେଇଥାନ୍ତି କିନ୍ତୁ ପରିତାପର ବିଷୟ ଏହି ଇଚ୍ଛାଶକ୍ତି କୌଣସି ପୁରୁଷ କିମ୍ବା ଯୁବକ ପ୍ରତି ଅନ୍ୟାୟ ଘଟିଲେ ଦେଖିବାକୁ ମିଳୁନାହିଁ । ଗତବର୍ଷ ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟ ରଞ୍ଜନଙ୍କ ଘଟଣା ହେଉ ଅବା ବର୍ତ୍ତମାନର ମଡେଲ୍ ସୌମ୍ୟଙ୍କ ଆତ୍ମହତ୍ୟା ହେଉ; ଉଭୟ ଘଟଣାରେ ଆଇନ ବ୍ୟବସ୍ଥା ସ୍ଥାଣୁ ପାଲଟିଥିବା ବେଳେ ଉଭୟଙ୍କ ପରିବାର ଆଜି ମଧ୍ୟ ନ୍ୟାୟ ପାଇବାରେ ଅକ୍ଷମ । ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁକୁ ୧ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କଥାକଥିତ ଅଭିଯୁକ୍ତ ତଥା ତାଙ୍କ ଧର୍ମପତ୍ନୀ ବିଦ୍ୟାଭାରତୀ ଆଜି ମୁକ୍ତ ଆକାଶର ବିହଙ୍ଗ । ସେହିପରି ମଡେଲ୍ ସୌମ୍ୟଙ୍କ ଆତ୍ମହତ୍ୟା ଘଟଣାରେ ସମସ୍ତ ତଥ୍ୟ ଓ ପ୍ରମାଣ ଗାୟିକା ସୋନାଲି ନନ୍ଦଙ୍କ ବିରୋଧରେ ହୋଇଥିବା ମଧ୍ୟ ତାଙ୍କ ହାତରେ ଆଇନର ବେଡ଼ି ପଡ଼ିନାହିଁ ।

ଏହିପରି ଘଟଣାମାନ କେବଳ ଓଡ଼ିଶାରେ ନୁହେଁ ବରଂ ସମଗ୍ର ଭାରତବର୍ଷରେ ଦେଖିବାକୁ ମିଳୁଛି । ଭାରତରେ ପୁରୁଷ ବିରୋଧୀ ହିଂସା ପାଇଁ କୌଣସି ଆଇନ ନାହିଁ; ଏଣୁ ଆଧୁନିକ ନାରୀମାନେ ଏହାର ଲାଭ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଠାଉଛନ୍ତି । ବର୍ତ୍ତମାନ ଭାରତରେ ପୁରୁଷମାନେ ମାନସିକ ଚାପ ଓ ଶାରୀରିକ ହିଂସା ଦେଇ ଗତି କରୁଛନ୍ତି । ୩୧ ଜୁଲାଇ ୨୦୨୧ ମସିହାରେ ଲକ୍ଷ୍ନୌରେ ଏକ ଝିଅ ଜଣେ ଟ୍ୟାକ୍ସି ଡ୍ରାଇଭରକୁ ରାସ୍ତା ମଝିରେ ୨୨ଟି ଚାପୁଡା ମାରିଥିଲେ ଏବଂ ଧାରା ୧୫୧ ଅନୁସାରେ ଟ୍ୟାକ୍ସି ଡ୍ରାଇଭର ବିରୋଧରେ ମାମଲା ରୁଜୁ କରିଥିଲେ । ଫଳସ୍ୱରୂପ ଉକ୍ତ ଟ୍ୟାକ୍ସି ଡ୍ରାଇଭର ଜଣକୁ ଜେଲ୍ ଯିବାକୁ ପଡିଥିଲା ଏବଂ ପରବର୍ତ୍ତୀ ସମୟରେ ସିସିଟିଭି ଫୁଟେଜ ଆଧାରରେ ଜଣାପଡିଲା ଯେ ଡ୍ରାଇଭର ଜଣକ ନିର୍ଦ୍ଦୋଷ । କିନ୍ତୁ ପ୍ରଶ୍ନ ପୋଲିସ ବିନା କୌଣସି ଯାଞ୍ଚ ଓ ପ୍ରମାଣ ଆଧାରରେ ଉକ୍ତ ଡ୍ରାଇଭରକୁ ଜେଲରେ ରଖିବା କେତେ ଦୂର ଯଥାର୍ଥ ଥିଲା ? ସେହିପରି ଅଗଷ୍ଟ ୨୦୧୫ ମସିହାରେ ସଂଗଠିତ ଜସଲିନ୍ କୌର୍ ମାମଲାରେ ସରବଜିତ ସିଂଙ୍କୁ ନ୍ୟାୟ ପାଇବା ପାଇଁ ୪ ବର୍ଷ ସମୟ ଲାଗିଥିଲା । ଏହି ୪ ବର୍ଷ ମଧ୍ୟରେ ଜସଲିନ୍ ବିଦେଶରେ ରହି ନିଜ ଉଚ୍ଚଶିକ୍ଷା ଶେଷ କରିବା ବେଳେ ସରବଜିତ ଓ ତାଙ୍କ ପରିବାରକୁ ସ୍ୱାସ୍ଥ୍ୟ ସମସ୍ୟା, ନିନ୍ଦା ଓ ଅପମାନ ସହ୍ୟ କରିବାକୁ ପଡିବା ସହ ଚାକିରୀ ମଧ୍ୟ ହରାଇବାକୁ ପଡିଥିଲା । ସେହିପରି ବହୁଚର୍ଚ୍ଚିତ ନିଶା ଶର୍ମା ଯୌତୁକ ମାମଲାରେ ମଧ୍ୟ ଧାରା ୪୯୮ (କ) ର ଅପବ୍ୟବହାର ହୋଇଥିଲା । ମେ' ୨୦୦୩ ମସିହାରେ ଯୌତୁକ ବାବଦକୁ ୧୫ ଲକ୍ଷ ନଗଦ ଓ କାର୍ ନଦେଇ ନିଜ ବିବାହ ଭାଙ୍ଗି ଚର୍ଚ୍ଚାର ପରିସରକୁ ଆସିଥିଲେ ନିଶା ଶର୍ମା । ଏହି ଘଟଣାଟି ବିଜୁଳି ଭଳି କ୍ଷୀପ୍ର ବେଗରେ ଭାରତୀୟ ଓ ଆନ୍ତର୍ଜାତୀୟ ଗଣମାଧ୍ୟମ ଗୁଡିକରେ ସ୍ଥାନିତ ହେବା ସହ ରାତାରାତି ନିଶା ଶର୍ମାଙ୍କୁ ଭାରତୀୟ ନାରୀଙ୍କ ରୋଲ୍ ମଡେଲ୍ ରୂପେ ଗଣମାଧ୍ୟମ ଅଭିଷିତ କରିଥିଲା । ଅନ୍ୟ ପକ୍ଷରେ ୯ ବର୍ଷର କୋର୍ଟ ମକଦ୍ଦମା ପରେ ବରପକ୍ଷ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ ହେଲା କିନ୍ତୁ ଦୀର୍ଘ ୯ ବର୍ଷ କାଳ ବର ପରିବାରକୁ ଯୌତୁକ ମାମଲାର ଯନ୍ତ୍ରଣା ସହ୍ୟ କରିବାକୁ ପଡିଥିଲା ଏବଂ ସମାଜରେ ବଦନାମ ମଧ୍ୟ ହେବାକୁ ପଡିଥିଲା । ଏଭଳି ଅନେକ ଘଟଣାଗୁଡିକରେ ଦେଖିବାକୁ ମିଳିଛି ନିର୍ଦ୍ଦୋଷ ସତ୍ତ୍ୱେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁରୁଷ ଏବଂ ତାହାର ପରିବାରକୁ ଦଣ୍ଡ ଭୋଗିବାକୁ ପଡୁଛି ।

ଦୀର୍ଘ ଦିନ ହେବ ଭାରତୀୟ ପୁରୁଷମାନେ ପୁରୁଷ କମିଶନ ପାଇଁ ଦାବି ଉପସ୍ଥାପନ କରୁଛନ୍ତି । ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, ସୁରତ, ରାଞ୍ଚି ଓ ଭୁବନେଶ୍ୱର ଭଳି ସ୍ମାର୍ଟସିଟି ଗୁଡ଼ିକରେ ପୁରୁଷ କମିଶନ ଗଠନ ପାଇଁ ଦାବି ଜୋର ଧରିଛି । ସର୍ବଭାରତୀୟ ପୁରୁଷ ମଙ୍ଗଳ ସଂଘ, ଭାରତୀୟ ପରିବାର ସୁରକ୍ଷା ପ୍ରତିଷ୍ଠାନ ଏବଂ ସମାଜ ସୁରକ୍ଷା ମଞ୍ଚଙ୍କ ମତାନୁସାରେ ସ୍ୱାମୀ ଓ ସ୍ୱାମୀର ପରିବାର ବର୍ଗଙ୍କୁ ଉତ୍ପୀଡ଼ନ କରିବା ଲକ୍ଷ୍ୟରେ ମହିଳାମାନେ ଯୌତୁକ ନିର୍ଯାତନା, ଗୃହ ହିଂସା ଭଳି ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନର ଅପବ୍ୟବହାର କରୁଛନ୍ତି । ନିର୍ଦ୍ଦୋଷ ସତ୍ତ୍ୱେ ମହିଳାମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ପୁରୁଷମାନଙ୍କୁ ସମାଜର ଲାଞ୍ଛନା ସହିବାକୁ ପଡୁଥିବା ବେଳେ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡୁଛି । ୨୦୧୪ ମସିହାରେ ଦିଲ୍ଲୀ ମହିଳା କମିଶନଙ୍କ ତଥ୍ୟାନୁସାରେ ଦାୟର ହୋଇଥିବା ସମୁଦାୟ ଦୁଷ୍କର୍ମ ମାମଲା ମଧ୍ୟରେ ୫୩% ମିଥ୍ୟା ଦୁଷ୍କର୍ମ ମାମଲା ଅଟେ । ସେହିପରି ଭାରତରେ ରୁଜୁ ହେଉଥିବା ଯୌତୁକ ମାମଲାଗୁଡିକ ମଧ୍ୟରୁ ୭୦% ମାମଲା ମିଥ୍ୟା ଅଟେ । ନ୍ୟାସନାଲ୍ କ୍ରାଇମ୍ ରେକର୍ଡ଼ ବ୍ୟୁରୋ(ଏନସିଆରବି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୨୦୧୬ ମସିହାରେ ମହିଳାମାନଙ୍କ ଦ୍ୱାରା ପୁରୁଷଙ୍କ ବିରୋଧରେ ୨୪,୬୨୦ଟି ମିଥ୍ୟା ମାମଲା ରୁଜୁ କରାଯାଇଥିଲା । ୨୦୧୬ ମସିହାରେ ୬,୭୪୫ ଟି ସ୍ୱାମୀ ଓ ସ୍ୱାମୀର ପରିବାର ବିରୋଧରେ ମିଥ୍ୟା ଗୃହ ହିଂସା ମାମଲା, ୮,୬୨୩ ଟି ମିଥ୍ୟା ଅପହରଣ ମାମଲା, ୨,୮୩୯ ଟି ମିଥ୍ୟା ଦୁଷ୍କର୍ମ ମାମଲା ଏବଂ ୨୫୪ ଟି ମିଥ୍ୟା ଯୌତୁକ ମୃତ୍ୟୁ ମାମଲା ଦାୟର ହୋଇଥିଲା । ଏଭଳି ମିଥ୍ୟା ମାମଲା କେବଳ ଥାନା, କୋର୍ଟ ନୁହେଁ ବରଂ ସମଗ୍ର ସମାଜ ତଥା ଦେଶ ପାଇଁ ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ ।

ଆଜିର ଦିନରେ ପ୍ରତି ୧୦୦୦ ପୁରୁଷଙ୍କ ମଧ୍ୟରେ ୫୧.୫% ପୁରୁଷ ନିଜ ସ୍ତ୍ରୀ କିମ୍ବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରେମିକା ଦ୍ୱାରା ହିଂସାର ଶିକାର ହେଉଛନ୍ତି । ସେହିପରି ୬% ସ୍ତ୍ରୀ କିମ୍ବା ପ୍ରେମିକା ନିଜ ପୁରୁଷ ବନ୍ଧୁଙ୍କୁ ଶାରୀରିକ ଯନ୍ତ୍ରଣା ଦେଉଛନ୍ତି । ପ୍ରତି ୧୦ ଟି ମାମଲା ମଧ୍ୟରେ ଗୋଟିଏ କ୍ଷେତ୍ରରେ ପୁରୁଷଙ୍କୁ ଶାରୀରିକ ଯାତନାର ଶିକାର ହେବାକୁ ପଡୁଛି । ସେହିପରି ସମୁଦାୟ ମାମଲା ମଧ୍ୟରୁ ୦.୪% ମାମଲାରେ ପୁରୁଷମାନେ ଯୌନ ହିଂସାର ଶିକାର ହେଉଛନ୍ତି । ପୁରଷଙ୍କ ପ୍ରତି ସଂଗଠିତ ଶାରୀରିକ ହିଂସାରେ ଚାପୁଡା ଏକ ସାମାନ୍ୟ ଘଟଣା ହୋଇଥିବା ବେଳେ ୩.୩% କ୍ଷେତ୍ରରେ ମହିଳାମାନେ କୌଣସି ଅସ୍ତ୍ର ଦ୍ୱାରା ପୁରୁଷଙ୍କୁ ମାଡ ମାରିଥାନ୍ତି । ୬୦.୧ % କ୍ଷେତ୍ରରେ ବେରୋଜଗାରୀ ହିଂସା ପଛର କାରଣ ହୋଇଥିବା ବେଳେ ନାରୀଙ୍କ ଅତ୍ୟଧିକ ରାଗ ଓ ଅହଂ ପୁରୁଷଙ୍କ ପାଇଁ କାଳ ସାଜିଛି ।

ସମାଜରେ କେବଳ ନାରୀ ନୁହେଁ ବରଂ ପୁରୁଷମାନେ ମଧ୍ୟ ହିଂସାର ଶିକାର ହୋଇଥାନ୍ତି । ଭାରତୀୟ ସମାଜ ପୁରୁଷ କୈନ୍ଦ୍ରିକ ହୋଇଥିବା ହେତୁ ଲୋକଲଜ୍ଜା ଭୟରେ ଅନେକ ପୁରୁଷ ନିଜ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ସମ୍ବନ୍ଧରେ କାହାରି ନିକଟରେ ପ୍ରକାଶ କରନ୍ତିନାହିଁ । ଭାରତୀୟ ସମାଜରେ ପୁରୁଷ ପୀଡିତ ଓ ନାରୀ ଅପରାଧୀ ଭଳି ଘଟଣାକୁ ବିଶ୍ୱାସ କରିବା ଆଦୌ ପ୍ରସ୍ତୁତ ନୁହେଁ । କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ପୁରୁଷ ପ୍ରତି ନାରୀଙ୍କ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିଶିଷ୍ଟ ଅଭିନେତା ଜନି ଡେପ ଓ ତାଙ୍କ ପତ୍ନୀ ଅମ୍ବର ହର୍ଡଙ୍କ ମାମଲା । ଦୁନିଆ ଜନି ଡେପ ଦୋଷୀ ବୋଲି ଗ୍ରହଣ କରିନେଲା କିନ୍ତୁ ଆଜିର ଦିନରେ ଜଣାପଡୁଛି ଯେ ଅମ୍ବର ହର୍ଡଙ୍କ ଦ୍ୱାରା ରୁଜୁ ମାମଲାରେ କୌଣସି ସତ୍ୟତା ନାହଁ ବରଂ ଅମ୍ବର ହର୍ଡ଼ ନିଜେ ଜନି ଡେପଙ୍କ ପ୍ରତି ଅତ୍ୟାଚାର କରୁଥିଲେ ।

ସ୍ୱଳ୍ପ ଆୟ, ଶିକ୍ଷାର ଅଭାବ, ପରିବାରର ବ୍ୟବସ୍ଥା, ମଦ୍ୟପାନ ଆଦି ପାରିବାରିକ କଳହର ପ୍ରମୁଖ କାରଣ ହୋଇଥିବା ବେଳେ ଉଚ୍ଚଶିକ୍ଷିତ ଦମ୍ପତିଙ୍କ ମଧ୍ୟରେ ପାରିବାରିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହିଂସାର ଘଟଣା ଅଧିକ । ଶିକ୍ଷା, ଚାକିରୀ, ନାରୀ ସଶକ୍ତିକରଣ ଏବଂ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରଚେଷ୍ଟା ଯୋଗୁଁ ଆଜି ଘରଗୁଡିକରେ ଗୃହିଣୀଙ୍କ ନିୟନ୍ତ୍ରଣ ବୃଦ୍ଧି ପାଇଛି । ଆଜିର ଦିନରେ ଘରଗୁଡ଼ିରେ କ୍ଷମତାକୁ ନେଇ ନାରୀ ଓ ପୁରୁଷ ମଧ୍ୟରେ ଏକ ପ୍ରକାରର ଲଢ଼େଇ ଦେଖିବାକୁ ମିଳୁଛି । ଫଳସ୍ୱରୂପ ଲିଙ୍ଗ ଓ ଜାତି ନିର୍ବିଶେଷରେ ବିଜୟୀ ବ୍ୟକ୍ତି ଘରେ ଶାସନ କରୁଥିବା ବେଳେ ପରାଜିତ ବ୍ୟକ୍ତି କ୍ଷମତାହୀନ ଓ ଶୋଷଣର ଶିକାର ହେଉଛନ୍ତି । ଏହି କ୍ଷମତାର ଲଢ଼େଇ ସକାଶେ ପତି-ପତ୍ନୀର ସୁଃଖଦ ଦାମ୍ପତ୍ୟ ଜୀବନ ପ୍ରଭାବିତ ହେଉଛି ଏବଂ ଉଭୟଙ୍କ ଯୋଗୁଁ ଉଭୟଙ୍କ ପରିବାର ମଧ୍ୟ କଷଣର ଶିକାର ହେଉଛନ୍ତି । ଆଇପିସି ଧାରା ୪୯୮ ମହିଳାମାନଙ୍କ ସୁରକ୍ଷା ପାଇଁ ପ୍ରଣୟନ କରାଯାଇଥିବା ବେଳେ ମହିଳାମାନେ ବର୍ତ୍ତମାନ ଏହାକୁ ପୁରୁଷ ବିରୋଧରେ ଏକ ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି । ଏହି ଧାରାନୁଯାୟୀ କୌଣସି ମହିଳା ମାମଲା ରୁଜୁ କଲେ ପୋଲିସ ବିନା କୌଣସି ଯାଞ୍ଚ ଓ ପ୍ରମାଣ ସତ୍ତ୍ୱେ ପୁରୁଷ ସମେତ ତାହାର ସମଗ୍ର ପରିବାରକୁ ଜେଲରେ ରଖିବାର ଅଧିକାର ଦେଇଥାଏ; ଯାହା ସଂପୂର୍ଣ୍ଣ ରୂପେ ଏକ ଭୁଲ ଅଧିକାର । ଏପରି ଘଟଣାଗୁଡିକରେ ଜାମିନ୍ ମିଳିବା କଷ୍ଟକର ହୋଇଥିବା ବେଳେ ନିର୍ଦ୍ଦୋଷ ହୋଇ ମଧ୍ୟ ଆରୋପୀକୁ ମାମଲାର ଶେଷ ଶୁଣାଣି ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡୁଛି । ଆମ ଆଇନରେ ଥିବା ଏଭଳି କିଛି ଛିଦ୍ର ତଥା ଗଳାବାଟକୁ ବନ୍ଦ କରିବାକୁ ହେବ । ସେହିପରି ଯେଉଁ ପର୍ଯ୍ୟନ୍ତ ଆରୋପୀ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇନାହିଁ ତାହାକୁ ଗଣମାଧ୍ୟମ ଗୁଡିକ ଦୋଷୀ ସାବ୍ୟସ୍ତ କରିବା ଭୁଲ । ସମାଜ ନିକଟରେ ସତ୍ୟ ଉପସ୍ଥାପନା କରିବା ଗଣମାଧ୍ୟମ ଗୁଡ଼ିକର କର୍ତ୍ତବ୍ୟ ହୋଇଥିବା ବେଳେ ଟିଆରପି ପାଇଁ ଏହି ଭଳି ସ୍ପର୍ଶକାତର ଘଟଣାଗୁଡିକରେ ଗଣମାଧ୍ୟମ ଗୁଡିକ ଟିକିଏ ସମ୍ବେଦନଶୀଳ ହେବା ଉଚିତ । ଭାରତୀୟ ଗଣମାଧ୍ୟମ ଗୁଡିକ ପୀଡିତ ନାରୀର ପରିଚୟ ଏବଂ ଚେହେରା ସାର୍ବଜନୀନ କରିବା ଉପରେ ଯେଉଁଭଳି ରୋକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲଗାଯାଇଛି ସେହି ପରି ପୁରୁଷଙ୍କ କ୍ଷେତ୍ରରେ ଏହା କାହିଁକି ଲାଗୁ ହେବନାହିଁ ?

ପତ୍ନୀଙ୍କ ଦ୍ୱାରା ଦାୟର ମିଥ୍ୟା ମାମଲା ଯୋଗୁଁ ପୁରୁଷଙ୍କ ସରସ ସୁନ୍ଦର ଜୀବନ ନଷ୍ଟ ହୋଇଯାଉଛି । ନାରୀଙ୍କ ସୁରକ୍ଷା ପାଇଁ ପ୍ରଣୀତ ଆଇନର ସହାୟତାରେ ନାରୀମାନେ ପୁରୁଷଙ୍କ ଜୀବନ ସହ ଖେଳୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପୁରୁଷ ସମାଜକୁ ଏହିଭଳି ମିଥ୍ୟା ମାମଲା କବଳରୁ ରକ୍ଷା କରିବା ପାଇଁ କୌଣସି କମିଶନ ନଥିବା ବେଳେ ସରକାର ମଧ୍ୟ ଏଥି ପ୍ରତି ଧ୍ୟାନ ହେଉନାହାନ୍ତି ଫଳସ୍ୱରୂପ ପୀଡ଼ିତ ପୁରୁଷ ଏବଂ ପରିବାର ଉପଯୁକ୍ତ ନ୍ୟାୟ ପାଇବାରେ ବିଫଳ ହେଉଛନ୍ତି । ପୁରୁଷ ଏବଂ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ସରକାର ପୁରୁଷ କମିଶନ ଗଠନ କରିବା ହେବ । ଆମମାନଙ୍କ ମନରେ ଏକ ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ ପୁରୁଷ କମିଶନ ଗଠିତ ହେଲେ କ'ଣ ପୁରୁଷଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଅନ୍ତ ଘଟିବ ? କାରଣ ଏନସିଆରବିର ପରିସଂଖ୍ୟାନ ଦର୍ଶାଉଛି ଦେଶରେ ଜାତୀୟ ମହିଳା କମିଶନ ଗଠନ ହେବା ପରେ ମଧ୍ୟ ନାରୀଙ୍କ ପ୍ରତି ହିଂସା ଓ ଅତ୍ୟାଚାରରେ କୌଣସି ହ୍ରାସ ହୋଇନାହିଁ । ଏଣୁ ସରକାର ପୁରୁଷଙ୍କ ସୁରକ୍ଷା ପାଇଁ ଗଠିତ ବିଭିନ୍ନ ସଂଗଠନ ମାଧ୍ୟମରେ ସେମାନଙ୍କ ଦୁଃଖ ହରଣ କରିବାକୁ ଚେଷ୍ଟା କରିବାକୁ ହେବ । ଏଥି ସହ ଆମ ଆଇନ ବ୍ୟବସ୍ଥାରେ ଯେଉଁ କେତେକ ଛିଦ୍ର ରହିଛି, ସେଗୁଡିକୁ ସଜାଡ଼ିବାକୁ ପଡ଼ିବ । ପରିଶେଷରେ ଗୋଟିଏ କଥା - ନାରୀମାନେ ସଶକ୍ତ ହୁଅନ୍ତୁ କିନ୍ତୁ ସଶକ୍ତୀକରଣ ନାମରେ କୌଣସି ପୁରୁଷର ଜୀବନ ବଳି ନପଡୁ ।

ରାମନାଗୁଡା, ରାୟଗଡ଼ା

୭୦୭୭୯୫୧୩୫୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଇଂରାଜୀ ଲୋକପ୍ରିୟ କାହିଁକି ?



ଅସିତ ମହାନ୍ତି

*ଇଂରାଜୀ କାହିଁକି ବିଶ୍ୱରେ ଲୋକପ୍ରିୟ ଭାଷା ହୋଇପାରିଲା ?*

ଆପଣ କେବେ ଚିନ୍ତା କରିଛନ୍ତି କି ଇଂରାଜୀ ଏତେ ଲୋକପ୍ରିୟ ଭାଷା କାହିଁକି ? ଯଦି ତୁମେ ତୁମର କ୍ୟାରିଅରରେ ଆଗକୁ ବଢିବାକୁ ଚାହୁଁଛ, ତୁମେ କାହିଁକି ଇଂରାଜୀ ଜାଣିବା ଆଶା କରାଯାଏ ? ଏହା କେବଳ ଭାରତରେ ନୁହେଁ, ବିଶ୍ୱର ଅଧିକାଂଶ ଦେଶରେ । ମାତୃଭାଷା ବ୍ୟତୀତ ଆପଣ ଇଂରାଜୀରେ କଥା ହେବାକୁ ସକ୍ଷମ ହେବେ ବୋଲି ଆଶା କରାଯାଏ । ଇଂରାଜୀ ବିଷୟରେ ଏତେ ବିଶେଷ କଣ କଣ ଅଛି, ଏହା ଦୁନିଆର ସବୁଠାରୁ ଶକ୍ତିଶାଳୀ ଭାଷା ହୋଇପାରିଲା । ଏହା ଗ୍ଲୋବାଲ୍ ଭାଷାଭାବେ ଜଣାଶୁଣା କାହିଁକି ? ଇତିହାସକୁ ଦେଖିଲେ ଉତ୍ତର ବ୍ରିଟିଶ ସାମ୍ରାଜ୍ୟରୁ ଆରମ୍ଭ ହୁଏ । ଦୁନିଆର ସବୁଠୁ ବଡ ସାମ୍ରାଜ୍ୟ । ୨୦୦ ବର୍ଷ ଧରି ବ୍ରିଟେନ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଥିଲା । କାନାଡା ଠାରୁ ଭାରତ, ଅଷ୍ଟ୍ରେଲିଆରୁ ନାଇଜେରିଆ, କାରିବିଆନ୍ ଠାରୁ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ । ବ୍ରିଟିଶ ସାମ୍ରାଜ୍ୟ ଏକଦା ପୃଥିବୀର ଏକ ତୃତୀୟାଂଶ ଲୋକଙ୍କ ଉପରେ ଶାସନ କରିଥିଲା । ବର୍ଷ ୧୯୨୨ ଥିଲା ଯେତେବେଳେ ଏହି ସାମ୍ରାଜ୍ୟ ଶିଖରରେ ଥିଲା । ଏହା ଦୁନିଆର ଏକ ବଡ଼ ଅଂଶ ଦଖଲ କରୁଥିଲା, ଯାହା ପୂର୍ବ ଅପେକ୍ଷା ବଡ ଥିଲା । ଏହି ଅଞ୍ଚଳର ୨୫% ଏହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସମୟରେ ବ୍ରିଟିଶ ସାମ୍ରାଜ୍ୟର ଅଧୀନରେ ଥିଲା । ଯଦି ଆପଣ ବିଶ୍ୱ ମାନଚିତ୍ରର ଗୋଟିଏ କୋଣ ଆରମ୍ଭ କରନ୍ତି, ନ୍ୟୁଜିଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ମାଲେସିଆ, ସିଙ୍ଗାପୁର, ବାଂଲାଦେଶ, ଭାରତ, ପାକିସ୍ଥାନ, ୟୁଏଇ, ଅନେକ ଆଫ୍ରିକୀୟ ଦେଶ, ବ୍ରିଟେନ ଏବଂ କାନାଡା ପର୍ଯ୍ୟନ୍ତ । ଏହି ସମସ୍ତ ବ୍ରିଟିଶ ସାମ୍ରାଜ୍ୟର ଅଧୀନରେ ଥିଲା । ଏକ ପ୍ରବାଦ ଥିଲା ଯେ 'ସୂର୍ଯ୍ୟ ବ୍ରିଟିଶ ସାମ୍ରାଜ୍ୟ ଉପରେ କେବେ ବି ଅସ୍ତ ହୁଅନ୍ତି ନାହିଁ । ମୋଟ ଉପରେ, ୪୫୦ ମିଲିୟନ ଜନସଂଖ୍ୟା ଏହି ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ ଥିଲା । ବ୍ରିଟିଶ ସାମ୍ରାଜ୍ୟ ଏତେ ଦେଶକୁ ଉପନିବେଶ କରୁଥିଲା । ଏବଂ ଉପନିବେଶର ଲୋକମାନେ, ଯଦି ସେମାନେ ଭଲ କ୍ୟାରିୟର କରିବାକୁ ଚାହାଁନ୍ତି, ଯଦି ସେମାନେ ଭଲ ଚାକିରି ଚାହୁଁଛନ୍ତି, ତେବେ ସେମାନଙ୍କୁ ଇଂରାଜୀ ଭାଷା ଶିଖିବାକୁ ପଡିବ । ସେଥିପାଇଁ ଉପନିବେଶିତ ଦେଶମାନଙ୍କରେ ଇଂରାଜୀକୁ 'ଭାଷା ଅଭିଜାତ୍ୟ ଭାଷା ଭାବରେ ବିବେଚନା କରାଯାଉଥିଲା । ଯଦି ତୁମେ ଶିକ୍ଷିତ ଏବଂ ଭଲ ଚାକିରି ପାଇଥାଅ, ତେବେ ନିଶ୍ଚିତ ଭାବରେ, ଆପଣ ଇଂରାଜୀ ଜାଣିଥିବେ । କିନ୍ତୁ ଯେତେବେଳେ ବ୍ରିଟିଶ ସାମ୍ରାଜ୍ୟର ପତନ ଆରମ୍ଭ ହେଲା ସେତେବେଳେ କଣ ହେଲା ? ୧୯୫୦ ଦଶକର ଅଧିକାଂଶ ଉପନିବେଶଗୁଡିକ ସେମାନଙ୍କର ସ୍ୱାଧୀନତା ହାସଲ କରିଥିଲେ । କିମ୍ବା ସେମାନେ ଏକ ଶକ୍ତିଶାଳୀ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିଥିଲେ । ବ୍ରିଟିଶମାନଙ୍କୁ ଦେଶ ଛାଡିବାକୁ ପଡିଲା ଏବଂ ଏହି ଦେଶଗୁଡ଼ିକୁ ସ୍ୱାଧୀନତା ହାସଲ କଲେ । ଏହି ଦେଶ ମଧ୍ୟରୁ ଗୋଟିଏ ହେଲା ଭାରତ । ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ଅଧିକାଂଶ ଉପନିବେଶରେ ଇଂରାଜୀ ଏକ ସରକାରୀ କିମ୍ବା ଜାତୀୟ ଭାଷା ଭାବରେ ରହିଲା । କାହିଁକି ? ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କାରଣ ଥିଲା । ଉଦାହରଣ ସ୍ୱରୂପ ଭାରତକୁ ନିଆଯାଉ । ଯେତେବେଳେ ଭାରତର ସମ୍ବିଧାନ ପ୍ରସ୍ତୁତ କରାଯାଉଥିଲା, ସେତେବେଳେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଧାନସଭା ଏହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲା । ଭାରତରେ ଏକ ସରକାରୀ ଭାଷା ଭାବରେ ଇଂରାଜୀ ବ୍ୟବହାର କରାଯିବା ଉଚିତ କି କେବଳ ହିନ୍ଦୀ ବ୍ୟବହାର କରାଯିବା ଉଚିତ ? ଅନେକ ଲୋକ ହିନ୍ଦୁସ୍ତାନୀଙ୍କୁ ଦେଶର ଜାତୀୟ ଭାଷା ହେବାକୁ ପସନ୍ଦ କରିଥିଲେ । ହିନ୍ଦୀ ଏବଂ ଉର୍ଦ୍ଦୁ ମିଶ୍ରିତ ଭାଷା । କିନ୍ତୁ ଅନେକ ଲୋକ ବିଶ୍ୱାସ କଲେ ଯେ ଇଂରାଜୀ ସରକାରୀ ଭାଷା ଭାବରେ ଜାରି ରହିବ । ଏହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ ଡକ୍ଟର ବି.ଆର୍ ଆମ୍ବେଦକର । ସେ ବିଶ୍ୱାସ କରୁଥିଲେ ଯେ ଦଳିତ ସମ୍ପ୍ରଦାୟକୁ ଇଂରାଜୀ ଭାଷାର ପ୍ରତିନିଧିତ୍ୱ କରିବାର ସର୍ବୋତ୍ତମ ଉପାୟ ହେଉଛି ସର୍ବୋତ୍ତମ ବିକଳ୍ପ । ବାସ୍ତବରେ, ସେ ବିଶ୍ୱାସ କରୁଥିଲେ ଯେ ଭାରତର ସମସ୍ତ ସମ୍ପ୍ରଦାୟ ମଧ୍ୟରୁ ଇଂରାଜୀ ହେଉଛି ଏକମାତ୍ର ଭାଷା ଯାହା ଅନ୍ୟ ସମସ୍ତଙ୍କ ସହିତ ସମାନ ଅଟେ । କୌଣସି ସମ୍ପ୍ରଦାୟ ପାଇଁ ଏକ ଅତିରିକ୍ତ ସୁବିଧା ନାହିଁ । ତାଙ୍କ ବ୍ୟତୀତ ଦକ୍ଷିଣ ଭାରତର ଅନେକ ନେତା ମଧ୍ୟ ଏହାକୁ ନେଇ ଚିନ୍ତିତ ଥିଲେ । ସେମାନେ ବିଶ୍ୱାସ କରିଥିଲେ ଯେ ହିନ୍ଦୀ ହେଉଛି ଏକ ଉତ୍ତର ଭାରତୀୟ ଭାଷା ଏବଂ ଯଦି ଏହା ଜାତୀୟ ଭାଷା ହୋଇଯାଏ, ତେବେ ଦକ୍ଷିଣ ଭାରତ ପ୍ରତିନିଧିତ୍ୱ କମ ହେବ । ସେଥିପାଇଁ ଭାରତରେ ଦୁଇଟି ସରକାରୀ ଭାଷା ହେବ ବୋଲି ନିଷ୍ପତ୍ତି ନିଆଗଲା । ହିନ୍ଦୀ ଏବଂ ଇଂରାଜୀ । କିନ୍ତୁ ସେହି ସମୟରେ, ପରବର୍ତ୍ତୀ ୧୫ ବର୍ଷ ମଧ୍ୟରେ, ସେମାନେ ଇଂରାଜୀକୁ ଫେଜ୍ କରିବା ପାଇଁ କାର୍ଯ୍ୟ କରିବେ କାରଣ ସ୍ୱାଧୀନତା ସମୟରେ ଇଂରାଜୀକୁ ଉପନିବେଶକାରୀଙ୍କ ଭାଷା ଭାବରେ ମଧ୍ୟ ଦେଖାଯାଉଥିଲା । ଯେହେତୁ ଏହା ବ୍ରିଟିଶମାନଙ୍କ ଦ୍ୱାରା କଥିତ ଭାଷା ଥିଲା, ଏହାକୁ ପ୍ରୋତ୍ସାହନ ଦେବା ଉଚିତ୍ ନୁହେଁ । କୁହାଯାଇଥିଲା ଯେ ୧୯୬୫ ସୁଦ୍ଧା ଇଂରାଜୀ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ । ଯଦିଓ, ସଂସଦ ଇଂରାଜୀ ବ୍ୟବହାର ଜାରି ରଖିପାରିବ ବୋଲି ସଂସଦକୁ ବିକଳ୍ପ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଆଯାଇଥିଲା । ୧୯୬୭ ରେ, ଏକ ଇଂରାଜୀ ହଟାଓ (ଇଂରାଜୀ ଅପସାରଣ) ଆନ୍ଦୋଳନ ମଧ୍ୟ ଆରମ୍ଭ କରାଯାଇଥିଲା । ସେହି ଇଂରାଜୀ ସମ୍ପୂର୍ଣ୍ଣ ରୂପେ ପର୍ଯ୍ୟାୟଭୁକ୍ତ ହେବା ଉଚିତ୍ । କିନ୍ତୁ ତାହା ହୋଇପାରିଲା ନାହିଁ । କାରଣ ଏହି ଆନ୍ଦୋଳନକୁ ଦକ୍ଷିଣ ଭାରତୀୟ ନେତାଙ୍କଠାରୁ ଅନେକ ପ୍ରତିରୋଧ କରିବାକୁ ପଡ଼ିଲା । ଏବଂ ନିଶ୍ଚିତ ଭାବେ, ସେମାନଙ୍କର ପ୍ରଶ୍ନ ମଧ୍ୟ ଯଥାର୍ଥ ଥିଲା, ସେମାନେ ପଚାରିଲେ ହିନ୍ଦୀ କାହିଁକି ମନୋନୀତ ହେବା ଉଚିତ୍, ତାମିଲ କାହିଁକି ନୁହେଁ ? ଏବଂ ଏହି କାରଣରୁ, ଇଂରାଜୀ ତଥାପି ଏକ ସରକାରୀ ଭାଷା ଅଟେ । ତେଣୁ, ଉପରୋକ୍ତ ଆଲୋଚନାରୁ ଏହା ଜଣା ପଡିଲା ଯେ ବ୍ରିଟେନ ଦ୍ୱାରା ଉପନିବେଶିତ ଦେଶମାନଙ୍କରେ ଇଂରାଜୀ କୁହାଯାଉଛି । ତେବେ ଇଂରାଜୀ କିପରି ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ବ୍ୟାପିଗଲା ? ଏହାର ଉତ୍ତର ଗତ ୫୦ -୭୦ ବର୍ଷ ମଧ୍ୟରେ ଲୁଚି ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହଯୋଗୀ ଦେଶ ଆକ୍ସିସ୍ ଦେଶକୁ ପରାସ୍ତ କରିଥିଲେ । ବ୍ରିଟେନ୍, ଆମେରିକା ଏବଂ ଫ୍ରାନ୍ସ ଭଳି ସହଯୋଗୀ ଦେଶ ଜର୍ମାନୀ, ଜାପାନ ଏବଂ ଇଟାଲୀ ଭଳି ଦେଶକୁ ପରାସ୍ତ କଲେ । ପ୍ରଥମ କଥା ହେଉଛି ଯେଉଁ ଦେଶମାନେ ଏହି ଯୁଦ୍ଧରେ ଜିତିଲେ , ସେମାନଙ୍କ ସଂସ୍କୃତି ବିଶ୍ୱ ଉପରେ ପ୍ରାଧାନ୍ୟ ବିସ୍ତାର କଲା । ଯେହେତୁ ବ୍ରିଟେନ ଏବଂ ଆମେରିକାରେ ଇଂରାଜୀ କୁହାଯାଉଥିଲା, ଏହା ବିଶ୍ୱ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଆମେରିକା ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ, ଆମେରିକା ହେଉଛି ଏକମାତ୍ର ଦେଶ ଯେଉଁଥିରେ ବିପୁଳ ପରିମାଣର କ୍ଷତି ହୋଇନଥିଲା । ବିକଶିତ ୟୁରୋପୀୟ ଦେଶଗୁଡ଼ିକ ବିନଷ୍ଟ ହୋଇଗଲେ । ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇଥିଲା । କିନ୍ତୁ ଆମେରିକାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଏକ ବଡ଼ ଅର୍ଥନୈତିକ ଅଭିବୃଦ୍ଧି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘଟିଲା । ୧୯୫୦ ଦଶକ ପରେ ସୋଭିଏତ୍ ୟୁନିଅନ୍ ସହିତ ଆମେରିକା ଏକ ସୁପର ପାୱାର୍ ଭାବରେ ଆସିଲା । ପୁଞ୍ଜିବାଦ ସାହାଯ୍ୟରେ ଆମେରିକୀୟ ବ୍ୟବସାୟ ସମଗ୍ର ବିଶ୍ୱରେ ବିସ୍ତାର କରିବାକୁ ଲାଗିଲା । ଶୀର୍ଷ ବ୍ୟବସାୟ ବିଦ୍ୟାଳୟଗୁଡ଼ିକ ଇଂରାଜୀରେ ଶିକ୍ଷାଦାନ ଆରମ୍ଭ କଲେ । ବାଣିଜ୍ୟ ଏବଂ ବ୍ୟବସାୟ ପାଇଁ ଇଂରାଜୀ ଭାଷା ହେଲା । ଆମେରିକାର ମ୍ୟୁଜିକାଲ୍ ବ୍ୟାଣ୍ଡ, ସେମାନଙ୍କର କାର୍ଯ୍ୟ ଇଂରାଜୀରେ ରିଲିଜ୍ କରିବା ଆରମ୍ଭ କଲେ ଏବଂ ବିଶ୍ୱବ୍ୟାପୀ ଲୋକପ୍ରିୟ ହେବାକୁ ଲାଗିଲା .. ଏଥିସହ ଚଳଚ୍ଚିତ୍ର ନିର୍ମାତାମାନଙ୍କ ମଧ୍ୟରେ ସମାନ କଥା ଦେଖିବାକୁ ମିଳିଥିଲା । ହଲିଉଡ ଚଳଚ୍ଚିତ୍ର ଏବଂ ଆମେରିକୀୟ ଟେଲିଭିଜନ ଧାରାବାହିକ ବିଶ୍ୱବ୍ୟାପୀ ସମ୍ବେଦନଶୀଳ ହେଲା । ଏହି ସବୁ ଦିଗରେ ଆମେରିକାର ସର୍ବୋତ୍ତମ ଟେକ୍ନୋଲୋଜି ଥିଲା । ଏହି କାରଣରୁ, ଆମେରିକୀୟ ସଂସ୍କୃତି ସମଗ୍ର ବିଶ୍ୱରେ ବ୍ୟାପିଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଏହାର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି କୁହାଯାଏ, କାରଣ ଅନେକ ଲୋକ ବିଶ୍ୱାସ କରନ୍ତି ଯେ, ଯଦି ଜର୍ମାନୀ ଏବଂ ଆକ୍ସିସ୍ ଶକ୍ତି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟୀ ହୋଇଥାନ୍ତେ ତେବେ ବୋଧହୁଏ ଜର୍ମାନ ଆଜି ବିଶ୍ୱରେ ଅଧିକ ପ୍ରଭାବଶାଳୀ ଭାଷା ହୋଇଥାନ୍ତା । ବୋଧହୁଏ ବର୍ତ୍ତମାନ ବିଶ୍ୱସ୍ତରରେ ଚାଲିଥିବା ବାଣିଜ୍ୟ ଏବଂ ବ୍ୟବସାୟ ଅଧିକାଂଶ ୟୁରୋପୀୟ ଦେଶ ଉପରେ ଜର୍ମାନ ଭାଷା ଲାଗୁ ହୋଇଥାନ୍ତା । ଯଦି ଆଡଲଫ୍ ହିଟଲର ଜିତିଥାନ୍ତେ ? କିନ୍ତୁ ଆଜିର ବାସ୍ତବତା ହେଉଛି ଆମେରିକା ଏବଂ ବ୍ରିଟେନର ବିଜୟ ପରେ ଇଂରାଜୀ ଏକ ଶକ୍ତିଶାଳୀ ଭାଷା ବୋଲି ପ୍ରମାଣିତ ହେଲା । ଶେଷ ଏବଂ ଅନ୍ତିମ କାରଣ । ଅନ୍ୟ ସମସ୍ତ ଭାଷାକୁ ଛାଡ଼ିଦେଇ ୧୯୮୦ ଏବଂ ୧୯୯୦ ଦଶକ ପରେ ମଧ୍ୟ ଇଂରାଜୀ କିପରି ପ୍ରାଧାନ୍ୟ ବିସ୍ତାର କରିପାରିଲା ? ଏହା ପଛରେ କାରଣ ଆମେରିକାରେ ଇଣ୍ଟରନେଟର ଉଦ୍ଭାବନ ଘଟିଥିଲା । ଇଣ୍ଟରନେଟ୍ ସହିତ ଜଡିତ କମ୍ପାନୀଗୁଡିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମେରିକାରେ ଏପରି କରିଥିଲେ । ସେଥିପାଇଁ ଆଜି ଇଣ୍ଟରନେଟରେ ୬୩% ୱେବସାଇଟ୍, ଇଂରାଜୀରେ ବିଷୟବସ୍ତୁ ଅଛି । ଏବଂ ଖାଲି ସେତିକି ନୁହେଁ, କମ୍ପ୍ୟୁଟରର ଉଦ୍ଭାବନ ଏବଂ କିବୋର୍ଡର ଉଦ୍ଭାବନ । କିବୋର୍ଡ ଏବଂ ଟାଇପ୍ ରାଇଟର୍ ମଧ୍ୟ ଜଣେ ଆମେରିକୀୟଙ୍କ ଦ୍ୱାରା ଉଦ୍ଭାବିତ ହୋଇଥିଲା ? ତେଣୁ, ସେ ନିଜ ଭାଷା ଇଂରାଜୀରେ ଏହା କରିଥିଲେ । ତେଣୁ ସେଥିପାଇଁ ପ୍ରାରମ୍ଭରେ କମ୍ପ୍ୟୁଟରଗୁଡ଼ିକରେ କେବଳ ଇଂରାଜୀ କିବୋର୍ଡ଼ ଥିଲା । ତେଣୁ ଏହି ସମସ୍ତ ୱେବସାଇଟ୍ ଇଂରାଜୀରେ ବିକଶିତ ହେଲା । ସ୍ମାର୍ଟଫୋନ୍ ଯୁଗ ପରେ ହିଁ ଅନ୍ୟ ଭାଷାରେ ୱେବସାଇଟ୍ ଅଧିକ ସାଧାରଣ ହେବାରେ ଲାଗିଲା । ସ୍ମାର୍ଟ ଫୋନ୍ ପୂର୍ବରୁ, ଅନ୍ୟ ଭାଷାରେ କୀବୋର୍ଡ୍ ବହୁତ କ୍ୱଚିତ୍ ଥିଲା । ଏହାହିଁ ହେଉଛି କାରଣ ପୁରା ବିଶ୍ୱରେ ଇଂଲିଶ ନିଜର ପ୍ରଭାବ ବିସ୍ତାର କରିବାରେ ସଫଳ ହେଲା ।

ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତିର ଉନ୍ମୁକ୍ତ ଚେତନା



ପଙ୍କଜ କୁମାର
ପାଣିଗ୍ରାହୀ

ଆଜି ମୁଁ କହୁଛି, କାଲି ହୁଏତ ନଥିବି ! ତୁମେ ସବୁ ମୋ ସମସାମୟିକ ଭାବେ ମୋ କଥାକୁ ଶୁଣୁନାହଁ କିମ୍ବା ହତାଦର କରୁଅଛ । ସେଇଥିରେ ମୋର ତିଳେ ହେଲେ ଦୁଃଖ କି କ୍ଷୋଭ ନାହିଁ । କାରଣ ମୁଁ ନିଜର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କାର୍ଯ୍ୟ କରୁନାହିଁ କିମ୍ବା ମୋ ପଛରେ ମୋର ପୂଜା ଅର୍ଚ୍ଚନା କରାଯିବା ଲକ୍ଷ୍ୟ ନାହିଁ । ଅଜ୍ଞାନ ଦୁଃସ୍ଵୃତଙ୍କ ଛନ୍ଦରେ ବନ୍ଧା ଜୀବନ ତୁମର ଯେ କେବଳ ପୋକ ମାଛି ପରି ଜନ୍ମ ହୋଇ ନିର୍ବୋଧ ଜୀବନଯାପନ କରି ମରିବା ଛଡା ମନୁଷ୍ୟ ଜୀବନର ପ୍ରକୃତ ଆନନ୍ଦ ପାଇବା ସାତ ସ୍ୱପ୍ନ ! ତୁମେ ଆଜି ଯେଉଁ ବାଟର ବାଟୋଇ ହୋଇ ପଥ ଅତିକ୍ରମ କରୁଛ ସେହି ବାଟ କେବଳ କଣ୍ଟକିତ, ଅବାଟ । ଜୀବନର କରାଳତାରେ ଯନ୍ତ୍ରଣାରୁ ନିସ୍ତାର ନାହିଁ । ଭାବୁଛ ସେମାନେ ତୁମକୁ ପରୀ ରାଇଜରେ ବୁଲାଇ ଆଣିବେ ? ! ନର୍କ ଠାରୁ ଘୃଣ୍ୟ କର୍ମ କରି ଜୀବନ ଦରିଆର ପରାକ୍ରମ ନାଉରୀ ଭଳି ଅଭିନୟ କରି ସେମାନଙ୍କ ଝୋଲିରେ ଭରିଦେଉଅଛ ଅପାସୋରା କଷ୍ଟର ଅମୃତ ଆସର ! ଲୁଣ୍ଠିତ ଜୀବନ ଯେ କେଉଁ ମାର୍ଗରେ ପରିଚାଳିତ ନିଘା ନାହିଁ ତୁମର ଜାଣିବା ପାଇଁ ! ଭାବୁଛ ସେମାନେ ପ୍ରକୃତରେ ସୁଖଦାୟୀ, କାର୍ଯ୍ୟରତ ଦିବା ନିଶି ତୁମ ପାଇଁ ! ସେ ଛଳନାର ଅନ୍ତ ନାହିଁ କି ତୁମ ପ୍ରତାରଣାର ମାପ ନାହିଁ ! ଅପାସୋରା ସେହି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହାଣୀ ଯେ ଯୁଗ ଯୁଗର ଅଦ୍ୟାବଧି କେବଳ ଛଳନା, ପ୍ରତାରଣା ଛଡା ବାସ୍ତବତା ଦର୍ଶାଇବା ମଣିଷ ଜଣେ ହେଲେ ନାହିଁ ଯାହାଙ୍କୁ ତୁମେ ଶୀର୍ଷାଶୀତ କରି ରଖି ଆସୁଅଛ କାଳ କାଳ ଧରି । ସେମାନଙ୍କ ଦ୍ୱାରା ଦର୍ଶାଯାଉଥିବା ସମୟସାପେକ୍ଷ ଚତୁର ଛନ୍ଦର ବୋଧତା ନାହିଁ କି ବିଚାର ! ଅନ୍ଧ ଭଳି ବିଶ୍ୱାସ କରି କରି ଚାଲିଥିବ ଆଉ କେତେଦିନ...... ? କ'ଣ ମଣିଷ ସମାଜ ବିଲୁପ୍ତ ହେବା ଯାଏଁ ? ! !

ବିକାଶର ସଜ୍ଞା କାହାକୁ ଜଣାନାହିଁ ! ଯାହା ଦେଖା ଯାଉଅଛି ତା'କୁ ହିଁ ବିକାଶ ବୋଲି ଭାବିବା ଏକ ନିର୍ବୋଧତା ଛଡା ଆଉ କିଛି ନାହିଁ ! ସାମାଜିକ ପରିବେଶରେ ପରିବର୍ତ୍ତନକୁ ବିକାଶ ବୋଲି କୁହାଯାଇ ପାରିବ ନାହିଁ ! କାରଣ ତାହା ଏକ ସମୟୋପୋଯୋଗୀ ପରିବର୍ତ୍ତନ ମାତ୍ର ! ପ୍ରକୃତ ବିକାଶ କହିଲେ କ'ଣ କେହି ବୁଝନ୍ତି ନାହିଁ, ଏଇଥି ପାଇଁ ଯେ ବିକାଶର ସ୍ଲୋଗାନ୍(ଆହ୍ୱାନ) ଦେଉଥିବା ମଣିଷମାନେ ହିଁ ବିକଶିତ ନୁହନ୍ତି କି ବିକାଶର ସଜ୍ଞା ସେମାନଙ୍କୁ ମଧ୍ୟ ଜଣାନାହିଁ ! ସାଧାରଣ ମଣିଷ ଗୁଡିକୁ କେମିତି ପରିଚାଳିତ କଲେ ସ୍ୱାର୍ଥ ହାସଲ କରିହେବ କେବଳ ସେଇଥିରେ ଅହରହ ନିମଗ୍ନ କ୍ରୁର ଚତୁରଙ୍କ ମାୟାରେ ବାୟା ସମସ୍ତେ ଯେ ସେମାନଙ୍କ ଜୀବନର ମୂଲ୍ୟ କିଛି ନାହିଁ ! କୃତ୍ରିମ ସୁଖକୁ ବାସ୍ତବତାର ଚିତ୍ର କାଟି ନିତ୍ୟ ପ୍ର·ରରେ ବିମୁଗ୍ଧ ପ୍ରତାରିତ ଜୀବନ ପାଇଁ କାହାରି ଚିନ୍ତା ନାହିଁ ! ଯେତେବେଳେ ନିଜେ ନିଜର ମୂଲ୍ୟବୋଧ ନକରି କାହାରି ଉପରେ ନିର୍ଭର ଜୀବନ ତୁମର ତାହାର କୌଣସି ଉପଯୁକ୍ତ ମୂଲ୍ୟାୟନ ନାହିଁ ! ଯେଉଁ ସୁଖକୁ ତୁମେ ସୁଖ ବୋଲି ଭାବୁଛ ସେମାନଙ୍କ ପ୍ରେରଣାରେ ସମଭୂଷିତ ହୋଇ, ସେସବୁ ବାସ୍ତବିକ ଯମ ଯନ୍ତ୍ରଣା ଠାରୁ ମଧ୍ୟ କଷ୍ଟକର ହୋଇଥିଲେ ମଧ୍ୟ ଶୀତଳତାର ସହିତ ଗ୍ରହଣ କରିବାରେ ତୁମର ନିର୍ବୋଧତା ପ୍ରତି କାହାର କୌଣସି ବିଚାର ନାହିଁ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାରେ କହନ୍ତି ନିଜେ ମଲେ ସ୍ୱର୍ଗ ଦେଖିବ ! କିନ୍ତୁ ଏହା କହିବା ଲୋକଟି ମଧ୍ୟ ଜାଣି ନାହିଁ କି ମରିଥିବା ଲୋକଟି ସ୍ୱର୍ଗ ଦେଖିଲା କି ନାହିଁ ! ତେଣୁ ସ୍ୱର୍ଗ ଦେଖିବା ଆଶାରେ ନିଜକୁ ମୃତ୍ୟୁ ମୁଖକୁ ଠେଲିଦେବା କ'ଣ ଯୌକ୍ତିକ ବିଚାର ? ଠିକ୍ ସେହିଭଳି ଭବିଷ୍ୟତ ଉଜ୍ଜ୍ୱଳର ସ୍ଲୋଗାନ୍ ଦେଇ ବର୍ତ୍ତମାନକୁ ଜଟିଳତା ମଧ୍ୟରେ ପରିଚାଳିତ କରିବା କେତେ ଯୌକ୍ତିକ, ବିଚାର କରି ଦେଖନ୍ତୁ ପ୍ରତ୍ୟେକେ । ହୁଏତ ଏମିତି ମଧ୍ୟ ଦେଖିବାକୁ ପଡିପାରେ କି ବର୍ତ୍ତମାନର ଜଟିଳତା ଆଗକୁ ଆହୁରି ବ୍ୟାପକ ପରାକ୍ରମ ସୃଷ୍ଟି କରିବ ନାହିଁ ବୋଲି କୌଣସି ନିଦର୍ଶନ ଅଛିକି କାହା ପାଖରେ ? ଏହା ଏକ ଭାବନା ମାତ୍ର ! ସମୟ ସହିତ ତାଳଦେଇ ଚାଲିବା କଥା ଯେତେବେଳ ପର୍ଯ୍ୟନ୍ତ ସମୟ ଅନୁକୂଳରେ ଚାଲିଛି । କି'ନ୍ତୁ ସମୟ ପ୍ରତିକୂଳରେ ଚାଲିଲେ ନିଜକୁ ସନ୍ତର୍ପଣର ସହିତ କୂଳକୁ ଲାଗିବା ବ୍ୟବସ୍ଥା କରିବା କେବଳ ନିଜର ଦାୟିତ୍ୱ ! କାହା ଉପରେ ନିର୍ଭର କରି ଚାଲିବା ବାଚାଳାମି କେବଳ ! କାରଣ ବୁଡି ଯାଉଥିବା ନାଆ'ର ସମସ୍ତ ଯାତ୍ରୀ କେବଳ ନିଜସ୍ୱ ଜୀବନ ରକ୍ଷା କରିବାରେ ବ୍ୟସ୍ତ ରହିବା ସ୍ୱାଭାବିକ । ଆଉ କେହି ଜଣେ ମୋତେ ଉଦ୍ଧାର କରିବ ବୋଲି ଭାବିବା ଏକ ଅଲୌକିକ ବିଚାର ମାତ୍ର !

ଦୁନିଆରେ କେହି କାହାର କିଛି ନୁହନ୍ତି ! ଏକ ସମାଜ ଗଠନ କରି ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ଗଠିତ ମଣିଷ ସମାଜରେ ସମସ୍ତେ ସମସ୍ତଙ୍କ ପ୍ରତି କିଛି କର୍ତ୍ତବ୍ୟବୋଧତା ରଖିଥଲେ ମଧ୍ୟ ନିଜ ପ୍ରତି କେବଳ ନିଜେ ହିଁ ସତର୍କିତ ରହିବା ଏକାନ୍ତ ଆବଶ୍ୟକ ! ଗୋଟିଏ ପରିବାର ମଧ୍ୟରେ କୌଣସି ସାଙ୍ଘାତିକ ବିପତ୍ତି ସମୟରେ ମଧ୍ୟ କେହି କାହାକୁ ରକ୍ଷା କରିବାରେ ସମର୍ଥ ହୋଇ ପାରିବେ ନାହିଁ ! ତେଣୁ ସାମାଜିକ କ୍ଷେତ୍ରରେ କାହା ଉପରେ ବିଶ୍ୱାସ ରଖି ଭବିଷ୍ୟତ ବିଚାର କରି ବର୍ତ୍ତମାନକୁ ଜଳାଞ୍ଜଳି ଦେଉଥିବା ମଣିଷଙ୍କୁ ନିର୍ବୋଧ କହିବା ବ୍ୟତୀତ ଆଉ କ'ଣ କୁହା ଯାଇ ପାରେ ? ! ! ଷଡ଼ଯନ୍ତ୍ରୀ ସମାଜକୁ ଏମିତି ଗିଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାରିଲେଣି ଯେ ବର୍ତ୍ତମାନ ସମସ୍ତଙ୍କ ଆଖିରେ କେବଳ ଅନ୍ଧ ପୁଟୁଳି ବାନ୍ଧି, ସ୍ୱାର୍ଥାନ୍ଧ ହାସଲ କରି ଚାଲିଛନ୍ତି ନିଜସ୍ୱ ସ୍ୱାର୍ଥ ! ଶିକ୍ଷିତ ଅଜ୍ଞାନ ସେମାନଙ୍କ ପ୍ରରୋଚନାରେ ପଡି ନିଜକୁ ସେମାନଙ୍କ ସହିତ ସାମିଲ କରି ନିର୍ବୋଧଙ୍କୁ ଆଖିଠାର ଦେଉଛନ୍ତି ! ସମୟ ଅତ୍ୟନ୍ତ ଜଟିଳ ସ୍ତରକୁ ଆସି ବସିଲାଣି ! ତଥାପି ଚେତା ପଶୁନାହିଁ କାହାରି ! ଓଲଟା ଅବାସ୍ତବ ଆନନ୍ଦରେ ବିଭୋର ନିର୍ବୋଧଙ୍କୁ ବାଟ ମିଳୁନାହିଁ ବିବେଚନା କରିବା ପାଇଁ ! କି ଦୁର୍ଦ୍ଦିନ ଅନ୍ଧକାର ମାଡି ଆସିଲାଣି ଯାହା ଆଗକୁ କ'ଣ କରିବ ତାହାର ସୀମା ନାହିଁ ! ତଥାପି ସମସ୍ତେ ଆଜି ନିଶାରେ ନିଶାଗ୍ରସ୍ଥ କେବଳ ସେହି ଷଡ଼ଯନ୍ତ୍ରୀଙ୍କ ଅଲୌକିକ ପ୍ରସ୍ତାବରେ ! ଥରେ ହାତ ଗୁଡ଼ କହୁଣିକୁ ·ଲିଗଲା ପରେ ଆଉ ଚାଟିବା କଷ୍ଟ ହୋଇ ପଡିବ ପରବର୍ତ୍ତୀ ସମୟରେ, ବର୍ତ୍ତମାନ ଏକଥା କାହାର ଚେତନା ଜ୍ଞାନରେ ପଶୁନହିଁ ! ନିରୁପାୟ ସୀମିତ ସଦ୍‌ବୁଦ୍ଧ ଯାହାଙ୍କ ମାନ୍ୟତା ଅଗ୍ରହଣୀୟ ଆଜିର ଏହି ନିର୍ବୋଧ ସମାଜର ଗତି ଯାହା ହେବ ସମସ୍ତେ ସେହି ରାସ୍ତାରେ ଚାଲିବା ପାଇଁ ବାଧ୍ୟ ହେବେ ଏକ କଳୁଷିତ ଜୀବନ ଧାରଣ କରି ବଂଚିବା ପାଇଁ, ସେଇଥିରେ ତିଳେ ହେଲେ ସନ୍ଦେହ ନାହିଁ ! କିଁନ୍ତୁ କରିବା କଣ ? ! ! ସମୟ ଅଛି ବର୍ତ୍ତମାନ ମଧ୍ୟ ସୁଧୁରି ଯିବାକୁ ! ଉପଯୁକ୍ତ ପଦକ୍ଷେପ ନେବାକୁ ! ବିଚାର ଆପଣମାନଙ୍କର ! ଭାଗ୍ୟ ଆମ ସମସ୍ତଙ୍କର..... !

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୭୨୪୯୧୭.

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଓଡ଼ିଶାର ସଂସ୍କୃତି ଗଳ୍ପ



ତ୍ରିନାଥ ନନ୍ଦୀ

ସଂସ୍କୃତି, ସଂସ୍କୃତି କହିଲେ ଆମେ ଯେଉଁ ଅଞ୍ଚଳର ବିଷୟରେ ପରିପ୍ରକାଶ କରିବା ସେ ଅଞ୍ଚଳର ଲୋକକଥା, ପରମ୍ପରା, ଚାଲିଚଳଣୀ, ନୃତ୍ୟ ସଙ୍ଗୀତ ଓ ଅନ୍ୟାନ୍ୟ କଳାକୁ ବୁଝାଏ । ସେହିପରି ପ୍ରତେକଟି ରାଜ୍ୟର ମଧ୍ୟ ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି । ଯାହାକି ସେ ଅଞ୍ଚଳକୁ ବିଶ୍ୱ ଦରବାରରେ ପରିଚିତ କରିବାର ମୁଖ୍ୟ ଭୂମିକା ଗ୍ରହଣ କରେ । ସେହିପରି ଆମ ଓଡ଼ିଶାର ସଂସ୍କୃତି । ତାର ସଂସ୍କୃତି କେବଳ ସହର କି ମହାନଗରେ ପ୍ରସ୍ଫୁଟିତ ହୁଏ ନାହି । ସେଇ ସଂସ୍କୃତିର ଅଙ୍ଗ ସଦୃଶ ତାର ଲୋକକଥା, ପରମ୍ପରା, ଚାଲିଚଳଣୀ, ନୃତ୍ୟ ସଙ୍ଗୀତ ତାର ପ୍ରତିଟି ଗାଁର ଗଳିକନ୍ଦି ଠାରୁ ସହର ଯାଏ ପ୍ରସ୍ଫୁଟିତ ଓ ପରିପୂର୍ଣ୍ଣ । ତାର ସେଇ ସଂସ୍କୃତିର ଅନନ୍ୟ କୃତିକୁ ଅଙ୍ଗେ ଲିଭେଇବା ପାଇଁ ବର୍ଷ ସାରା ସାରା ରାଜ୍ୟରେ ପର୍ଯ୍ୟଟକଙ୍କର ଗହଳି ସୃଷ୍ଟି ହୁଏ । ତହାପୁଣି ବାଆକୁ ବତା ପରି ନୁହେଁ ପରନ୍ତୁ ମାସ ମାସ ଧରି । କେବଳ ଏତିକି ନୁହେଁ ତା'ର ସଂସ୍କୃତି ତାର ଧାନ ପାନରେ ମଧ୍ୟ ପରିପୂର୍ଣ୍ଣ । ତାର ସେଇ ଅପୁର୍ବ ସଂସ୍କୃତିକୁ ଦେଖିବା ମାତ୍ରେ କାନରେ ହାତ ଦେବା ଭଳି ପରିସ୍ଥିତି ସୃଷ୍ଟି ହୁଏ । ପର୍ଯ୍ୟଟକ ମାନେ ନିଜର ବ୍ୟସ୍ତ ବହୁଳ ଜୀବନରେ ଟିକେ ହସ ଖୁସି ପାଇଁ ସେମାନେ କିଛିଦିନ ପାଇଁ ଆମ ଓଡ଼ିଶାର ସଂସ୍କୃତିକୁ ମନପୁରି ଉପଭୋଗ କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଆସିଥାନ୍ତି । ହେଲେ କିଛି ଦିନ ବିତି ଗଲାପରେ ମନ କୁହେ ଛାତିକୁ ପଥର କରି ଆଉ ଦି ଦିନ ସେଇ ସଂସ୍କୃତିଟିକୁ ଟିକେ ମନ ପୁରେଇ ଉପଭୋଗ କରନ୍ତି କି ? ଯେତେବେଳେ ପର୍ଯ୍ୟଟକଟିଏ ତାର ସେଇ ଅଲୌକିକ କଥା ଜାଣିବା ପାଇଁ ଇଚ୍ଛାପ୍ରକାଶ କରନ୍ତି, ସେତେବେଳେ ଆମର ସେଇ ଓଡ଼ିଶା ପୁଅମାନେ ତାର ଅଲୌକିକ ବାଣୀକୁ ତାଙ୍କ ସମ୍ମୁଖରେ ବର୍ଣ୍ଣନା କରିନ୍ତି । ଯେତେବେଳେ ସେଇ ମହିମା ଶୁଣିବା ଶେଷ ହୋଇଯାଏ, ପର୍ଯ୍ୟଟକଟିଏ ପୁଣିଥରେ ସେଇ ଅଲୌକିକ କଥାକୁ ପୁଣି ଥରେ ବର୍ଣ୍ଣନା କରିବା ପାଇଁ ଓଡ଼ିଶା ପୁଅ ଆଗରେ ଫଟେଇ ହୁଏ । ଆମ ଓଡ଼ିଶାର ସେଇ ଅଲୌକିକ କୀର୍ତ୍ତିରାଜିକୁ ଟିକେ ଦର୍ଶନ କରି ନିଜର ଚକ୍ଷୁକୁ ପବିତ୍ର କରିବା ପାଇଁ ପର୍ଯ୍ୟଟକର ମନ ତାକୁ ନାକେଦମ କରିଦିଏ । ସତେ ଯେମିତି ତାଙ୍କ ମନ ତାଙ୍କ ପାଖରେ ନଥାଏ, ସେଇ ଓଡ଼ିଶାର ସଂସ୍କୃତି ପାଖରେ ଆସି ପହଞ୍ଚିଯାଏ । ଯେତେବେଳେ ପର୍ଯ୍ୟଟକର କର୍ମକ୍ଷେତ୍ରରେ ବୋଝ ଉପରେ ନଳିତା ବିଡା ଭଳି ପରିସ୍ଥିତି ସୃଷ୍ଟି ହୁଏ । ସେତେବେଳେ ସେ ଯଦି କୋଟି ଓଡ଼ିଆର ମଉଡମଣୀ ସାରା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଥାଆନ୍ତି ସେତେବେଳେ ତାଙ୍କର ପରିସ୍ଥିତି ସମ୍ପୁର୍ଣ୍ଣ ପରିବର୍ତ୍ତନ ହୋଇଯାଏ । ଦୁଃଖ ଯାଇ ସୁଖର ପରିସ୍ଥିତି ତାଙ୍କ ଆଗରେ ଖେଳେଇ ଯାଏ ।

ଜଣେ ପର୍ଯ୍ୟଟକ ହୁଅନ୍ତୁ ବା ଭକ୍ତ ସେ ଯଦି ସେଇ ଜଗତର ନାଥ ଜଗନ୍ନାଥଙ୍କ ଭଜନକୁ ଶୁଣୁଥାଆନ୍ତି ତେବେ ତାଙ୍କ କଣ୍ଠରେ ସେ ଗାଇ ଉଠନ୍ତି । ଆମ ପୈରାଣିକ ପରମ୍ପରା ସାରା ବିଶ୍ୱ ଖୁବ୍ ଆନନ୍ଦରେ ଉଲ୍ଲାସର ସହିତ ପାଳନ କରନ୍ତି । ଅତୀତର ମଠ ମନ୍ଦିର କିର୍ତ୍ତୀରେ ଭରା ଆମ ଏଇ ଓଡ଼ିଶା । ସାରା ଜଗତର ନାଥ ଜଗନ୍ନାଥଙ୍କ ରତ୍ନବେଦୀ ଠାରୁ ବଡଦାଣ୍ଡ ପର୍ଯ୍ୟନ୍ତ ପୁଣି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ପର୍ଯ୍ୟନ୍ତ ସବୁଠି ବର୍ଷ ସାରା ପର୍ଯ୍ୟଟକ ଓ ଭକ୍ତଙ୍କ ଗହଳି । ସତେ ଯେମିତି ଜଗତର ନାଥ ଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୋଷ ଯାତ୍ରା ସମୟରେ ଭକ୍ତମାନଙ୍କର ସମାବେଶ ପାଲଟିଯାଏ ବିଶାଳ ଜନ ସମୁଦ୍ର । ଭକ୍ତ ଭଗବାନଙ୍କର ଆଖି ଓ ଆଖିରେ ହୁଏ ଅପୂର୍ବ ମିଳନ । ବର୍ଷରେ ଥରେ ମହାବାହୁଙ୍କର ଏହି ଅପୂର୍ବ ମିଳନ ଘଟିଥାଏ । ଭକ୍ତ ହୋଇଯାଏ ଭଗବାନଙ୍କ ରଥର ସାରଥି । ଭକ୍ତଙ୍କ ମନ ଏତେ ବ୍ୟାକୁଳ ହୋଇଉଠେ ଯେ ନାଚୁ ନଥିବା ପାଦ ସେଠି ଘୁଙ୍ଗୁର ବାନ୍ଧି ଗୀତ ଗାଉଥିବା ଭକ୍ତଟିଏ ଗୀତ ଗାଏ, ସତେ ଯେମିତି ଜଣେ ପ୍ରସିଦ୍ଧ ଗାୟକ । ଘଣ୍ଟ ଘଣ୍ଟାର ସ୍ୱର ହୁଳହୁଳି ଭକ୍ତଙ୍କ ମନର ଭକ୍ତି ଗୀତ ତାଳେ ତାଳେ ଜଗା ତା ଭାଇ ଭଉଣୀଙ୍କୁ ଧରି ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ଧାଇଁ ଆସେ । ବଡ଼ଦାଣ୍ଡ ସିନା ଜନ ସମୁଦ୍ର ପାଲଟି ଯାଏ, ହେଲେ ଯେଉଁ ଭକ୍ତଟିଏ ତା ନିକଟକୁ ଯାଇପାରେ ନା ସେ କିନ୍ତୁ ତା ଆଖିରେ ଆଖି ମିଳେଇ ବା ପାଇଁ ନିଜ ଘରେ ଆଜିର ଯାନ୍ତ୍ରିକ ଯୁଗରେ ଦୂରଦର୍ଶନ ମାଧ୍ୟମରେ ତାର ଦର୍ଶନ କରି ଅପୂର୍ବ ମିଳନର ଅଧିକାରୀ ହୋଇଥାଏ । ଭକ୍ତ ଭଗବାନଙ୍କ ଅପୂର୍ବ ମିଳନ ଭିତରେ କାଳିଆ ଯାଇ ପହଞ୍ଚିଯାଏ ତା ମାଉସୀ ଘର ନିକଟରେ । ପୁଣି ନଅ ଦିନ ମାଉସୀଙ୍କ ସହ ଭାବର ଆଦାନ ପ୍ରଦାନ । ପିଠା ପଣାର ଆସର ସରେ, ସେ ପୁଣି ମାଉସୀ ଘର ଛାଡ଼ି ବାହୁଡ଼ା ଯାତ୍ରାରେ ଶ୍ରୀଗୁଣ୍ଡିଚାକୁ ପ୍ରତ୍ୟାବର୍ତ୍ତନ କରେ । କଥାରେ ଅଛି "ଯିଏ ରଥରେ ସେଇ କାଳିଆ ସାଆନ୍ତଙ୍କୁ ଦର୍ଶନ କରେ ତା'ର ପୁନର୍ଜନ୍ମର ବାଧା ଲାଗେ ନାହିଁ । ଭକ୍ତ ପୁଣି ଡାକିଦିଏ ହେ ମହାବାହୁ ବଞ୍ଚି ରହିଥିଲେ ପୁଣି ଆର ବରଷକୁ ତୋର ଏହି ଅପୂର୍ବ ମିଳନରେ ମୁଁ ଯୋଗ ଦେବି । ସେଇ ଜଗନ୍ନାଥଙ୍କର ଅପୂର୍ବ ଅଲୌକିକ ଯାତ୍ରା କେବଳ ଓଡ଼ିଶା ନୁହେଁ ସାରା ବିଶ୍ୱବାସୀ ଉପଭୋଗ କରନ୍ତି । ଅନେକ ବୈଦେଶିକ ପର୍ଯ୍ୟଟକ ତାଙ୍କର ଏହି ଅପୂର୍ବ ଦୃଶ୍ୟକୁ ଦର୍ଶନ କରିବା ପାଇଁ ମାସ ମାସ ଧରି ଏଇଠି ବସବାସ କରନ୍ତି । ସେଇ କାଳିଆ ଆମ ଓଡ଼ିଶା ଜାତିର ପ୍ରାଣ, ତାରି ନିର୍ଦ୍ଦେଶରେ ଆଜି ଏ ସାରା ବିଶ୍ୱ ପରିଚାଳିତ । କେବଳ ଏତିକିରେ ସରେ ନାହିଁ ଆମ ପୌରାଣିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରମ୍ପରା ।

ଆମ ରାଜ୍ୟର ରାଜଧାନୀ ମନ୍ଦିର ମାଳିନୀ ସହର ଭାବରେ ପରିଚିତ । ଯେଉଁଠି ବାବା ଶିବଙ୍କ ଲିଙ୍ଗରାଜ ପୀଠ ଠାରୁ ରାଜାରାଣୀ ମନ୍ଦିର ରାମ ମନ୍ଦିର ଏହିଭଳି ଅନେକ ମନ୍ଦିର ରହିଅଛି । ଆମ ଓଡ଼ିଶାର ଏକ ଅନନ୍ୟ ମନ୍ଦିର ରହିଛି ଯାହାକି ଆମ ଏସିଆ ମହାଦେଶର ସର୍ବବୃହତ । ସେଇ ପୌରାଣିକ ମନ୍ଦିର ପୁଣି ବାଲିର ସହର ବାଲେଶ୍ୱରର ଭୋଗରାଇ ବ୍ଲକର ଏକ ଛୋଟ ଗାଁରେ ଅବସ୍ଥିତ ବାବା ଭୁଷଣ୍ଡେଶ୍ୱର ମନ୍ଦିର । ଯାହାକି ଆଜକୁ ଶହ ଶହ ବର୍ଷ ପୂର୍ବରୁ ସ୍ଥାପିତ । ସେଠି ଅଧିକ ମାତ୍ରାରେ ବୈଦେଶିକ ପର୍ଯ୍ୟଟକମାନଙ୍କ ଗହଳି ନଥିଲେ ମଧ୍ୟ, ସାରା ଓଡ଼ିଶାର କୋଣ ଅନୁକୋଣରୁ ସେଠାକୁ ଭ୍ରମଣ ପାଇଁ ଆସନ୍ତି । ବିଶେଷତଃ ଶିବଙ୍କର ପର୍ବ ଜାଗର ପର୍ବରେ ଅନେକ ଶ୍ରଦ୍ଧାଳୁମାନେ ଉପବାସ କରି ଜାଗର ଜାଳନ୍ତି । ସେଇ ମନ୍ଦିରର ପୌରାଣିକ କାହାଣୀ ଖୁବ୍ ନିଆରା । ଯେତେବେଳେ କୈଳାସରୁ ରାବଣ ତାଙ୍କ ମାଆଙ୍କ ପାଇଁ ଗୋଟିଏ ଶିବ ଲିଙ୍ଗ ଆଣି ଲଙ୍କାକୁ ନେଇଯାଉଥିଲେ । ସେତେବେଳେ ଯିବା ରାସ୍ତାରେ ରାବଣଙ୍କୁ ପରିସ୍ରା ଲାଗିଲା ତେଣୁ ସେ ଶିବଲିଙ୍ଗଙ୍କୁ ସେଠାରେ ଜଣେ ଗାଇ ଜଗୁଆଳିକୁ ଧରେଇ ଦେଇ ଯାଇଥିଲେ କାରଣ ଗୋଟେ ସର୍ତ୍ତ ଥିଲା କି ମୁଁ ଯେଉଁଠି ବସିବି ସେଠୁ ମୁଁ ଆଉ ଉଠିବି ନାହିଁ ତେଣୁ ସେ ଜଗୁଆଳିଙ୍କୁ ଧରେଇ ଦେଇ ଯାଇଥିଲେ । ହେଲେ ଜଗୁଆଳି ଜଣକ ଶିବଲିଙ୍ଗଙ୍କୁ ରାବଣ ଆସିବା ପୂର୍ବରୁ ସେ ତଳେ ରଖିଦେଇ ପଳେଇ ଯାଇଥିଲେ । ରାବଣ ସ୍ନାନ କରି ଆସି ଦେଖନ୍ତି ତ ଶିବ ତଳେ ବସିଥାନ୍ତି । ତେଣୁ ସେ ସେଠାରେ ହିଁ ଅନ୍ତର୍ଦ୍ଧାନ ହୋଇଗଲେ । ତେଣୁ ରାବଣ ଶିବଙ୍କୁ ନେଇ ପାରିଲେ ନାହିଁ । ସେ ଗାଇ ଜଗୁଆଳ ଜଣକ ଥିଲେ କୃଷ୍ଣ । ଏ ପୌରାଣିକ କାହାଣୀ ସତ୍ୟଯୁଗର ଏକ କାହାଣୀ । ଏ ଯୁଗର ଜଣେ ଭକ୍ତଙ୍କୁ ସ୍ୱପ୍ନାଦେଶ କ୍ରମେ ମାଟିତଳେ ଥିବା ଲିଙ୍ଗକୁ ମାଟି ଖୋଳି ଉପରକୁ ଆଣି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ୍ଦିର ସ୍ଥାପନ କରାଯାଇଥିଲା । ଆଜି ତାହା ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର ରୂପେ ପୁଜା ପାଉଛନ୍ତି । ଏହିପରି ଅନେକ ପୌରାଣିକ କାହାଣୀ ଆମ ଓଡ଼ିଶାରେ ରହିଛି । ତାରି ଭିତରେ ଅନେକ କୀର୍ତ୍ତି ମଧ୍ୟ ରାଜା ମହାରାଜା ମାନଙ୍କର ରହିଛି । ଓଡ଼ିଆର ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଠାରେ ରାଇବଣିଆ ଦୁର୍ଗ ଓ ଲକ୍ଷ୍ମଣନାଥ ଠାରେ ଲକ୍ଷ୍ମଣନାଥ ଗଡ଼ ତାର ମୁକ ସାକ୍ଷୀ । ଆଜି ରାଇବଣିଆ ଦୁର୍ଗ ଭଗ୍ନ ଅବସ୍ଥାରେ ଦଣ୍ଡାୟମାନ । ତଥାପି ସେଠାରେ ଅନେକ କିଛି ପୌରାଣିକ କୀର୍ତ୍ତି ଭରିରହିଛି । ଏହାଛଡା ଅନେକ କୀର୍ତ୍ତି ଓ ଦୂର୍ଗ ଆମ ରାଜ୍ୟ ଓଡ଼ିଶାର ଭରିରହିଛି । ଭୁବନେଶ୍ୱର ଠାରେ ଅବସ୍ଥିତ ଖଣ୍ଡଗିରି ଉଦୟଗିରି ମଧ୍ୟ ଏକ ପୂରାତନ କୀର୍ତ୍ତି । ଏହିପରି ଅନେକ ମନ୍ଦିର ଦୂର୍ଗ ଓ କୀର୍ତ୍ତି ଆମ ଓଡ଼ିଶାରେ ଭରି ରହିଛି, ଯାହାକି ଆଜି ବି ଲୋକେ ଜାଣି ପାରୁନାହାନ୍ତି । ସେ ସବୁର ବିକାଶ ହେଲେ ଆମ ସଂସ୍କୃତିରେ ଆମେ ଆହୁରି ଆଗକୁ ଅଗ୍ରଗତି କରିପାରିବା । ଆମ ଅଞ୍ଚଳ ସହରରେ ଅନେକ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ରହିଛି, ଯାହାକି ଆମକୁ ଓ ଆମ ଅଞ୍ଚଳକୁ ବୁଲି ଆସୁଥିବା ଅନେକ ପର୍ଯ୍ୟଟକଙ୍କର ମନକୁ ଆକର୍ଷିତ କରିଥାଏ । କିନ୍ତୁ ଆମ ରାଜ୍ୟରେ ଏକ ସ୍ୱତନ୍ତ୍ର ନୃତ୍ୟ ଓ ସଙ୍ଗୀତ ରହିଛି । ଯାହାକି ସାରା ବିଶ୍ୱରେ ପ୍ରସିଦ୍ଧ । କେବଳ ନୃତ୍ୟ ଓ ସଙ୍ଗୀତ ନୁହେଁ ଆମର ମଧୁର ଭାଷା ଓଡ଼ିଆ ମଧ୍ୟ ଅନେକ ବୈଦେଶିକ ପର୍ଯ୍ୟଟକ ମାନଙ୍କ ମନକୁ ଆକର୍ଷିତ କରିଥାଏ । ଆମର ନୃତ୍ୟ ଓଡିଶୀ ନୃତ୍ୟ ଯାହାର କି ଛମ୍ ଛମ୍ ରୁଣୁଝୁଣୁ ଶବ୍ଦ ମନରେ ଅନେକ କିଛି ଚିନ୍ତା ସୃଷ୍ଟି କରେ । ଥରୁଟିଏ ତାକୁ ମନ ପୁରେଇ ଦେଖିଲେ ମନ ପୁଣି ନାକେଦମ କରେ, ତାର ସେଇ ଅପୁର୍ବ ଦୃଶ୍ୟକୁ ପୁଣି ଟିକେ ଦର୍ଶନ କରିବା ପାଇଁ । ଯେଉଁଠି ମଞ୍ଚରେ ତାର ସେଇ ଝୁମଝୁମ ଶବ୍ଦ ଶୁଭେ, ସେଇଠି ପ୍ରମୀ ଯୁଗଳଙ୍କ ଭିଡ ଲାଗି ରହେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଗଡି ଗଲେବି ମନ ପୁଣି ଛାତିକୁ ପଥର କରି ସେଇଠି ବସି ରହେ । ଠିକ୍ ସେହିପରି ତାର ସେଇ ଭାବପୂର୍ଣ୍ଣ ଓଡ଼ିଆ ସଂଗୀତ ଯେପରି ଆମ ମାଆର ଜହ୍ନ ମାମୁଁ ଗୀତ ପରି ପ୍ରେମରେ ଭରା ତାର ପ୍ରତ୍ୟେକଟି ଛାନ୍ଦ ମନ ଓ ହୃଦୟକୁ ସ୍ପର୍ଶ କରେ । ସେଇ ଅମାପ କଳାକୁ ଯିଏ ପ୍ରଦର୍ଶନ କରେ ସେ ଆଜି ଓଡ଼ିଶାରେ ନୁହେଁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସେ ଏପରି ଏକ ଚମତ୍କାରିତା ଯାହାକି ଦୁଃଖିର ମନକୁ ଏପରି ଖୁସି କରାଏ ତାର ପରିକଳ୍ପନା ନାହିଁ । ତାର ନୃତ୍ୟ ସଙ୍ଗୀତ ଯେମିତି ମଧୁର ସେମିତି ତାର ଓଡ଼ିଆ ଭାଷା କି ! ହୃଦୟ ସ୍ପର୍ଶ । ସେଇ ଓଡ଼ିଆ ଭାଷା ଆମର ଏତେ ମଧୁର ଯେ ବିଦେଶରୁ ଆସିଥିବା ପର୍ଯ୍ୟଟକଟିଏ ଆମ ଓଡ଼ିଶାର ଭାଷା ଓଡ଼ିଆକୁ ଉଚ୍ଚାରଣ କରିବା ପାଇଁ ନିଜର ଆଗ୍ରହ ପ୍ରକାଶ କରନ୍ତି । ଏପରିକି ଓଡ଼ିଆରେ ଓଡ଼ିଆ ଭାଷାର ଗୌରବକୁ ଗୌରବାନ୍ୱିତ ମଧ୍ୟ କରିଛନ୍ତି । ସେ ଓଡ଼ିଆ ଭାଷା ଏତେ ମଧୁର ଯେ ତାହା ଅବର୍ଣ୍ଣନୀୟ । ଓଡିଆ ଭାଷା ଲୋପ କରିବା ପାଇଁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଷଡଯନ୍ତ୍ର ଚାଲିଥିଲା । କିନ୍ତୁ ଓଡ଼ିଆ ଭାଷାକୁ ଉପଯୁକ୍ତ ମର୍ଯ୍ୟାଦା ଦେବା ପାଇଁ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଏବଂ ଫକିରମୋହନ ସେନାପତି ଓ ରାଧାନାଥ ରାୟ ସମର୍ଥ ହୋଇଥିଲେ । ମଧୁସୂଦନ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପବନ୍ଧୁ ଦାସ, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଗଙ୍ଗାଧର ମେହେର ପ୍ରଭୃତି ଆଧୁନିକ ଓଡ଼ିଆ ସାହିତ୍ୟର ପୁରୋଧାଗଣ ଜାତୀୟବାଦୀ ଲେଖା ମାଧ୍ୟମରେ ଓଡ଼ିଶାର ନରନାରୀଙ୍କୁ ଉଦବୁଦ୍ଧ କରିଥିଲେ । ସତରେ ଓଡ଼ିଶାର ଅପୂର୍ବ ସଂସ୍କୃତି ଓ ପରମ୍ପରା ପାଇଁ ସାରା ବିଶ୍ୱରେ ଆଜି ଏହା ପରିଚିତ ଓ ଲୋକପ୍ରିୟ ।

ଜଳେଶ୍ୱର, ବାଲେଶ୍ୱର

ମୋ-୮୯୧୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲଣ୍ଠନ



ଅନନ୍ତ କୁମାର

ସମୟ ଥିଲା ଗାଁ ଯାକର କିଟିକିଟି ଅନ୍ଧାରକୁ ଦୂର କରୁଥିଲା, ସାରା ଗାଁରେ ଘରେ ଘରେ ମିଞ୍ଜିମିଞ୍ଜି ଆଲୁଅ ଦେଇ ପରିବାରକୁ ଆଲୋକିତ କରୁଥିଲା, କେଇ ଟୋପା କିରୋସିନରେ, ଘର, ବାହର ଆଲୋକିତ କରୁଥିଲା, ଏମିତି କି ସେତେବେଳର ଲୋକ ହାଟ କରିବାକୁ ଲଣ୍ଠନ ନେଇ ଯିବା ଆସିବା କରୁଥିଲେ, ସବୁ ଗାଁର କାମକାର୍ଯ୍ୟରେ ମଧ୍ୟ ଦେଖା ଯାଉଥିଲା, ମନ୍ଦିରରେ ରାତି ଯାକ, ଯୁକୁ ଯୁକୁ ହେଇ ସାରା ମନ୍ଦିରକୁ ଆଲୋକିତ ପ୍ରଦାନ କରୁଥିଲା, ନା ବିଲ ଦେବାକୁ ପଡୁଥିଲା, ନା କିଛି ଅଧିକ ମୂଲ୍ୟ ଥିଲା, ବାସ କେଇ ଟଙ୍କାରେ କାଚ, ସଳିତା, ଆଉ ଟିକେ କିରୋସିନିରେ ଆଲୋକିତ କରୁଥିଲା, ଝଡ, ପବନ, ବାତ୍ୟା, ବନ୍ୟା ସବୁର ସାହା ଭରସା ସେତେବେଳେ ଏହି ଲଣ୍ଠନ, କେତେ ବଡ ବଡ ଝଡ, ତୋଫାନ ଭଳି ବିପଦରେ ସାହା ଏହି ମିଞ୍ଜି ମିଞ୍ଜି ଜଳୁଥିବା ଲଣ୍ଠନ, ଚାଷୀ ଘରର ପରିବାରରେ ହାତ ବାରିସି ସଦାବେଳେ ମିଞ୍ଜି, ମିଞ୍ଜି ଜଳୁଥିବା ଲଣ୍ଠନ, ରାତି ଅଧରେ କ୍ଷେତ ଜଗିବା ହେଉ, ରାତି ଅଧରେ ଚାଷ ଜମିକୁ ପାଣି ବୋହିବା ହେଉ ସବୁବେଳେ ଚାଷୀ ହାତରେ ଲଣ୍ଠନ ଥାଏ, ନା ଥାଏ ଡାହାଣି, ଚିରିଗୁଣିକୁ ଡର ନା ଥାଏ ମଶାଣିକୁ, ଯେତେ ରାତି ହେଉ ପଛେ ଯଦି କାହାରି ଶବ ଯାଏ ମଶାଣିକୁ, ଲଣ୍ଠନ ସମସ୍ତଙ୍କ ହାତରେ ଥାଏ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେ ବେଳେ ଲଣ୍ଠନ ସବୁ କ୍ଷେତ୍ରରେ ଆଗରେ ଥିଲା, ବିଜୁଳି ବତୀ କଣ ପିଲା ଦେଖି ନ ଥିଲେ, ଏହି ଲଣ୍ଠନର ଯୁକୁ ଯୁକୁ ଆଲୁଅରେ ବହିର କିଛି ଅଂଶ ଦେଖାଗଲେ ଅନ୍ୟ ଅଂଶ ଲୁଚି ଯାଏ ଛାଇରେ ତଥାପି, ଅନେକ ପିଲାମାନଙ୍କ ଭବିଷ୍ୟତ ଆଲୋକିତ କରିଛି ଏ ଲଣ୍ଠନ, ଏହି ଲଣ୍ଠନରେ ପିଲା ମାନେ ପାଠ ପଢ଼ି ବଡ ବଡ ହାକିମ ହେଇଛନ୍ତି, ଛୋଟ ଆଲୋକରେ ପାଠ ପଢି ନିଜର ଭବିଷ୍ୟତ ଉଜ୍ଜ୍ୱଳ କରିଛନ୍ତି, କିନ୍ତୁ ବର୍ତ୍ତମାନ ବିଜୁଳି ବତୀର ଆଲୋକରେ ସବୁ ଦେଖା ଯାଇ ମଧ୍ୟ ସହର ଗାଁ ଆଲୋକିତ ହେଇ ବି ପିଲାମାନେ ପାଠ ପଢ଼ିବାରେ ଏତେ ଗୁରୁତ୍ୱ ଦେଉ ନାହାଁନ୍ତି ।

ସତରେ ଆଜି ଗାଁଟା ସହର ସହର ଲାଗୁଛି ବିଜୁଳି ବତୀରେ, ଯିଏ ସାରା ଗାଁ ଗହଳିକୁ ଆଲୋକିତ କରୁଥିଲା ଯିଏ ନିଜକୁ ଜଳେଇ ପିଲାମାନଙ୍କ ଭବିଷ୍ୟତ ଆଲୋକ କରୁଥିଲା, ଆଜି ପୁରପଲ୍ଲୀରେ ହଜି ଗଲାଣି, ଲଣ୍ଠନ ଆଜି ଗାଁରେ ଦେଖିବାକୁ ମିଳୁ ନାହିଁ, ଏ ଅଧୁନା ଯୁଗର ମଣିଷ ସମୟର ତାଳ ସହିତ ଲଣ୍ଠନକୁ ଅଲୋଡା କରି ଦେଇଛି, ଯିଏ ଜଳି ଜଳି ଅନ୍ଧକାରକୁ ଦୂର କରି ଆଲୋକିତ କରୁଥୁଲା, ଆଜି ସେ ଲଣ୍ଠନ ବିଜୁଳି ବତୀର ଆଲୁଅ ପାଇଁ ସେ ଅନ୍ଧକାର ଭିତରକୁ ଠେଲି ହେଇ ଯାଇଛି ।

ସତରେ ସେ ଦିନ ଆଉ ସେ ସ୍ମୃତି ବହୁତ ଭଲ ଲାଗୁଥିଲା, ଏ ଆଧୁନିକ ଯୁଗ ଉନ୍ନତି କରିଛି କିନ୍ତୁ ଅତୀତର ଖୁସି ଦେଇ ପାରୁନାହିଁ ।

ଅନନ୍ତ କୁମାର, ତିହିଡି, ଭଦ୍ରକ,

ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁନ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଜୁନ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan